


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-133 ♦SUNDAY ♦9 NOVEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୩୩ ♦ରବିବାର ♦୯ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


**ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିର ଅଘଟଣ**

# ଦଳାଚକଟା ପାଇଁ ପୁଲିସ ଦାୟୀ

## ୭ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

■ **ଭୁବନେଶ୍ୱର/ପୁରୀ, ୮।୧୧ (ସମିସ):** ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ନିକଟ ଶରଧାବାଲିରେ ଘଟିଥିବା ଦଳାଚକଟା ଘଟଣା ପାଇଁ ୭ ଜଣ ପୁଲିସ ଅଧିକାରୀଙ୍କୁ ଦାୟୀ କରିଛି ତଦନ୍ତ କମିଟି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଟି ସୁପାରିସ କରିଛି। ଏହି ସୁପାରିସକୁ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ଗୃହ ବିଭାଗ ପକ୍ଷରୁ ଏ ସଂପର୍କରେ ପୁଲିସ ଡିଜି ଏବଂ ଆଇଜିଙ୍କୁ ପତ୍ର ଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭିଡ଼ ନିୟନ୍ତ୍ରଣରେ ସମନ୍ୱିତ ନିୟନ୍ତ୍ରଣ କେନ୍ଦ୍ର (ଆଇସିସିସି) ବ୍ୟବସ୍ଥା ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ଏହାକୁ ଉପକରଣ ଯୋଗାଇଥିବା ଠିକା ସଂସ୍ଥା ମେସର୍ସ ଇନ୍‌ଭେଣ୍ଟ ଗ୍ରୀଡ୍ ଇଣ୍ଡିଆକୁ କଳା ତାଲିକାଭୁକ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି।

**ପୁଲିସ ଡିଜି ଓ ଆଇଜିଙ୍କୁ ଗୃହ ବିଭାଗର ଚିଠି**

**କଳା ତାଲିକାଭୁକ୍ତ ହେବ ଇନ୍‌ଭେଣ୍ଟ ଗ୍ରୀଡ୍ ଇଣ୍ଡିଆ**


**ସେବାୟତ ଓ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ନୀତିକାନ୍ତିରେ ବିଳମ୍ବ**




ସୂଚନାଯୋଗ୍ୟ, ଗତ ଜୁନ୍ ୨୯ ତାରିଖ ଭୋର ସମୟରେ ଦଳାଚକଟା ଘଟି ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଥିଲେ। ଏହି ଘଟଣାରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ନେତୃତ୍ୱରେ ପ୍ରଶାସନିକ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ଘଟଣାର ତଦନ୍ତ ସାରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟରେ ଏହି ଅଘଟଣ ପାଇଁ ଏକାଧିକ କାରଣ ଦର୍ଶାଯାଇଥିବା ବେଳେ ମୋଟ ୭ ଜଣ ପୁଲିସ ଅଧିକାରୀଙ୍କୁ ଦାୟୀ କରାଯାଇଛି। ଏହି ଅଧିକାରୀମାନେ ହେଲେ କମାଣ୍ଡାଣ୍ଟ ଅଜୟ କୁମାର ପାଢ଼ୀ(ଓଏପିଏସ), ଡିସିପି ବିଷ୍ଣୁ ପ୍ରସାଦ ପତି, କମାଣ୍ଡାଣ୍ଟ ତାପସ ରଞ୍ଜନ ଦାସ (ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ), ଡେପୁଟି କମାଣ୍ଡାଣ୍ଟ କେ କେ ନାୟକ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, କୁମ୍ଭାରପଡ଼ା ଥାନାର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ (ଡିଏସ୍‌ପି) ଓ କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସ। ଏମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ▶ପୃଷ୍ଠା-୭

**କଟକ ମଣିସାହୁ ଛକ ପ୍ରାଚୀ ଆପାର୍ଟମେଣ୍ଟରେ ଅଘଟଣ**

# ବାଲ୍‌କୋନୀ ଭୁଶୁଡ଼ି ବାପା- ମା'-ପୁଅ ମୃତ





■ **କଟକ, ୮।୧୧ (ସମିସ):** କ୍ୟାଣ୍ଟନମେଣ୍ଟ୍ ଥାନା ଅନ୍ତର୍ଗତ ମଣିସାହୁ ଛକ ନିକଟରେ ଥିବା ହାଡ଼ିବନ୍ଧୁ ବିଦ୍ୟାପୀଠ ସମ୍ମୁଖସ୍ଥ ପ୍ରାଚୀ ଏନ୍‌କ୍ଲେଭ୍‌ରେ ଆଜି ଏକ ବଡ଼ଧରଣର ଅଘଟଣ ଘଟିଛି। ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଏହି ପୁରାତନ ଆପାର୍ଟମେଣ୍ଟର ଜି-୫ ଫ୍ଲାଟ୍‌ର ବାଲକୋନୀ ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ବାଲକୋନୀଟି ଭୁଶୁଡ଼ି ତଳେ ଥିବା ଏକ ଆଜବେଷ୍ଟସ୍ ଘର ଉପରେ ପଡ଼ିବାରୁ ଏହି ଅଘଟଣ ଘଟିଛି। ସେହି ଘରେ ରହୁଥିବା ପରିବାରର ବାପା, ମା' ଓ ଶିଶୁପୁତ୍ରର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକମାନେ ହେଲେ, ଅବଦୁଲ୍ ଜଲିଲ୍ (୬୦), ଅବଦୁଲ୍ ମୁଜାହିଦ୍ (୪) ଏବଂ ରେହେମାତୁନ୍ ନିଶା (୫୦)। ପରିବାରର ଅନ୍ୟ ୪ ସଦସ୍ୟ ଅବଦୁଲ୍ ଜାହିଦ୍ (୩୦), ସହିନା ବେଗମ୍ (୨୯), ରିହାନ ଖାନ (୮) ଏବଂ ଅବଦୁଲ୍ ରହେମାନ (୩) ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଏସ୍‌ସିବି ବଡ଼ ମେଡିକାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ▶ପୃଷ୍ଠା-୭


**ପରିବାରର ୪ ସଦସ୍ୟ ଗୁରୁତର, ଏସ୍‌ସିବିରେ ଭର୍ତ୍ତି**

**ବିପଦସଙ୍କୁଳ ଅବସ୍ଥାରେ ଥିଲା ପୁରାତନ ଫ୍ଲାଟ୍**

# ଡିସେମ୍ବର ୧ରୁ ସଂସଦର ଶୀତକାଳୀନ ଅଧିବେଶନ

■ **ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ଆସନ୍ତା ଡିସେମ୍ବର ପହିଲା ତାରିଖରୁ ଆରମ୍ଭ ହେବ ସଂସଦର ଶୀତକାଳୀନ ଅଧିବେଶନ। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ମୋଟ୍ ୧୪ ଦିନର କାର୍ଯ୍ୟଦିବସ ରହିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ 'ଏକ୍ସ' ଜରିଆରେ ଏହି ସୂଚନା ଦେଇଛନ୍ତି। ତେବେ ଶୀତ ଅଧିବେଶନକୁ ବିଳମ୍ବରେ ଏବଂ ପୁଣି କମ୍ ସମୟ ପାଇଁ ଆହ୍ୱାନ କରାଯାଇଥିବାରୁ ବିରୋଧୀ ଦଳ ଏହା ତୀବ୍ର ସମାଲୋଚନା କରିଛନ୍ତି।

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି ଯେ ୧ ତାରିଖରୁ ସଂସଦ ଅଧିବେଶନ ଆରମ୍ଭ କରିବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ ପ୍ରଦାନ କରିଛନ୍ତି। ଅଧିବେଶ ▶ପୃଷ୍ଠା-୭



**୧୪ ଦିନର କାର୍ଯ୍ୟ ଦିବସକୁ ନେଇ ଆପତ୍ତି ଉଠାଇଲେ ବିରୋଧୀ**

# ଏଣିକି ସ୍ୱୟଂଚାଳିତ ହେବ ପିଏଫ୍ ଟ୍ରାନ୍ସଫର

■ **ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ଚାକିରିଆଙ୍କ ପାଇଁ ବଡ଼ ଖବର ଆସିଛି। ଏବେ ଚାକିରି ବଦଳାଇଲେ ଆଉ ଭବିଷ୍ୟ ନିଧି ପାଣ୍ଠି (ପିଏଫ) ଟ୍ରାନ୍ସଫର ପାଇଁ ଫର୍ମ ପୂରଣ କିମ୍ବା ମାସ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବନି। ଏହି ସମସ୍ୟାରୁ ମୁକ୍ତି ଦେବା ପାଇଁ ଇପିଏଫଓ ପକ୍ଷରୁ ସ୍ୱୟଂଚାଳିତ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହା ଚଳିତ ବର୍ଷ ଶେଷ ସୁଦ୍ଧ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। ଏହା ମାଧ୍ୟମରେ କୋଟି କୋଟି କର୍ମଚାରୀଙ୍କ ପିଏଫ ▶ପୃଷ୍ଠା-୭

**ଚାକିରି ବଦଳାଇବାର ୫ ଦିନ ଭିତରେ ନୂଆ ଆକାଉଣ୍ଟକୁ ଆସିଯିବ ପିଏଫ ଅର୍ଥ**

**ପୂର୍ବରୁ ଏଥିପାଇଁ ମାସ ମାସ ଲାଗୁଥିଲା**




## ଜମ୍ମୁ-କଶ୍ମୀରରେ ଡାକ୍ତରଙ୍କ ଲକରରୁ ମିଳିଲା ଏକେ-୪୭

ଶ୍ରୀନଗର, ୮ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀର ଶ୍ରୀନଗରରେ ଡାକ୍ତର ଆଦିଲ ଅହମ୍ମଦଙ୍କ ଲକରରୁ ଏକ ଏକେ-୪୭ ରାଇଫଲ ଜବତ କରାଯାଇଛି । ସେ ଅନନ୍ତନାଗର ବାସିନ୍ଦା । ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ସେ ଅନନ୍ତନାଗର ଜିଏମ୍‌ସିରେ ନିୟୋଜିତ ଥିଲେ । ତାଙ୍କୁ ଗିରଫ କରାଯାଇ ପଚରାଉଚରା କରାଯାଉଛି । ପୁଲିସ ତାଙ୍କ ବିରୋଧରେ ୟୁଏପିଏ ଆଇନ୍ ଅନୁସାରେ ମାମଲା ରୁଜୁ କରିଛି । ତାଙ୍କ ଲକରରୁ ଏକେ-୪୭ ଭଳି ରାଇଫଲ୍ ମିଳିଥିବାରୁ ସେ ଆତଙ୍କବାଦୀ ଗତିବିଧି ସହ ଜଡିତ ଥିବା ସନ୍ଦେହ କରାଯାଉଛି । ବିନା ଲାଇସେନ୍ସରେ ଏକେ-୪୭ ରାଇଫଲ ରଖିଥିବାରୁ ଭାରତୀୟ ଆର୍ମ୍ସ ଆକ୍ଟ ଅନୁସାରେ ୧୯୫୯ ଅନୁସାରେ ତାଙ୍କ ବିରୋଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି । ପୁଣି ଯଦି ସେ ଆତଙ୍କବାଦୀ ଗତିବିଧି ସହ ଜଡିତ ଥିବେ ତେବେ, ତାଙ୍କ ବରୋଧରେ ୟୁଏପିଏ (ଅନଲଫୁଲ୍ ଆକ୍ଟିଭିଟିଜ ପ୍ରିଭେନସନ ଆକ୍ଟ, ୧୯୬୭) ଅନୁସାରେ ମାମଲା ରୁଜୁ କରାଯିବ ବୋଲି କୁହାଯାଇଛି ।

## ବିହାର ନିର୍ବାଚନ: ସମସ୍ତିପୁର ସଡ଼କରୁ ମିଳିଲା ବହୁ ସଂଖ୍ୟାରେ ଭିଭିପାଟ ସ୍ଲିପ୍

ପାଟନା, ୮ ।୧୧(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ସମସ୍ତିପୁରର ସାରାଇରଞ୍ଜନ ଅଞ୍ଚଳର କେଏସ୍‌ଆର କଲେଜ ସଡ଼କରେ ବହୁ ସଂଖ୍ୟାରେ ଭିଭିପାଟ୍ ସ୍ଲିପ୍ ପଡ଼ିଥିବାର ଦେଖାଯାଇଛି । ଏହି ମାମଲାରେ ନିର୍ବାଚନ କମିସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇ କର୍ମଚାରୀଙ୍କୁ ଦାୟିତ୍ୱରୁ ହଟାଇଛନ୍ତି । ଏନେଇ ଯାଞ୍ଚ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଦୋଷୀ ଯିଏବି ହୁଅନ୍ତୁ ନା କାହିଁକି, ତାଙ୍କ ବିରୋଧରେ ଏଫ୍‌ଆଇଆର ଦାଏର କରାଯିବ ବୋଲି କୁହାଯାଇଛି । ତେବେ ଏହା ଭୋଟ ଗଣିତରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କୁହାଯାଇଛି । ନଭେମ୍ବର ୬ରେ ପ୍ରଥମ ପର୍ଯ୍ୟାୟର ମତଦାନ ହୋଇଥିଲା । ସରାଇରଞ୍ଜନ ବିଧାନସଭାବରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହୋଇଥିଲା ।

## ଅଷ୍ଟ୍ରେଲିଆ ପଳାଇଲେ ଦୁଷ୍କର୍ମ ଅଭିଯୁକ୍ତ ବିଧାୟକ

ଲୁଧିଆନା, ୮ ।୧୧(ଏଜେନ୍ସି): ପଞ୍ଜାବର ପଟିଆଲା ଜିଲ୍ଲାର ସନାଉର ନିର୍ବାଚନ ମଣ୍ଡଳୀର ଆମ ଆଦମୀ ପାର୍ଟି ବିଧାୟକ ହରମିତ ପଠାନମାଜରା ଅଷ୍ଟ୍ରେଲିଆ ପଳାଇଛନ୍ତି । ଏକ ଦୁଷ୍କର୍ମ ଅଭିଯୋଗରେ ତାଙ୍କୁ ଗିରଫ କରାଯାଉଥିବା ଅବସରରେ ସେ କର୍ଣ୍ଣାଲରୁ ଫେରାର ହୋଇଯାଇଥିଲେ । ହରମିତଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ ଜାରି ହେବା ପରେ ଏହି କଥା ସାମ୍ନାକୁ ଆସିଥିଲା । ହରମିତ ଅଷ୍ଟ୍ରେଲିଆରେ ଏକ ଘରୋଇ ନ୍ୟୁଜ୍ ଚ୍ୟାନେଲ ସାକ୍ଷାତକାର ଦେଇ ନିଜ ଉପରେ ହେଉଥିବା କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଭାଗବନ୍ତ ମାନଙ୍କୁ ଦାୟୀ କରିଛନ୍ତି । ମାନଙ୍କ ନିକଟରେ ଅଭିଜ୍ଞତାର ଯଥେଷ୍ଟ ଅଭାବ ରହିଛି । ମନ୍ତ୍ରୀ ଓ ବିଧାୟକ ରବରଷ୍ଟାମ୍ପ ଭଳି କାର୍ଯ୍ୟ କରୁଛନ୍ତି । ବିଧାୟକଙ୍କର ୫ ପଇସାର ମୂଲ୍ୟ ନାହିଁ ବୋଲି ସେ କହିଛନ୍ତି । ଏବେ ଅଷ୍ଟ୍ରେଲିଆରେ ଅଛି । ଜାମିନ ମିଳିବା ପରେ ଯାଇ ନିଜ ଅଞ୍ଚଳକୁ ଯିବି ଓ ଲୋକଙ୍କୁ ଭେଟି ପରବର୍ତ୍ତୀ ପଦକ୍ଷେପ ସମ୍ପର୍କ ନେଇ ଆଲୋଚନା କରିବି ବୋଲି ସେ କହିଛନ୍ତି ।

## ପାକ୍- ଆଫଗାନ୍ ଶାନ୍ତି ଆଲୋଚନା ପୁଣି ବିଫଳ

ଇସଲାମାବାଦ୍/କାବୁଲ, ୮ ।୧୧(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ତୃତୀୟଥର ପାଇଁ ଶାନ୍ତି ଆଲୋଚନା ବିଫଳ ହୋଇଛି । କାତାର ଓ ତୁର୍କୀର ମଧ୍ୟସ୍ତତାରେ ଇସ୍ତାନବୁଲ୍‌ରେ ଆୟୋଜିତ ଦୁଇଦିନିଆ ଶାନ୍ତି ଆଲୋଚନା ବିନା କୌଣସି ନିଷ୍କର୍ଷରେ ସମାପ୍ତ ହୋଇଛି । ଏଥିପାଇଁ ଦୁଇ ଦେଶ ପରସ୍ପରକୁ ଦାୟୀ କରିଛନ୍ତି । ପାକିସ୍ତାନର ଦାୟିତ୍ୱହୀନତା ପାଇଁ ଏହି ଆଲୋଚନା ବିଫଳ ହୋଇଛି ବୋଲି ଆଫଗାନିସ୍ତାନ କହିଛି । ପାକିସ୍ତାନ ବ୍ୟବହାରିକ ଓ ଲାଗୁ ହେବା ଭଳି ସର୍ତ୍ତ ରଖିବ ବୋଲି ଆଶା କରାଯାଉଥିବା କଥା ତାଲିବାନ ସରକାରଙ୍କ ମୁଖପାତ୍ର ଜବିହଲ୍ଲା ମୁଜାହିଦ୍ କହିଛନ୍ତି । କିନ୍ତୁ ସେପରି କିଛି ହୋଇ ନଥିଲା । ପାକିସ୍ତାନୀ ଆମର ଭାଇ ଓ ବନ୍ଧୁ । କିନ୍ତୁ ଯଦି ଯଦି ପାକିସ୍ତାନ ଆକ୍ରମଣ କରେ ତା'ର ଦୃଢ଼ ଜବାବ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ପାକିସ୍ତାନ ସୁରକ୍ଷାର ସବୁ ଦାୟିତ୍ୱ ଆଫଗାନିସ୍ତାନ ଉପରେ ନ୍ୟସ୍ତ କରିଥିଲା । କିନ୍ତୁ ନିଜେ ସୁରକ୍ଷାର କୌଣସି ଦାୟିତ୍ୱ ନେବାକୁ ପ୍ରସ୍ତୁତ ନଥିଲା । ପାକିସ୍ତାନର ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ମୁଜାହିଦ୍ କହିଛନ୍ତି ।

## ଦୁଇ ଝିଅଙ୍କ ସହ ପେଟ୍ରୋଲ ପମ୍ପ ମାଲିକଙ୍କ ଆତ୍ମହତ୍ୟା

ଅହମଦାବାଦ, ୮ ।୧୧(ଏଜେନ୍ସି): ଗୁଜରାଟ୍ ଗାନ୍ଧୀନଗରରେ ବିଚଳିତ କଲା ଭଳି ଏକ ଘଟଣା ସମ୍ନାକୁ ଆସିଛି । ୩ଟି ପେଟ୍ରୋଲ ପମ୍ପର ମାଲିକ ନିଜ ଦୁଇ ଝିଅଙ୍କ ସହ ଆତ୍ମହତ୍ୟା କରିଛନ୍ତି । ନର୍ମଦା କେନାଲରୁ ପୁଲିସ ୩ଜଣଙ୍କ ମୃତଦେହ ଉଦ୍ଧାର କରିଛି । ଦୁଇଦିନ ତଳେ ଅର୍ଥାତ ନଭେମ୍ବର ୭ରେ ପେଟ୍ରୋଲ ପମ୍ପ ମାଲିକ ନିଜ ଦୁଇ ଝିଅଙ୍କର ଆଧାରକାର୍ଡ ଅପ୍‌ଡେଟ୍ କରିବାକୁ ଘରୁ ବାହରି ଥିଲେ ଓ ଏହାପରେ ସେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ । ଫଳରେ ତାଙ୍କୁ ଖୋଜିବାକୁ ପ୍ରୟାସ ଆରମ୍ଭ ହୋଇଥିଲା । ପୁଲିସ ଏହି ମାମଲାର ସବୁ ଦୃଷ୍ଟିକୋଣରୁ ଯାଞ୍ଚ କରୁଛି । ମୃତକଙ୍କୁ ଚିହ୍ନଟ କରାଯାଇଛି । ସେ ହେଉଛନ୍ତି ଗାନ୍ଧୀନଗରର ଜିଲ୍ଲାର କଲୋଲ ଅଞ୍ଚଳର ବୋରିନାନା ଗାଁର ଧୀରଜ ଭାଇ ଭଲାଭାଇ ରବାରୀ । ଏହି ଘଟଣା ରବାରୀ ସମ୍ପ୍ରଦାୟରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## ଡାଇବେଟିକ, ହୃଦ୍‌ରୋଗୀ, ମୋଟା ଲୋକଙ୍କୁ ଭିସା ଦେବନି ଆମେରିକା




ୱାସିଂଟନ, ୮ ।୧୧(ଏଜେନ୍ସି): ମୋଟାପଣ, ମଧୁମେହ, ହୃଦ୍‌ରୋଗ ଓ କର୍କଟ ଭଳି ରୋଗ ସହ ସଂଘର୍ଷ କରୁଥିବା ଲୋକଙ୍କୁ ଏବେ ଆମେରିକାରେ ପ୍ରବେଶ କରିବା କଷ୍ଟକର ହେବ । ଆମେରିକାର ବୈଦେଶିକ ବିଭାଗ ଶୁକ୍ରବାର ବିଶ୍ୱର ବିଭିନ୍ନ ଦେଶରେ ଥିବା ଆମେରିକା ଦୂତାବାସ ଓ ବାଣିଜ୍ୟିକ ଦୂତାବାସକୁ ଏକ ବିଚିତ୍ର ନିର୍ଦ୍ଦେଶ ଦେଇଛି । ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ଲୋକଙ୍କୁ ଆମେରିକ ଆସିବାକୁ ଅନୁମତି ନ ଦେବାକୁ ଦୂତାବାସଗୁଡିକୁ କୁହାଯାଇଛି । ଏହି ନୂଆ ନିୟମ 'ପବ୍ଲିକ ଚାର୍ଜ' (ସାର୍ବଜନୀକ ବୋଝ) ନୀତି ଉପରେ ଆଧାରିତ । ସରକାରଙ୍କ ବୋଝ କମ୍ କରିବାକୁ ଏପରି ନିଷ୍ପତ୍ତି ନିଆଯାଇଛି । ଆମେରିକା ସରକାରଙ୍କ ସଂଶାଧନ ଉପରେ ନିର୍ଭର କରିବାକୁ ଥିବା ପ୍ରବାସୀଙ୍କୁ ରୋକିବା ଉଦ୍ଦେଶ୍ୟ ।।ରେ ଏହି ନିୟମ ଜାରି କରାଯିବ ବୋଲି କୁହାଯାଇଛି । ଆବେଦକଙ୍କ ସ୍ୱାସ୍ଥ୍ୟ, ବୟସ ଓ ଆର୍ଥିକ ସ୍ଥିତିର ଯାଞ୍ଚ କରିବାକୁ ଆମେରିକା ତା'ର ଭିସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି । କୌଣସି ବ୍ୟକ୍ତି ଯଦି ଭବିଷ୍ୟତରେ ମହଙ୍ଗା ଚିକିତ୍ସା ଓ ସରକାରୀ ସହାୟତା ଉପରେ ନିର୍ଭର କରିବାର ସମ୍ଭାବନା ଥିବ ସେମାନଙ୍କ ଭିସା ପ୍ରତ୍ୟାଖାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରବାସୀ ଆମେରିକା ସରକାରଙ୍କ ଉପରେ ବୋଝ ସୃଷ୍ଟି କରିବେ ନାହିଁ ବୋଲି ଭିସା ଅଧିକାରୀ ସ୍ପଷ୍ଟ କରିବେ । ଏହିକ୍ରମରେ ହୃଦରୋଗ, ନିଃଶ୍ୱାସ ନେବାରେ ସମସ୍ୟା, କର୍କଟ ରୋଗ, ଡାଇବେଟିକ, ମେଟବୋଲିକ, ସ୍ନାୟବିକ ରୋଗ ଓ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ଲୋକ ଓ ଦିବ୍ୟାଙ୍ଗଙ୍କ ଦେଖାଶୁଣା ପାଇଁ ଲକ୍ଷ ଲକ୍ଷ ଡଲାର ଆବଶ୍ୟକତା ପଡ଼ିବ । ଏହାକୁ ବାଦ୍ ଦେଲେ ମୋଟାପଣ ଥିବା ଲୋକଙ୍କୁ ମଧ୍ୟ ଭିସା ନ ଦେବାକୁ କୁହାଯାଇଛି । କାରଣ ମୋଟପଣ ଯୋଗୁଁ ଉଚ୍ଚ ରକ୍ତଚାପ, ଶ୍ୱାସ, ସ୍ଲିପ ଏପନିଆ ଭଳି ରୋଗ ସୃଷ୍ଟି କରିବାର ସମ୍ଭାବନା ରହିଛି । କିନ୍ତୁ ଏହି ନୂଆ ନିୟମ କେଉଁ ଭିସା ଆଦେଦକଙ୍କ ଉପରେ ଲାଗୁ ହେବ ତାହା ସ୍ପଷ୍ଟ କରାଯାଇନାହିଁ । ତେବେ ନିୟମ ଦୃଷ୍ଟିରୁ ଦେଖିଲେ ଏହା ସବୁ ଭିସା ଆବେଦକଙ୍କ ଉପରେ ଲାଗୁ ହେବ ବୋଲି ଅନୁମାନ କରାଯାଉଛ ।

## ରୁଷିଆ ସେନାରେ ଭର୍ତ୍ତି ହୋଇଛନ୍ତି ୧୪୦୦ ଆଫ୍ରିକୀୟ: ୟୁକ୍ରେନ

କିଭ୍, ୮ ।୧୧(ଏଜେନ୍ସି): ୟୁକ୍ରେନ ସହ ଯୁଦ୍ଧ ଲଢ଼ିବା ପାଇଁ ରୁଷିଆ ୧୪୦୦ ଆଫ୍ରିକୀୟ ନାଗରିକଙ୍କୁ ତା'ର ସେନାରେ ଭର୍ତ୍ତି କରିଛି । ୟୁକ୍ରେନ୍ ବିଦେଶ ମନ୍ତ୍ରୀ ଆନ୍ଦ୍ରିଲ୍ ସିଭିଆ ଏ ନେଇ ସୂଚନା ଦେଇଛନ୍ତି । ଏହା ନିଶ୍ଚିତ ଭାବେ ଚିନ୍ତାଜନକ । ଆଫ୍ରିକୀୟ ଦେଶଗୁଡିକର ସରକାର ଏ ନେଇ ଅବଗତ ହେବା ଓ ନିଜ ନାଗରିକଙ୍କୁ ଏହି ଯୁଦ୍ଧରୁ ଦୂରେଇ ରହିବା ପାଇଁ ନିର୍ଦ୍ଦେଶ ଦେବା ଉଚିତ ବୋଲି ସେ କହିଛନ୍ତି । ରୁଷିଆ ବିଭିନ୍ନ ଉପାୟ ଅବଲମ୍ବନ କରି ଆଫ୍ରିକାର ଯୁବକଙ୍କୁ ତା'ର ସେନାରେ ଚତୁରତାର ସହ ଭର୍ତ୍ତି କରୁଛି । ସେମାନଙ୍କୁ ଅର୍ଥ ଲୋଭ ଦେଖାଯାଉଛି । ପୁଣି କେତେଜଣଙ୍କୁ ଠକାମୀ କରି ଚୁକ୍ତିରେ ସ୍ୱାକ୍ଷର କରିବାକୁ କୁହାଯାଉଛି । କେବଳ ସେତିକି ନୁହେଁ ଆଫ୍ରିକୀୟ ନାଗରିକମାନେ କ'ଣ ପାଇଁ ଚୁକ୍ତିରେ ସ୍ୱାକ୍ଷର କରୁଛନ୍ତି ସେ ନେଇ ଅବଗତ ମଧ୍ୟ ନଥାନ୍ତି କିମ୍ବା ସେମାନଙ୍କୁ ଚାପର ବଶବର୍ତ୍ତୀ କରାଯାଇ ସେନାରେ ଭର୍ତ୍ତି କରାଯାଉଛି । ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିବା ଅର୍ଥ ମୃତ୍ୟୁଦଣ୍ଡକୁ ଡାକି ଆଣିବା ବୋଲି ସେ କହିଛନ୍ତି । ୟୁକ୍ରେନ ବିପକ୍ଷ ଯୁଦ୍ଧରେ ରୁଷିଆ ପକ୍ଷରୁ ନିଜର ନାଗରିକ ଲଢୁଛନ୍ତି ବୋଲି ଜାଣିବା ପରେ ଦକ୍ଷିଣ ଆଫ୍ରିକା ମଧ୍ୟ ଏ ନେଇ ତଦନ୍ତ ଆରମ୍ଭ କରିଛି । ଭାରତୀୟମାନେ ମଧ୍ୟ ରୁଷିଆ ତରଫରୁ ଯୁଦ୍ଧ ଲଢ଼ିବା ନେଇ ଖବର ପ୍ରକାଶ ପାଇଛି । ରୁଷିଆ ସେନାରେ ଏବେ ୪୪ ଜଣ ଭାରତୀୟ ଅଛନ୍ତି ବୋଲି ଭାରତ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୁହାଯାଇଛି ।

# 'ଚିକେନ୍ ନେକ୍'ରେ ଆହୁରି ସକ୍ରିୟ ହେଲା ଭାରତ

## ବାଂଲା ସୀମାରେ ୩ ନୂଆ ଘାଟି ପ୍ରତିଷ୍ଠା




ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ବିତାଡ଼ିତ ହେବା ପରଠୁ ବାଂଲାଦେଶ ସହ ଭାରତର ସମ୍ପର୍କ ଖରାପ ହେବାରେ ଲାଗିଛି । କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ବିବାଦୀୟ ପଦକ୍ଷେପ ତିକ୍ତତାକୁ ଅଧିକ ବଢ଼ାଇ ଦେଇଛି । ସେ ଗୋଟିଏ ପରେ ଗୋଟିଏ ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ନେଇ ଭାରତକୁ ଚିଡ଼ାଇ ପାକିସ୍ତାନ ଏବଂ ଚୀନ୍ ସହ ଘନିଷ୍ଠତା ବୃଦ୍ଧି କରି ଚାଲିଛନ୍ତି । ଭୂରାଜନୈତିକ ବିବାଦ ବଢ଼ି ଚାଲିଥିବାବେଳେ ଭାରତର 'ଚିକେନ ନେକ୍' କୁହାଯାଉଥିବା ସିଲିଗୁଡି କରିଡର ସୀମାରେ ନିଜ ଲାଲମୋନିରହାଟ ଏୟାରବେସ୍‌କୁ ୟୁନୁସ ସମ୍ପ୍ରସାରଣ କରୁଛନ୍ତି । ନୂଆ ହ୍ୟାଙ୍ଗର, ଜେଟ୍ ପାର୍କିଂ ଏବଂ ରାଡାର ସିଷ୍ଟମ ଲଗାଉଛନ୍ତି । ଭାରତ ସହ କୂଟନୈତିକ ସମ୍ବନ୍ଧ ଠିକ୍ ନ ଥିବାବେଳେ ୟୁନୁସ ଏପରି ଉସୁକାଇବା ଭଳି ପଦକ୍ଷେପ ନେଇଛନ୍ତି । ବାଂଲାଦେଶର ଏଭଳି ଦୁଃସାହସକୁ ଜବାବ ଦେବା ପାଇଁ ଭାରତ ବଡ଼ ପଦକ୍ଷେପ ନେଇଛି । ସୀମା ସୁରକ୍ଷାକୁ ମଜବୁତ କରିବାକୁ 'ଇଷ୍ଟର୍ଣ୍ଣ ଫ୍ରଣ୍ଟିୟର'ର ଭାରତ-ବାଂଲାଦେଶ ସୀମା ନିକଟରେ ୩ ନୂଆ ସେନା ଘାଟି ତଥା ପୋଷ୍ଟ ପ୍ରତିଷ୍ଠା କରିଛି । ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସିଲିଗୁଡି କରିଡର ତଥା 'ଚିକେନ ନେକ'ର ସୁରକ୍ଷା ପାଇଁ ଧୁବ୍ରି ନିକଟସ୍ଥ ବାମୁନି, କିଶାନଗଞ୍ଜ ଏବଂ ଚୋପ୍ରାରେ ଏହି ସେନା ପୋଷ୍ଟ ନିର୍ମାଣ କରାଯାଇଛି ।

### ବାଂଲାଦେଶକୁ ଜବାବ ଦେବାକୁ ଭାରତ ପ୍ରସ୍ତୁତ

ସୀମାରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି । ସୀମା ଅଭେଦ୍ୟ ଦୁର୍ଗରେ ପରିଣତ ହୋଇଯାଇଛି ।

ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତର ସର୍ବାଧିକ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରୁ ଅନ୍ୟତମ 'ଚିକେନ ନେକ'ରେ ସାମରିକ ବ୍ୟବଧାନକୁ ଦୂର କରିବା, ପର୍ଯ୍ୟବେକ୍ଷଣ କ୍ଷମତା ବୃଦ୍ଧି ଏବଂ ତ୍ୱରିତ ପ୍ରତିକ୍ରିୟା କ୍ଷମତା ବୃଦ୍ଧି ପାଇଁ ଏହି ପଦକ୍ଷେପ ନିଆଯାଇଛି । ଉତ୍ତର ପଶ୍ଚିମବଙ୍ଗରେ ଥିବା ଏହି ୪୦ କିଲୋମିଟର ଦୀର୍ଘ ଓ ୨୨ କିମି ଚଉଡ଼ାର ସିଲିଗୁଡି କରିଡର ଭାରତର ମୂଳ ଭାଗକୁ ସାତଟି ଉତ୍ତର-ପୂର୍ବ ରାଜ୍ୟ ସହିତ ସଂଯୋଗ କରୁଛି । ଏହା ନେପାଳ, ଭୁଟାନ, ବାଂଲାଦେଶ ଏବଂ ଚୀନ୍ ମଧ୍ୟରେ ଅବସ୍ଥିତ । କିଛି ଦିନ ତଳେ ପାକିସ୍ତାନର ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ ଅଧ୍ୟକ୍ଷ ଜେନେରାଲ ସାହିର ସମ୍‌ସାଦ ମିର୍ଜାଙ୍କୁ ମହମ୍ମଦ ୟୁନୁସ ଭେଟିଥିଲେ । ଉଭୟେ ଯୋଗାଯୋଗ ଏବଂ ପ୍ରତିରକ୍ଷା ସହଯୋଗକୁ ନେଇ ଆଲୋଚନାର ଖବର ମିଳିବା ପରେ ଭାରତ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ରିପୋର୍ଟ ଅନୁଯାୟୀ ମହମ୍ମଦ ୟୁନୁସ ଏହି ଅଞ୍ଚଳରେ କ୍ଷମତା ସନ୍ତୁଳନକୁ ନୂଆ ରୂପ ଦେବାକୁ ଚାହୁଁଛନ୍ତି । ଏଥିପାଇଁ ରଣନୈତିକ ଦୃଷ୍ଟିରୁ ମଧ୍ୟ କାର୍ଯ୍ୟାରମ୍ଭ କରିଦେଇଛନ୍ତି । ଏହାଦ୍ୱାରା ସିଲିଗୁଡି କରିଡରର ସୁରକ୍ଷା ଗମ୍ଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି ।

ଜଣେ ବରିଷ୍ଠ ସେନା ଅଧିକାରୀ କହିଛନ୍ତି ଯେ ଏହି ଅଞ୍ଚଳ ଭାରତର ସବୁଠୁ ସୁଦୃଢ଼ ପ୍ରତିରକ୍ଷା କରିଡର । ସିଲିଗୁଡି କରିଡରରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି । ନୂଆ ଘାଟି ପ୍ରତିଷ୍ଠା ଦ୍ୱାରା ଲଜିଷ୍ଟିକ, ପ୍ରତିକ୍ରିୟା କ୍ଷମତା ଏବଂ ଗୁଇନ୍ଦା ସୂଚନା ମିଳିବାରେ ଆହୁରି ସହଜ ହୋଇଯିବ । ଚିକେନ ନେକ୍‌କୁ ନେଇ ଭିନ୍ନ ଦୃଷ୍ଟିକୋଣ ରହିଛି । ଏହା ଭାରତର ସବୁଠାରୁ ମଜବୁତ କ୍ଷେତ୍ର । କାରଣ ପଶ୍ଚିମବଙ୍ଗ, ସିକିମ ଏବଂ ଉତ୍ତରପୂର୍ବର ଭାରତରେ କାର୍ଯ୍ୟରତ ସେନାବାହିନୀକୁ ଏଠାରେ ଏକାଠି ମୁତୟନ କରିହେବ ।




୨୪ ଘଣ୍ଟା ପରେ ସ୍ୱାଭାବିକ ହେଲା ଦିଲ୍ଲୀ ବିମାନ ବନ୍ଦର । ଶୁକ୍ରବାର ଏଟିସିରେ ବୈଷୟିକ ସମସ୍ୟା ଯୋଗୁଁ ୮୦୦ ବିମାନ ଉଡାଣ ବିଳମ୍ବିତ ହୋଇଥିଲା ।

## ଆମେରିକାରେ ସଟ୍ ଡାଉନ୍ ଯନ୍ତ୍ରଣା

### ୪୦ ବିମାନ ବନ୍ଦରରେ ୫୦୦୦ ଉଡ଼ାଣ ବାତିଲ

ୱାସିଂଟନ, ୮ ।୧୧(ଏଜେନ୍ସି): ଆମେରିକାରେ ବହୁ ଚର୍ଚ୍ଚିତ ସଟ୍‌ଡାଉନ୍ ଏବେ ରେକର୍ଡ ୩୮ ଦିନରେ ପହଞ୍ଚିଛି । ଫଳରେ ବିମାନ ବନ୍ଦରରେ ଦେଖାଦେଇଥିବା ସମସ୍ୟା ବୃଦ୍ଧିପାଇବାରେ ଲାଗିଛି । ସାଧାରଣ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସଟ୍‌ଡାଉନର ନକାରାତ୍ମକ ପ୍ରଭାବ ବିମାନ ବନ୍ଦରଗୁଡିକରେ ସବୁଠାରୁ ଅଧିକ ପଡ଼ିଥିବା ଲକ୍ଷ୍ୟ କରାଯାଇଛି । ଆମେରିକାରେ ୪୦ଟି ବୃହତ ବିମାନ ବନ୍ଦରରେ ବିମାନ ଉଡାଣକୁ ହ୍ରାସ କରାଯାଇଛି ବୋଲି ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫ୍‌ଏଏ) ତରଫରୁ କୁହାଯାଇଛି । ଫଳରେ ମୋଟ୍ ଉପରେ ୫, ୦୦୦ ବିମାନ ଉଡାଣକୁ ବାତିଲ କରାଯାଇଛି । ଏଥିରେ ୱାସିଂଟନ ଡିସି ଓ ନ୍ୟୁୟର୍କର ବିମାନ ବନ୍ଦର ସାମିଲ ରହିଛି । ଏବେ ପ୍ରତିଦିନ ୧, ୮୦୦ ଉଡାଣ ବାତିଲ ହେବାର ଆଶଙ୍କା ସୃଷ୍ଟି ହୋଇଛି ଓ ୨, ୬୮ ଲକ୍ଷ ଯାତ୍ରୀ ପ୍ରଭାବିତ ହେବା ନିଶ୍ଚିତ ହୋଇଛି । ଆମେରିକା



ଇତିହାସରେ ଏହା ସବୁଠାରୁ ଦୀର୍ଘ ସଟ୍‌ଡାଉନ ବିବେଚିତ ହୋଇଛି । ଆଟଲାଣ୍ଟା, ଡେନଭେର, ଡଲାସ, ସାନ ଫ୍ରାନସିସ୍କୋ ଓ ୱାସିଂଟନ ଭଳି ବୃହତ ତଥା ଗୁରୁତ୍ୱପୂର୍ଣ୍ଣ ବିମାନ ବନ୍ଦର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ରେଗାନ ନ୍ୟାସନାଲ ବିମାନ ବନ୍ଦରରେ ପାଖାପାଖି ୪୦ ପ୍ରତିଶତ ବିମାନ ବିଳମ୍ବିତ ହୋଇଛି ।

## ଆଫ୍ରିକୀୟ ଦେଶ ମାଲିରେ ୫ ଭାରତୀୟଙ୍କୁ ଅପହରଣ

ନୂଆଦିଲ୍ଲୀ, ୮ ।୧୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ୫ ଜଣ ଭାରତୀୟଙ୍କୁ ଅପହରଣ କରି ନିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ କେତେକ ସଶସ୍ତ୍ର ଆକ୍ରମଣକାରୀ ଗୁରୁବାର କୋବରୀ ଅଞ୍ଚଳରୁ ଭାରତୀୟ ନାଗରିକଙ୍କୁ ଅପହରଣ କରିଛନ୍ତି । ଏମାନେ ଏକ ସ୍ଥାନୀୟ ବିଜୁଳି ପରିଯୋଜନା ପ୍ରକଳ୍ପ ପାଇଁ କାର୍ଯ୍ୟ କରୁଥିଲେ । ଏହି ଭାରତୀୟ ମାନେ ଏକ ସ୍ଥାନୀୟ କମ୍ପାନୀରେ ନିୟୋଜିତ ଥିଲେ । କିନ୍ତୁ ଏହି ଘଟଣା ପରେ ସୁରକ୍ଷାକୁ ଦୃଷ୍ଟିରେ ରଖି କମ୍ପାନୀ ଅନ୍ୟ ଭାରତୀୟମାନଙ୍କୁ ରାଜଧାନୀ ବାମାକୋକୁ ପଠାଇ ଦେଇଛି । ୫ ଜଣ ଭାରତୀୟଙ୍କୁ ଅପହରଣ କରି ନିଆଯାଇଛି ବୋଲି କମ୍ପାନୀର ଅଧିକାରମାନେ କହିଛନ୍ତି । ଏପର୍ଯ୍ୟନ୍ତ ଏହି ଅପହରଣ ନେଇ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି । ଉଲ୍ଲେଖଥାଉ କି, ମାଲିରେ ଗତ କେତେବର୍ଷ ହେବ ରାଜନୈତିକ ଓ କଠୋରପନ୍ଥୀ ଅସ୍ଥିରତା ଜାରି ରହିଛି । ଆଲକାଏଦା ସହିତ ଜଡିତ ଆତଙ୍କବାଦୀ ସଂଗଠନ ଗ୍ରୁପ ଫର ଦି ସପୋର୍ଟ ଅଫ୍ ଇସ୍‌ଲାମ ଆଣ୍ଡ ମୁସଲିମ୍ (ଜେଏନ୍‌ଆଇଏମ୍) ନିକଟରେ ମାଲିରେ ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଛି । ଏହି ସଂଗଠନ ଦେଶରେ ଇନ୍ଧନର ଯୋଗାଣକୁ ନିଷିଦ୍ଧ କରିଛି । ଫଳରେ ଆର୍ଥିକ ସଂକଟକୁ ଆହୁରି ଖରାପ କରିଛି । ଏବେ ମାଲିରେ ଅପହରଣ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ୨୦୧୨ରୁ ଦେଶରେ ଚାଲି ଆସୁଥିବା ବିଦ୍ରୋହ, ବାରମ୍ବାର ସେନା ଦ୍ୱାର ହେଉଥିବା ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଓ ଜିହାଦୀ ଆକ୍ରମଣ ଦେଶର ଶାସନ ଓ ଆର୍ଥିକ ସ୍ଥିତିକୁ ଆହୁରି ଖରାପ କରିଛି । ଗତ ସେପ୍ଟେମ୍ବରରେ ଜେଏନ୍‌ଆଇଏମ୍ ଆତଙ୍କବାଦୀମାନେ ୟୁଏଇ ଓ ଇରାନର ନାଗରିକଙ୍କୁ ଅପହରଣ କରିଥିଲେ ଓ ଏମାନଙ୍କୁ ୫୦ ନିୟୁତ ଡଲାର ବିନିମୟରେ ମୁକ୍ତ କରିଥିଲେ ବୋଲି କୁହାଯାଉଛି । ଏବେ ଜେଏନ୍‌ଆଇଏମ୍ ଆତଙ୍କବାଦୀ ସଂଗଠନ ସାରା ଦେଶରେ ତା'ର ପ୍ରଭାବ ବିସ୍ତାର କରିବାକୁ ସକ୍ଷମ ହୋଇଛି । ମାଲିର ସେନା ସରକାର ଜେଏନ୍‌ଆଇଏମ୍‌କୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି ।

## ମମ୍‌ଦାନୀଙ୍କୁ ନେଇ ଅରବପତି ଭୟଭୀତ କାହିଁକି?

ୱାଶିଂଟନ, ୮।୧୧ (ଏଜେନ୍ସି): ନ୍ୟୁୟର୍କ ମେୟର ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ଜୋହରାନ ମମଦାନୀ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧୀ ଭାବେ ପରିଚିତ ମମଦାନୀଙ୍କ ବିଜୟ ଅରବପତିଙ୍କ ମନରେ ଭୟ ସୃଷ୍ଟି କରିଛି । ଯେକୌଣସି ସମୟରେ କାର୍ଯ୍ୟାନୁଷ୍ଠାନର ଭୟ ରହିଛି । ଏଥିପାଇଁ ଅନେକ ଧନୀ ସହର ଛାଡିବାକୁ ପ୍ରସ୍ତୁତ ହେଉଛନ୍ତି । ନ୍ୟୁୟର୍କର ୯ ପ୍ରତିଶତ ଅର୍ଥାତ ପ୍ରାୟ ୭.୬୫ ଲକ୍ଷ ଧନୀ ବ୍ୟକ୍ତି ସହର ଛାଡ଼ି ଅନ୍ୟତ୍ର ପଳାୟନ କରିପାରନ୍ତି । ଜେ.ଏଲ ପାର୍ଟନର୍ସ ସର୍ଭେରୁ ଏହି ସୂଚନା ସାମ୍‌ନାକୁ ଆସିଛି ।

ଧନୀଙ୍କ ଏହି ଭୟ ପଛରେ ମେୟର ନିର୍ବାଚନ ପ୍ରଚାର ସମୟରେ ମମଦାନୀ ଦେଇଥିବା ପ୍ରତିଶ୍ରୁତି ରହିଛି । ସେ ଧନୀ ବ୍ୟକ୍ତି ଏବଂ ବଡ଼ ବଡ଼ କମ୍ପାନୀଙ୍କ ଉପରେ ଅତିରିକ୍ତ ଟିକସ ଲଗାଇବାକୁ ଘୋଷଣା କରିଥିଲେ । ଏହା ମାଧ୍ୟମରେ ୯ ବିଲିୟନ ଡଲାର ସଂଗ୍ରହ କରିବାକୁ ଆଶା ରଖିଥିଲେ । ମମଦାନୀ ଭୟ ମଧ୍ୟରେ ଟେକ୍ସାସର ରିପବ୍ଲିକାନ ଗଭର୍ଣ୍ଣର ଗ୍ରେଗ ଆବଟ ପୂର୍ବରୁ ଦେଇଥିବା ଧମକକୁ ନେଇ ଧନୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ମମଦାନୀ ବିଜୟୀ ହେବା ପରେ ଯଦି ନ୍ୟୁୟର୍କ ଲୋକେ ଟେକ୍ସାସ ଆସିବେ ତେବେ ୧୦୦ ପ୍ରତିଶତ ଶୁଳ୍କ ଲଗାଯିବ ବୋଲି ସେ କହିଥିଲେ ।

ସର୍ଭେରୁ ଜଣାପଡ଼ିଛି ଯେ ମମଦାନୀଙ୍କ ବିଜୟ ଯୋଗୁଁ ୨୫ ପ୍ରତିଶତ ଅର୍ଥାତ୍ ପ୍ରାୟ ୨୧ ଲକ୍ଷ ଲୋକ ସହର ଛାଡିବାକୁ ବିଚାର କରୁଛନ୍ତି । ଯଦି ଏହା ସତ ସାବ୍ୟସ୍ତ ହୁଏ ତେବେ ଏହା ଆମେରିକା ଇତିହାସର ସବୁଠାରୁ ବଡ଼ ସହରୀ ପଳାୟନ ହେବ । ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସହର ଗଭୀର ଭାବେ ପ୍ରଭାବିତ ହେବ । ୨.୩ ଟ୍ରିଲିୟନ ଜିଡିପି ବିଶିଷ୍ଟ ନ୍ୟୁୟର୍କର ମୋଟ ଜନସଂଖ୍ୟା ୮୪ ଲକ୍ଷ । ତେବେ ଏଥିରୁ ୯ ପ୍ରତିଶିତ ନିଶ୍ଚିତ ଭାବେ ସହର ଛାଡିବାକୁ ବିଚାର କରୁଛନ୍ତି । ସେହିପରି ୧୩ ପ୍ରତିଶତ ଗୋରା ଏବଂ ଏସିଆ ମହାଦେଶର ୧୧ ପ୍ରତିଶତ ମୂଳ ବଂଶୋଦ୍ଭବ ସହର ଛାଡ଼ିପାରନ୍ତି । ଏତେ ଲୋକ ସହର ଛାଡ଼ିଲେ ଆର୍ଥିକ ଭୂକମ୍ପ ସୃଷ୍ଟି ହେବ ବୋଲି ପୋଲଷ୍ଟର ଜେମ୍‌ସ ଜନସନ କହିଛନ୍ତି ।

## କଶ୍ମୀର କୁପୱାରାରେ ଦୁଇ ଆତଙ୍କବାଦୀ ନିହତ

ଶ୍ରୀନଗର, ୮ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରର କୁପୱାରା ଜିଲ୍ଲାର କେରାନ ସେକ୍ଟରରେ ଶନିବାର ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ନିୟନ୍ତ୍ରଣ ରେଖା ନିକଟରେ ଆତଙ୍କବାଦୀମାନେ ଅନୁପ୍ରବେଶ କରିବା ନେଇ ଭାରତୀୟ ସେନାକୁ ଗୁଇନ୍ଦା ବିଭାଗ ସୂଚନା ଦେଇଥିଲା । ଏହାପରେ ଆତଙ୍କବାଦୀଙ୍କ ବିରୋଧରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା । ଏହି ଅବସରରେ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ । ଜବାବରେ ସେନା ଗୁଳିରେ ଏହି ଦୁଇ ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ଭାରତୀୟ ସେନାର ଚେନ୍ନାର କର୍ପ୍ସ ୟୁନିଟ୍ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି । ଏବେ ମଧ୍ୟ ଅପରେସନ ଚାଲୁ ରହିଛି । ସେନା ଏହାକୁ 'ଅପରେସନ୍ ପିମ୍ପଲ' ନାମ ଦେଇଛି । ନିହତ ହୋଇଥିବା ଆତଙ୍କବାଦୀ ଓ ସେମାନଙ୍କ ସଂଗଠନ ନେଇ କୌଣସି ସୂଚନା ମିଳିନାହିଁ । ପୂର୍ବରୁ ନଭେମ୍ବର ୫ରେ କିସ୍ତୱାର ଜିଲ୍ଲାରେ ଛତ୍ରୁରେ ଏନ୍‌କାଉଣ୍ଟର ହୋଇଥିଲା ଓ ଆତଙ୍କବାଦୀଙ୍କ ଗୁଳିରେ ଜଣେ ଭାରତୀୟ ଯବାନ ଆହତ ହୋଇଥିଲେ । ଇତିମଧ୍ୟରେ ଜମ୍ମୁ-କଶ୍ମୀର ପୁଲିସର କାଉଣ୍ଟରନ ଇଣ୍ଟେଲିଜେନ୍ସ କଶ୍ମୀର (ସିଆଇକେ) ଶନିବାର ରାଜ୍ୟର ଏକାଧିକ ଘାଟିରେ ଚଢ଼ାଉ କରିଥିଲା । ଏହାପୂର୍ବରୁ କୁପୱାରା ଜିଲ୍ଲାରେ ଅକ୍ଟୋବର ୧୩ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଥିଲେ ।

ସକାଳ THE SAKALA
ରବିବାର ୯ ନଭେମ୍ବର, ୨୦୨୫






ଲେଉଟାଣି ବେଳ: ସମୁଦ୍ରରୁ ମାଛ ଧରି କୂଳକୁ ଫେରୁଛନ୍ତି ମତ୍ସ୍ୟଜୀବୀ (ଫଟୋ-ଅନିଲ)

# କଟକରେ ୨୨୧ ଅସୁରକ୍ଷିତ କୋଠା

କଟକ, ୮ ।୧୧ (ସମିସ): କଟକ ସହରରେ ଦୀର୍ଘ ବର୍ଷ ଧରି ମାଳମାଳ ପୁରୁଣା କୋଠା ବିପଦ ସଂକୁଳ ଅବସ୍ଥାରେ ରହିଛି। ଏହି କୋଠାଗୁଡ଼ିକର ଚିହ୍ନଟ ପ୍ରକ୍ରିୟା ଦୀର୍ଘ ବର୍ଷ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ଏଗୁଡ଼ିକୁ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯାଉନାହିଁ। ଏପରିକି, ନିକଟ ଅତୀତରେ ସହରରେ ବିପଦସଂକୁଳ ଅବସ୍ଥାରେ ରହିଥିବା କୋଠା ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନକୁ ତାଗିଦ୍ କରିଥିଲେ ଓଡ଼ିଶା ହାଇକୋର୍ଟ। ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। କେବଳ କୋଠା ମାଲିକମାନଙ୍କୁ ନୋଟିସ୍ ଦେଇ ଚୁପ୍ ବସି ପଡ଼ିଛି। କଟକରେ ଆଜି ଏକ ଅସୁରକ୍ଷିତ କୋଠାର ବାଲକୋନୀ ଭାଙ୍ଗି ୩ ଜଣଙ୍କ ମୃତ୍ୟୁ ଘଟଣା ପରେ ପ୍ରଶାସନର ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ହାଇକୋର୍ଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ, ସହରରେ ମୋଟ ୨୨୧ଟି କୋଠା ଅସୁରକ୍ଷି ତରହିଛି। ତାହା ବିପଦସଂକୁଳ ବୋଲି ଘୋଷଣା ହୋଇଥିବା ସତ୍ତ୍ୱେ ବିଭିନ୍ନ କାରଣରୁ ବର୍ଷ ବର୍ଷ ଧରି ଏହି କୋଠା ସବୁ ଭଙ୍ଗା ଯାଇନାହିଁ। ସରକାରୀ ଓ ଘରୋଇ କୋଠା ବିପଦସଂକୁଳ ଥିଲେ, ଏଗୁଡ଼ିକୁ ଭାଙ୍ଗିବା ଉପରେ ମଧ୍ୟ ହାଇକୋର୍ଟ ନିକଟରେ ଗୁରୁତ୍ୱାରୋପ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶର ମାସାଧିକ ସମୟ ପରେ ଜିଲ୍ଲା ପ୍ରଶାସନ ତରଫରୁ ବିଏନ୍ଏସ୍ ଧାରା ୧୫୨ରେ ସମସ୍ତ କୋଠା ମାଲିକଙ୍କୁ କେବଳ ନୋଟିସ ଜାରି ହୋଇଥିବା ଜଣାପଡ଼ିଛି।

ଯୁଦ୍ଧକାଳୀନ ଭିତ୍ତିରେ ଘରଗୁଡ଼ିକୁ ଖାଲି କରିବା ସହ ଭାଙ୍ଗିବା ପାଇଁ ଏହି ନୋଟିସ୍ ଜାରି କରି ପ୍ରଶାସନ ଆଉ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନାହିଁ। ବିଶେଷକରି, ନୋଟିସ୍ ପାଇଥିବା

**■ ହାଇକୋର୍ଟଙ୍କ ତାଗିଦା ପରେ ବି ଭଙ୍ଗାଯାଉନି**
**■ ନୋଟିସ୍ ଦେଇ ଚୁପ୍ ବସିରହିଛି ପ୍ରଶାସନ**

୨୦୦ରୁ ଅଧିକ କୋଠା ମାଲିକ ସେମାନଙ୍କ ଅସୁରକ୍ଷିତ କୋଠା ଭାଙ୍ଗିବା ଦୂର କଥା, ସେମାନଙ୍କ ମଧ୍ୟରୁ ଅନେକ ଘର ଖାଲି କରିନଥିବା ଜଣାପଡ଼ିଛି। ସହରର ବିଭିନ୍ନ ଅଞ୍ଚଳରେ ରହିଥିବା ବିପଦସଂକୁଳ କୋଠା ମଧ୍ୟରେ ରହିଛି ସର୍ବାଧିକ ସରକାରୀ କ୍ୱାର୍ଟର, ଅଫିସ, ଅବ୍ୟବହୃତ ଗୋଦାମ ଘର। ଏହାବାଦ୍ ଘରୋଇ କୋଠା, ମାର୍କେଟ୍ କମ୍ପ୍ଲେକ୍ସ ଆଦି ରହିଛି।

ପ୍ରକାଶଥାଉକି ଗତ ୨୦୧୪ର ଭୂମିକମ୍ପ ସମୟରେ ଅନେକ କୋଠାରେ ଫାଟ ସୃଷ୍ଟି ହୋଇଥିଲା। ଏହି ସମୟରେ କଟକ ଜିଲ୍ଲା ପ୍ରଶାସନ, ମହାନଗର ନିଗମ , ପୂର୍ତ୍ତ ବିଭାଗ ସମେତ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ମିଳିତ ସର୍ଭେ କରାଯାଇ ମହାନଗର ଅଞ୍ଚଳରେ ସେହି ସମୟରେ ୨୩୭ଟି ବିପଦସଂକୁଳ କୋଠା ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ କିଛି କୋଠାକୁ ଘର ମାଲିକ ଭାଙ୍ଗିଥିଲେ ମଧ୍ୟ ଅନ୍ୟମାନେ ଭାଙ୍ଗି ନଥିଲେ। ହେଲେ ଏବେ ବି ସହରରେ ୨୨୧କୋଠା ଅସୁରକ୍ଷିତ ରହିଥିବା ବେଳେ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକେ ତଥା ସେହି ବାଟ ଦେଇ ଯାଉଥିବା ପଥଚାରୀଙ୍କ ପାଇଁ ବିପଦ ଭାବେ ଉଭା ହୋଇଛି। ଆଜିର ଅଭାବନୀୟ ଘଟଣା ପରେ ପ୍ରଶାସନ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଛି। ମିଳିଥିବା ସୂଚନାନୁସାରେ, ବିଗତ ୫ବର୍ଷ ମଧ୍ୟରେ ଚିହ୍ନଟ ହୋଇଥିବା କୋଠାର ୧୦ପ୍ରତିଶତ ଅସୁରକ୍ଷିତ କୋଠା ଭଙ୍ଗା ଯାଇପାରି ନଥିବା ପରିଲକ୍ଷିତ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦୦ରୁ ଅଧିକ ଅସୁରକ୍ଷିତ କୋଠାଗୁଡ଼ିକୁ ଭାଙ୍ଗିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

# ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'

ନୂଆପଡ଼ା, ୮ ।୧୧(ସମିସ): ଆସନ୍ତା ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ପାଇଁ ମତଦାନ ହେବ। ଆସନ୍ତାକାଲି ସଂଧ୍ୟାରେ ପ୍ରଚାର ଶେଷ ହେବାକୁ ଥିବା ବେଳେ ୩ ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପକ୍ଷରୁ ଜୋରଦାର୍ ପ୍ରଚାର କରାଯାଉଛି। ଗତକାଲି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏକ ବିଶାଳ ରୋଡ୍ ଶୋ'ରେ ପ୍ରଚାର କରିଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଚାର କରିଛନ୍ତି। ଶନିବାର

## ଜୟ ଢୋଲକିଆଙ୍କ ପାଇଁ ନିର୍ବାଚନ ପ୍ରଚାର

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂଆପଡ଼ା ଏବଂ ଖରିଆରରୋଡ୍‌ରେ ରୋଡ ଶୋ'ରେ କରି ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି। ଆଜି ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ବିମାନରେ ଗୋତମାସ୍ଥିତ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ସେଠାରୁ ହେଲିକପ୍ଟର୍‌ରେ ସୁନାବେଡ଼ାକୁ ଯାଇଥିଲେ। ସେଠାରେ ମା' ସୁନାଦେଇଙ୍କ ପୂଜାର୍ଚ୍ଚନା କରିବା ପରେ ବସ୍ତିରେ ଭୋଟ୍ ଭିକ୍ଷା କରିଥିଲେ। ପରେ ସନ୍ଧ୍ୟାରେ ନୂଆପଡ଼ା ଓ ଖରିଆରରୋଡ୍‌ରେ ରୋଡ୍ ଶୋ' କରିଥିଲେ। ନୂଆପଡ଼ା ସର୍କିଟ୍ ହାଉସରେ ମୁଖ୍ୟମନ୍ତ୍ରୀ ରାତ୍ର ରହଣୀ କରିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭାରେ ଜୟ ଢୋଲକିଆଙ୍କ ସହ ରାଜ୍ୟ ସଭାପତି ମନମୋହନ ସାମଲ , ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା , ଚଳଚିତ୍ର ଅଭିନେତା ଅରିନ୍ଦମଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ସାମିଲ ହୋଇଥିଲେ।

## ଗ୍ରୀନ୍ ଇଣ୍ଡିଆ ଚିଟ୍‌ଫଣ୍ଡ ମାମଲାରେ ଇଡି ଚଢ଼ଉ

# ସଂସ୍ଥା ମାଲିକଙ୍କ ଘରୁ ନଗଦ ୮୪ ଲକ୍ଷ ଜବତ

ଭୁବନେଶ୍ୱର, ୮ ।୧୧(ସମିସ): ଗ୍ରିନ୍ ଇଣ୍ଡିଆ ଚିଟ୍‌ଫଣ୍ଡ ମାମଲାରେ ମାଲିକ ପ୍ରଦୀପ ସିଂହଙ୍କ ଘରେ ଚଢ଼ଉ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ମନି-ଲଣ୍ଡରିଂ ନିବାରଣ ଆଇନ ୨୦୦୨ (ପିଏମ୍ଏଲଏ) ଅନୁସାରେ ବ୍ରହ୍ମପୁରର ୪ଟି ସ୍ଥାନରେ ଚଢ଼ଉ କରି ନଗଦ ୮୪ ଲକ୍ଷ ଟଙ୍କା ଜବତ କରିଛି।

ଅଭିଯୋଗ ଅନୁଯାୟୀ, ଅଧିକ ରିଟର୍ଣ୍ଣ ଓ ଗ୍ରିନ୍ ଇଣ୍ଡିଆ ପାରାଡାଇଜ୍ ପ୍ରୋଜେକ୍ଟରେ ଫ୍ଲାଟ୍ ଯୋଗାଇବା ଆଳରେ କମ୍ପାନୀ ଶତାଧିକ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରିଥିଲା। ହେଲେ କମ୍ପାନୀ ପକ୍ଷରୁ ଘର ଯୋଗାଯାଇନଥିଲା କି ଟଙ୍କା ମଧ୍ୟ ଫେରସ୍ତ କରାଯାଇନଥିଲା। ନିବେଶକମାନେ ଟଙ୍କା ଫେରସ୍ତ ମାଗିବାରୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଓଲଟି ଧମକଚମକ ଦେଇଥିଲେ। କମ୍ପାନୀ ୬୯କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହେବା ପରେ ୨୦୧୪ ଜୁନ୍‌ରେ କୋଲକତା ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତମାନେ ଠକେଇ ଟଙ୍କାକୁ ବିଭିନ୍ନ ଅସ୍ଥାବର ସମ୍ପତ୍ତି ଓ ଅନ୍ୟାନ୍ୟ ସମ୍ପତ୍ତିରେ ବିନିଯୋଗ କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବ୍ରହ୍ମପୁରର ୪ଟି ସ୍ଥାନରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଇଡିକୁ ହିସାବ ବିହୀନ ୮୪.୨୦ ଲକ୍ଷ ଟଙ୍କା ମିଳିଛି। ଏଥିସହ ଗୋଟିଏ ଅସ୍ଥାବର ସମ୍ପତ୍ତିର ଡକ୍ୟୁମେଣ୍ଟ, ଦଲିଲ୍, ମର୍ସିଡିଜ୍ କାର୍, ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଓ ଡିଜିଟାଲ୍ ଡିଭାଇସ୍ ମଧ୍ୟ ଜବତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ।

# ଦେଢ଼ କୋଟି ଟଙ୍କାର ଗଞ୍ଜେଇ ସହ କାର୍ ଜବତ




ସୁନାବେଡ଼ା, ୮ ।୧୧(ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ଅଞ୍ଚଳରୁ ପୁଲିସ ଦେଢ଼କୋଟି ଟଙ୍କାର ଗଞ୍ଜେଇ ଜବତ କରିଛି। ମାଫିଆମାନେ ମାଛକୁଣ୍ଡରୁ ବିପୁଳ ପରିମାଣର ଗଞ୍ଜେଇ ନେଇ ସୁନାବେଡ଼ା ଅଭିମୁଖେ ଯାଉଥିବା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଶୁକ୍ରବାର ସକାଳ ପ୍ରାୟ ୧୧ଟାରେ ସୁନାବେଡ଼ା ଥାନା ଇନ୍ସପେକ୍ଟର୍ ଚରଣ ସିଂହ ମାଝୀଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ ସାନ ବୋଡିଙ୍ଗା ନିକଟରେ ଡେରା ପକାଇଥିଲା। ଏହି ସମୟରେ ସୁନାବେଡ଼ା ଅଭିମୁଖେ ଆସୁଥିବା ଏକ କାର୍(ଓ ଆର-୦୨-ଏଏଲ -୦୮୦୧) ଉପରେ ପୁଲିସର ସନ୍ଦେହ ହେବାରୁ ପୁଲିସ ତାକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୨୮୩ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହାର ବଜାର ମୂଲ୍ୟ ପ୍ରାୟ ଦେଢ଼ କୋଟି ଟଙ୍କା ହେବ ବୋଲି ପୁଲିସ କହିଛି। ଗଞ୍ଜେଇ ସହ ପୁଲିସ ଉକ୍ତ କାର୍‌କୁ ଜବତ କରିଥିବା ବେଳେ ଅଭିଯୁକ୍ତମାନେ ପୁଲିସ ଆଖିରେ ଧୂଳି ଦେଇ ଫେରାର୍ ହୋଇଯାଇଥିଲେ।

## ୧୦ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଭୁବନେଶ୍ୱର,୮ ।୧୧ (ସମିସ): ଆସନ୍ତା ୧୦ ତାରିଖ ଅର୍ଥାତ୍ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପଇଛି।

# ଆଇଏଫ୍ଏଫ୍ଆଇରେ ୩ ଓଡ଼ିଆ ସିନେମା

ଭୁବନେଶ୍ୱର, ୮।୧୧ (ସମିସ): ଗୋଆରେ ଆସନ୍ତା ୨୦ ତାରିଖରୁ ଆୟୋଜିତ ହେବାକୁ ଥିବା ୫୬ତମ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ (ଆଇଏଫଏଫଆଇ) ରେ ପ୍ରଦର୍ଶିତ ହେବ ୩ ଓଡ଼ିଆ ସିନେମା। ସେଗୁଡ଼ିକ ହେଲା, ଅଭିଷେକ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ବିନ୍ଦୁସାଗର', ହିମାଂଶୁ ଖଟୁଆଙ୍କ ନିର୍ଦ୍ଦେଶିତ 'ମହିମା ଅଲେଖ' ଓ ବିଶାଳ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ମାଳିପୁଟ ମେଲୋଡିଜ୍'। ଏହାବ୍ୟତୀତ ୩ ଓଡ଼ିଆ ପ୍ରଯୋଜକଙ୍କ ଦ୍ୱାରା ନିର୍ମିତ ଅନ୍ୟ ଭାଷାର ସିନେମା ମଧ୍ୟ ଏହି ପ୍ରଦର୍ଶନୀରେ ସ୍ଥାନ ପାଇବ। ବିଶିଷ୍ଟ ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କ 'ପାପା ବୁକା', ଅନ୍ତର୍ଜାତୀୟ ସିନେ ନିର୍ମାତା ନୀଳମାଧବ ପଣ୍ଡାଙ୍କ ପ୍ରଯୋଜିତ 'ସ୍ୱାଇଂ ଷ୍ଟାର୍ସ' ଏବଂ ଜିତେନ୍ଦ୍ର ମିଶ୍ରଙ୍କ ପ୍ରଯୋଜିତ 'ହ୍ୱିସପର୍ସ ଅଫ୍ ଦ ମାଉଣ୍ଟେନ୍ସ' ଏଥିପାଇଁ ମନୋନୀତ ହୋଇଛି। ଆଇଏଫ୍ଏଫ୍ଆଇ ଗାଲା ପ୍ରିମିୟର୍ ଏବଂ ରେଡ୍ କାର୍ପେଟ୍ ବର୍ଗରେ 'ବିନ୍ଦୁସାଗର' ସମେତ 'ପାପା ବୁକା' ଓ 'ସ୍ୱାଇଂ ଷ୍ଟାର୍ସ' ପ୍ରଦର୍ଶିତ ହେବ ବୋଲି ଜଣାଯାଇଛି।







**■ ୩ ଓଡ଼ିଆ ପ୍ରଯୋଜକଙ୍କ ଅନ୍ୟ ଭାଷୀ ଚଳଚ୍ଚିତ୍ର ବି ପ୍ରଦର୍ଶିତ ହେବ**
**■ ଗାଲା ପ୍ରିମିୟର୍‌ରେ 'ବିନ୍ଦୁସାଗର', 'ପାପା ବୁକା' ଓ 'ସ୍ୱାଇଂ ଷ୍ଟାର୍ସ'**

ଅଭିଷେକ ଦାସଙ୍କ ଦ୍ୱାରା ଲିଖିତ ଓ ଅଭିଷେକ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ବିନ୍ଦୁସାଗର' ଏକ ସରଳ, ସାଙ୍ଗୀତିକ ପ୍ରେମକାହାଣୀ। ଚଳଚ୍ଚିତ୍ରରେ ପ୍ରକୃତି ମିଶ୍ର, ଦୀପନ୍ୱିତ ଦାଶମହାପାତ୍ର, ସୋନାଲି ଶର୍ମିଷ୍ଠା, ସତ୍ୟରଞ୍ଜନ, ସୁକାନ୍ତ ରଥ, ରବିନ ଦାସ ଏବଂ ପ୍ରଣବ ରଥଙ୍କ ପରି ବରିଷ୍ଠ କଳାକାରମାନେ ଅଭିନୟ କରିଛନ୍ତି। ପ୍ଲାଟୁନ୍ ୱାନ୍ ଫିଲ୍ମସ୍‌ର ଶିଲାଦିତ୍ୟ ବୋରା, ବାଉଣ୍ଡଲେସ୍ ବ୍ଲାକବକ୍ ଫିଲ୍ମସ୍‌ର ବିନୟ ରେଡ୍ଡୀ ଓ ଶୁଭଶେଖର ଭଟ୍ଟାଚାର୍ଯ୍ୟଙ୍କ ସହ ଏମଡିସି ଫିଲ୍ମୱାର୍କସର ନିଖିଳ ଚୌଧୁରୀଙ୍କ ସହଯୋଗରେ ଏହି ଚଳଚ୍ଚିତ୍ରଟି ନିର୍ମାଣ କରାଯାଇଛି। ସେହିପରି, ସିନେମାରେ ପ୍ରକୃତି ମିଶ୍ର, ସୌରଭ ଭରଦ୍ୱାଜ, ଅନ୍ତରା ଚକ୍ରବର୍ତ୍ତୀ, କୁଳଦୀପ ପଟ୍ଟନାୟକ, ହ୍ୟୁମାନ୍ ସାଗର, ଅନନ୍ୟା ଶ୍ରୀତମ ନନ୍ଦ, ଡ. ଅସୀମା ପଣ୍ଡା, ଆଶିଷ ପ୍ରଧାନ ପ୍ରମୁଖ କଣ୍ଠଶିଳ୍ପୀ କଣ୍ଠଦାନ କରିଛନ୍ତି। ଆସନ୍ତା ୨୦୨୬ରେ ପ୍ରେକ୍ଷାଳୟରେ ଏହା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

ସେହିପରି ଇଣ୍ଡିଆନ୍ ପାନୋରାମା ଫିଚର୍ ଫିଲ୍ମ ବର୍ଗରେ ମନୋନୀତ ବିଭିନ୍ନ ଭାଷାର ୨୦ଟି ସିନେମା ମଧ୍ୟରେ ରହିଛି କୌସ୍ତୁଭ ଡ୍ରିମୱାର୍କସ ଷ୍ଟୁଡିଓଜ୍ ପ୍ରଯୋଜିତ ଓ ବିଶାଳ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ମାଳିପୁଟ ମେଲୋଡିଜ୍' ଏବଂ ଜିତେନ୍ଦ୍ର ମିଶ୍ରଙ୍କ ପ୍ରଯୋଜିତ ରାଜସ୍ଥାନୀ ସିନେମା 'ହ୍ୱିସପର୍ସ ଅଫ୍ ଦ ମାଉଣ୍ଟେନ୍ସ'। ଇଣ୍ଡିଆନ୍ ପାନୋରାମା ଅଣଫିଚର ବର୍ଗରେ କାଦମ୍ବିନୀ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପ୍ରଯୋଜିତ ଏବଂ ହିମାଂଶୁ ଖଟୁଆଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ମହିମା ଅଲେଖ' ମନୋନୀତ ହୋଇଛି। 'ସ୍ୱାଇଂ ଷ୍ଟାର୍ସ'କୁ ବିମୁକ୍ତି ଜୟସୁନ୍ଦର ନିର୍ଦ୍ଦେଶନା ଦେଇଥିବା ବେଳେ 'ପାପା ବୁକା'କୁ ଡକ୍ଟର ବିଜୁ କୁମାର ଦାମୋଦରନଙ୍କ ନିର୍ଦ୍ଦେଶନା ଦେଇଛନ୍ତି।

## ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଙ୍କ ମଧ୍ୟରେ ସମନ୍ୱୟ ନାହିଁ

# ଗୋଟିଏ ଦିନରେ ଦୁଇଟି ନିଯୁକ୍ତି ପରୀକ୍ଷା

ଭୁବନେଶ୍ୱର, ୮ ।୧୧(ସମିସ): ରାଜ୍ୟରେ ନିୟମିତ ଭାବେ ନିଯୁକ୍ତି ପରୀକ୍ଷା ହେଉନାହିଁ। ଫଳରେ ଯେତିକି ପରୀକ୍ଷା ହେଉଛି, ଆଶାୟୀମାନେ ତାକୁ ଚାତକ ପରି ଚାହିଁ ରହୁଛନ୍ତି। ହେଲେ ଗୋଟିଏ ଦିନରେ ଏକାଧିକ ପରୀକ୍ଷା ହେଉଥିବାରୁ ୧୨ ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଯିବା ପରି ସେମାନଙ୍କ ବର୍ଷବର୍ଷର ପରିଶ୍ରମ ପାଣିରେ ମିଳେଇ ଯାଉଛି। ପରୀକ୍ଷା ଦେବାରୁ ଛାତ୍ରଛାତ୍ରୀମାନେ ବଞ୍ଚିତ ହେଉଛନ୍ତି। ଆସନ୍ତାକାଲି (ରବିବାର) ଦିନ ଏଜି ଏଏସ୍‌ଓ ଏବଂ ଆର୍‌ଆଇ ଅମିନ ପରୀକ୍ଷା ଥିବାରୁ ବହୁ ଛାତ୍ରଛାତ୍ରୀ ଗୋଟିଏ ପରୀକ୍ଷାରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଛି।

ରବିବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରିଚାଳିତ ଏଜି ଏଏସ୍‌ଓ ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍ଏସ୍ଏସ୍‌ସି) ପରିଚାଳିତ ଆର୍‌ଆଇ, ଅମିନ, ଏଆର୍‌ଆଇ ଓ ଆଇସିଡିଏସ୍ ସୁପରଭାଇଜର୍ ପଦ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ। ଗୋଟିଏ ଦିନରେ ଏହି ଦୁଇଟି ପରୀକ୍ଷା ଥିବାରୁ ବହୁ ମେଧାବୀ ଆଶାୟୀ କେବଳ ଗୋଟିଏ ପରୀକ୍ଷା ଦେଇପାରିବେ। ପରୀକ୍ଷା ପରିଚାଳନା କରୁଥିବା ଆୟୋଗଗୁଡ଼ିକ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଏପରି ସ୍ଥିତି ବାରମ୍ବାର ହେଉଛି। ଏଥିପାଇଁ ଦୀର୍ଘ ବର୍ଷ ଧରି ପାଠପଢ଼ା ଜାରି ରଖିଥିବା ଆଶାୟୀମାନେ ନିରାଶ ହେବା ସହ ସରକାରଙ୍କୁ ଦାୟୀ କରିଛନ୍ତି। ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ସରକାର ବିଫଳ ହେଉଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

## ଅସନ୍ତୋଷ ବ୍ୟକ୍ତ କଲେ ଆଶାୟୀ

ଜଣେ ନିଯୁକ୍ତି ଆଶାୟୀ ସୁନୀଲ କୁମାର ମିଶ୍ର କହିଛନ୍ତି ଯେ ରାଜ୍ୟରେ ବର୍ଷେ ହେଲା କୌଣସି ନୂତନ ନିଯୁକ୍ତି ବାହାରି ନାହିଁ। ଦେଢ଼ବର୍ଷ ହେଲା ନିୟମିତ ଭାବେ ପରୀକ୍ଷା ହେଉନାହିଁ। ଯାହା କିଛି ବି ପରୀକ୍ଷା ହେଉଛି, ତହିଁରେ ବ୍ୟାପକ ବିଭ୍ରାଟ ଓ ଚାକିରି ବିକ୍ରି ଘଟଣା ପଦାକୁ ଆସୁଛି। ଏତେ ସବୁ ପରେ ଯଦି ଗୋଟିଏ ଦିନରେ ଏକାଧିକ ପରୀକ୍ଷା ହେବ, ଆଶାୟୀମାନେ କିପରି ଧୈର୍ଯ୍ୟ ରଖିବେ ବୋଲି ପ୍ରଶ୍ନ କରିଛନ୍ତି। ଦିନକୁ ଦିନ ଆଶାୟୀଙ୍କ ମନୋବଳ ଭାଙ୍ଗି ଯାଉଥିବାରୁ ନିଯୁକ୍ତି ପରୀକ୍ଷାକୁ ବ୍ୟବସ୍ଥିତ କରିବା ସହ ନୂତନ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସେ ଦାବି କରିଛନ୍ତି।

# କାର୍ ଧକ୍କାରେ ୨ କଲେଜ ଛାତ୍ରୀ ମୃତ

ଆନନ୍ଦପୁର, ୮ ।୧୧ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ବାରିଗାଁ ନିକଟ ୨୦ ନଂ ଜାତୀୟ ରାଜପଥରେ ଆଜି ଏକ ଦୁର୍ଘଟଣାରେ ୨ କଲେଜ ଛାତ୍ରୀ ପ୍ରାଣ ହରାଇଛନ୍ତି। ମୃତ ଛାତ୍ରୀଦ୍ୱୟ ହେଲେ, +୩ ଦ୍ୱିତୀୟ ବର୍ଷର



**■ ୨୦ ନମ୍ବର ରାଜପଥ ୫ଘଣ୍ଟା ଅବରୋଧ**
**■ କାର୍ ପାଣିକୋଇଲି ଥାନାଞ୍ଚଳରୁ ଜବତ**

ଛାତ୍ରୀ ଅନ୍ନପୂର୍ଣ୍ଣା ପାତ୍ର ଓ +୩ ତୃତୀୟ ବର୍ଷର ଦୀପାଞ୍ଜଳି ସାହୁ। ଉଭୟ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟରେ ପଢୁଥିଲେ। ଅନ୍ନପୂର୍ଣ୍ଣାଙ୍କ ଘର ସିଆପଡ଼ାରେ ହୋଇଥିବା ବେଳେ ଦୀପାଞ୍ଜଳିଙ୍କ ଘର ବେଲବାହାଳି ଗାଁରେ ବୋଲି ଜଣାଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ରୀଦ୍ୱୟଙ୍କ ପରିବାରକୁ ସହାୟତା ଓ ଦୁର୍ଘଟଣା ଘଟାଇଥିବା ଗାଡ଼ିର ଚାଳକଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକେ ବାରିଗାଁଠାରେ ରାଜପଥକୁ ପାଖାପାଖି ୫ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଶହଶହ ଧରି ଯାନବାହନ ଅଟକି ରହିଥିଲା।

ସୂଚନାନୁସାରେ, ଶନିବାର କ୍ଲାସ୍ ସାରିବା ପରେ ଉଭୟ ଅନ୍ନପୂର୍ଣ୍ଣା ଓ ଦୀପାଞ୍ଜଳି ସାଇକେଲରେ ଘରକୁ ଫେରୁଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୧ଟା ବେଳେ ବାରିଗାଁ ନିକଟରେ ଏକ ଦ୍ରୁତଗାମୀ କାର୍ ସେମାନଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ଦୁହିଁଙ୍କୁ ରକ୍ତଜୁଡ଼ୁବୁଡ଼ୁ ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ଏହାକୁ ନେଇ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ତଦନ୍ତ ଆରମ୍ଭ କରିଛି। ପାଣିକୋଇଲି ପୁଲିସ ଦୁର୍ଘଟଣା ଘଟାଇଥିବା ଉକ୍ତ କାର୍‌କୁ (ଓଡି୩୩ଏ୦୮୨୩୨) କୁ ଠାବ କରି ଅଟକ ରଖିଥିବା ଜଣାପଡ଼ିଛି। ଖବର ଜଣାପଡ଼ିବା ପରେ ସଂଧ୍ୟା ସାଢ଼େ ୬ଟାରେ ରାସ୍ତାରୋକ ହଟିଥିଲା ଏବଂ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ବାଲିହରଚଣ୍ଡୀ ସମୁଦ୍ର କୂଳରୁ ଯୁବକଙ୍କ ମୃତଦେହ ଉଦ୍ଧାର



ବ୍ରହ୍ମଗିରି,୮ ।୧୧(ସମିସ): ଗତ ୫ତାରିଖରେ ପୁରୀ ସମୁଦ୍ରରେ ସ୍ନାନ ବେଳେ ଜଣେ ବଙ୍ଗୀୟ ପର୍ଯ୍ୟଟକ ନିଖୋଜ ହୋଇଯାଇଥିଲେ। ଏହାର ଦୁଇ ଦିନ ପରେ ଶନିବାର ପୁରୀ ସଦର ଥାନା ଅଧୀନ ବ୍ରହ୍ମଗିରିସ୍ଥିତ ବାଲିହରଚଣ୍ଡୀ ନିକଟ ସମୁଦ୍ର କୂଳରୁ ଉକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନାନୁଯାୟୀ, ଗତ ୫ ତାରିଖରେ କୋଲକାତାର କିଛି ପର୍ଯ୍ୟଟକ ପୁରୀ ବୁଲିବା ପାଇଁ ଆସିଥିଲେ। ତିନି ଦିନ ତଳେ ସେମାନେ ପୁରୀ କାମେଲିଆ ହୋଟେଲ ନିକଟ ସମୁଦ୍ରରେ ସ୍ନାନ କରୁଥିଲେ। ସେହି ସମୟରେ ସେମାନଙ୍କ ମଧ୍ୟରୁ ଦେବଦତ୍ତ ଦତ୍ତ ନାମକ ଜଣେ ଯୁବକ ସମୁଦ୍ରରେ ଭାସିଯାଇଥିଲେ। ଶନିବାର ସକାଳୁ ଭାସିଯାଇଥିବା ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତଦେହ ବ୍ରହ୍ମଗିରି ବାଲିହରଚଣ୍ଡୀ ନିକଟ ସମୁଦ୍ର କୂଳରୁ ଠାବ କରାଯାଇଛି। ସ୍ଥାନୀୟ ଲୋକମାନେ ଏହା ଦେଖି ପୁରୀ ସଦର ଥାନାକୁ ଖବର ଦେଇଥିଲେ। ପୁଲିସ ଆସି ମୃତଦେହ ଜବତ କରିବା ସହିତ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପରିବାର ଲୋକେ ଆସି ମୃତଦେହ ଚିହ୍ନଟ କରିବା ପରେ ପୁଲିସ ତାଙ୍କୁ ଶବ ହସ୍ତାନ୍ତର କରିଛି।

# ନୂଆପଡ଼ା ନିର୍ବାଚନରେ 'ଏଆଇ ୱାର୍'

ଭୁବନେଶ୍ୱର, ୮।୧୧ (ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ସରଗରମ ହୋଇଛି ରାଜ୍ୟ ରାଜନୀତି। ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରଠାରୁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳରେ ହେଭିୱେଟ୍ ନେତାମାନେ ନୂଆପଡ଼ାରେ ଡେରା ପକାଇଛନ୍ତି। ଦଳଗୁଡ଼ିକ ନିଜନିଜ ପ୍ରାର୍ଥୀଙ୍କ ସପକ୍ଷରେ ସମର୍ଥନ ଯୋଗାଡ଼ ପାଇଁ ନାନା କୌଶଳ ଆପଣାଇଥିବା ବେଳେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଭିଡିଓ ଓ ଫଟୋ ମଧ୍ୟ ଭୋଟର୍‌ଙ୍କୁ ପ୍ରଭାବିତ କରିବାର ଏକ ପ୍ରମୁଖ ମାଧ୍ୟମ ସାଜିଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସୋସିଆଲ ମିଡିଆ ଆକାଉଣ୍ଟମାନଙ୍କର ଫଟୋ, ଭିଡିଓ ଓ ରିଲ୍ସ ସାଙ୍ଗକୁ ଏଆଇ ଭିଡିଓଗୁଡ଼ିକୁ ପୋଷ୍ଟ କରାଯାଇଛି। ଏଥିରେ କଂଗ୍ରେସ ସାମାନ୍ୟ ପଛରେ ପଡ଼ିଥିବା ବେଳେ ଉଭୟ ବିଜେଡି ଏବଂ ବିଜେପି ମଧ୍ୟ କଡ଼ା ଫାଇଟ୍ ଦେଖିବାକୁ ମିଳୁଛି।

ଅନ୍ୟପଟେ, ନୂଆପଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ 'ଏଆଇ ଫାଇଟ୍' ଯୋଗୁଁ ଅନେକ ଭୋଟ୍‌ର ଦ୍ୱନ୍ଦ୍ୱରେ ପଡ଼ିବା ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ନିର୍ବାଚନମଣ୍ଡଳୀରେ ପ୍ରାୟ ୪୦ ପ୍ରତିଶତ ଆଦିବାସୀ ଭୋଟର୍ ରହିଛନ୍ତି। ସାଧାରଣତଃ ଏମାନେ ସରଳ ବିଶ୍ୱାସୀ। ତେଣୁ ଏଆଇ ଭିଡିଓଗୁଡ଼ିକର ସତ୍ୟାସତ୍ୟ ଯାଞ୍ଚ କରିବା ଏମାନଙ୍କ ପକ୍ଷେ ସମ୍ଭବ ନୁହେଁ। ଅନେକେ

**■ ଆରୋପ ପ୍ରତ୍ୟାରୋପରେ ଏଆଇ ଭିଡିଓ, ଦ୍ୱନ୍ଦ୍ୱରେ ଭୋଟର୍**
**■ ସମ୍ବେଦନଶୀଳ ଭିଡିଓକୁ ନେଇ ସିଇଓଙ୍କ କାର୍ଯ୍ୟାନୁଷ୍ଠାନ ଚେତାବନୀ**

ଏଆଇ ଭିଡିଓକୁ ସତ ବୋଲି ମଧ୍ୟ ବିଚାର କରିନେଉଛନ୍ତି। ଫଳରେ ଏଆଇ ଭିଡିଓ ଓ ଫଟୋର ପ୍ରଭାବ ଭୋଟର୍‌ଙ୍କ ଉପରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ନିର୍ବାଚନ କମିସନଙ୍କ ଗାଇଡ୍‌ଲାଇନ୍ ଅନୁସାରେ, କୌଣସି ରାଜନୈତିକ ଦଳ ସେମାନଙ୍କ ପ୍ରଚାର ପାଇଁ କୌଣସି ଭିଡିଓ ଜାରି କରିବା ପୂର୍ବରୁ ଏହାର ଅନୁମତି ନେବା ବାଧ୍ୟତାମୂଳକ। ହେଲେ ଏଆଇ ଭିଡିଓ କ୍ଷେତ୍ରରେ ଏହା କେତେ କାର୍ଯ୍ୟକାରୀ ହେଉଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦିଓ ଏଆଇ ଭିଡିଓଗୁଡ଼ିକ ପୋଷ୍ଟ କରୁଥିବା ରାଜନୈତିକ ଦଳଗୁଡ଼ିକ ଏଥିରେ ନିଜନିଜ ଦଳର ୱାଟର୍‌ମାର୍କ ରଖିବାର ନିୟମ ରହିଛି, ହେଲେ ଏହା ମଧ୍ୟ ପାଳନ ହେଉନଥିବା ଦେଖିବାକୁ ମିଳିଛି। ବିଶେଷକରି ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ନିଜନିଜ ଦଳୀୟ ସୋସିଆଲ ମିଡିଆ ଆକାଉଣ୍ଟ ପରିବର୍ତ୍ତେ ପ୍ରଚ୍ଛଦପଟରେ ରହୁଥିବା ଆଇଟି ସେଲ୍, ବିଭିନ୍ନ ଫ୍ୟାନ୍ ପେଜ୍ ଓ ଅନ୍ୟ ଆକାଉଣ୍ଟଗୁଡ଼ିକରେ ପୋଷ୍ଟ କରୁଛନ୍ତି। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ମଧ୍ୟ ଆଶଙ୍କା ରହୁଛି। ତେବେ ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିବା ବେଳେ ଏଭଳି କୌଣସି ଭିଡିଓ ପ୍ରସାରିତ ହେଉଥିଲେ ତୁରନ୍ତ ତାଙ୍କ ଦୃଷ୍ଟିକୁ ଆଣିବାକୁ କହିଛନ୍ତି। ଏଭଳି ଭିଡିଓ ପ୍ରସାରଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉକି, ନୂଆପଡ଼ା ଉପନିର୍ବାଚନ ପାଇଁ ୧୧ ତାରିଖରେ ମତଦାନ ହେବାକୁ ଥିବା ବେଳେ ୯ ତାରିଖରେ ପ୍ରଚାର ଶେଷ ହେଉଛି।

# ସଂସଦରେ ହଟ୍ଟଗୋଳ, ଗୃହ ଅଚଳ

**ଭବାନୀପାଟଣା, ୮ ।୧୧(ସମିସ)**

ବିରୋଧୀ ଦଳଙ୍କ ତୀବ୍ର ବିରୋଧ ଓ ହଟ୍ଟଗୋଳ ଯୋଗୁଁ ସଂସଦରେ ଶୀତକାଳୀନ ଅଧିବେଶନରେ ଉଷ୍ମ ପରିବେଶ ଦେଖିବାକୁ ମିଳିଛି । ବିଭିନ୍ନ ବିଲ୍ ଉପରେ ଆଲୋଚନା ସମୟରେ ବିରୋଧୀ ସାଂସଦମାନେ ଗୃହକୁ ଅଚଳ କରିବା ଭଳି ପରିସ୍ଥିତି ସୃଷ୍ଟି କରିଥିଲେ ।ଉଚ୍ଚସ୍ୱରରେ ଆକ୍ଷେପ, ଆରୋପ-ପ୍ରତ୍ୟାରୋପ, ତର୍କବିତର୍କ ଓ ଉତ୍ତେଜନାମୟ ପରିବେଶ ଦେଖା ଦେଇଥିଲା । ଏଭଳି ଘଟଣାକ୍ରମ ଭବାନୀପାଟଣାରେ ଆୟୋଜିତ ଆଦର୍ଶ ସଂସଦ କାର୍ଯ୍ୟକ୍ରମରେ ଅନୁକରଣୀୟ ଭାବେ ପ୍ରଦର୍ଶିତ ହୋଇଥିଲା । ସ୍ଥାନୀୟ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ଆଦର୍ଶ ସଂସଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସମଗ୍ର ଶିକ୍ଷା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ୧୯ ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ରାଜ୍ୟର ସାଂସଦ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ବିଲ୍ ସପକ୍ଷରେ ଓ ବିପକ୍ଷରେ ବିତର୍କ ସହ ମତଦାନ ହୋଇଥିଲା । ଭାରତୀୟ ସଂସଦର କାର୍ଯ୍ୟଶୈଳୀକୁ ଅବିକଳ ଭାବେ ସାଂସଦ-ଛାତ୍ରଛାତ୍ରୀମାନେ ଉପସ୍ଥାପନ କରିଥିଲେ । ଏଥିରେ ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ ବାଚସ୍ପତି ଭାବେ ସଂସଦର କାର୍ଯ୍ୟ ପରିଚାଳନା କରିଥିଲେ । ସମଗ୍ର ଶିକ୍ଷା ପକ୍ଷରୁ ଆୟୋଜିତ ଆଦର୍ଶ ସଂସଦ କାର୍ଯ୍ୟକ୍ରମ ବାସ୍ତବିକ ଏକ ଅଭିନବ ପ୍ରୟାସ । କିନ୍ତୁ ଅହିଂସା ଆଧାରିତ, ଶୃଙ୍ଖଳିତ ସମାଜବ୍ୟବସ୍ଥା ନିର୍ମାଣକୁ ଅସଲ ଶିକ୍ଷା ବୋଲି ପ୍ରାୟତଃ କୁହାଯାଇଥାଏ । ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପରସ୍ପର ସଂହତି ଓ ସଦଭାବ ରକ୍ଷାକରିବା ସହିତ ଅନ୍ତର୍ନିହିତ ପ୍ରତିଭାର ବିକାଶ କ୍ଷେତ୍ରରେ ଚେଷ୍ଟା ଜାରୀ ରଖାଯିବା ଜରୁରୀ । ସଂସଦର ବିକଳ ଚିତ୍ରକୁ ଛାତ୍ରଛାତ୍ରୀମାନେ ଅଭିନୟ ମାଧ୍ୟମରେ ଉପସ୍ଥାପନ କରି କି ପ୍ରକାର ବାର୍ତ୍ତା ଦେବେ ଏବଂ କଣ ଶିକ୍ଷାଲାଭ କରିବେ ତାହା ସମସ୍ତଙ୍କ ପାଇଁ ଆଜି ପ୍ରଶ୍ନ ହୋଇ ରହିଯାଇଛି । ତେବେ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବିବେକାନନ୍ଦ ଛତର, ଡ.କୈଳାଶ ଚନ୍ଦ୍ର ଦାଶ, ଡ. ପବିତ୍ର ବାଗ, ଡ. ଓ ଶୁଭମ୍ ତ୍ରିପାଠୀ ବିଚାରକ ରହିଥିଲେ । ଛାତ୍ରୀ ଶ୍ୱେତପ୍ରଭା ଗୋପାଳ ଓ ଈଶା ଦୁର୍ଗା ସାମ୍ବାଦିକା ଭାବେ ସାଂସଦମାନଙ୍କ ସାକ୍ଷାତକାର ନେବାସହ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ ପଚାରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ୍ ମୁଖ୍ୟଅତିଥି, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ.ନିବେଦିତା ନାଥ ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ବ୍ରଜମୋହନ ହାଇସ୍କୁଲ ପ୍ରଧାନଶିକ୍ଷକ ଷଷ୍ଠୀ ଝାଙ୍କର, ସମଗ୍ର ଶିକ୍ଷା ଯୋଜନା ସଂଯୋଜିକା ନୀହାରିକା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ଆଦର୍ଶ ସଂସଦ ଆୟୋଜନ ପରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସିଆରସିସି ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଧନ୍ୟବାଦ ଦେଇଥିଲେ । ଏଥିରେ ଶ୍ରେଷ୍ଠ ଭାବେ ପୁରସ୍କୃତ ଛାତ୍ରୀ ନିବେଦିତା ନାଏକ ଓ କମଳିନୀ ସିଂ ଆସନ୍ତା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡ଼ିଛି ।







## କଳାହାଣ୍ଡି ଜିଲ୍ଲାସ୍ତରୀୟ ଆଦର୍ଶ ସଂସଦ କାର୍ଯ୍ୟକ୍ରମ

## ଛିଲିପାରେ ପାନୀୟ ଜଳ ସମସ୍ୟା ଉତ୍କଟ

# ଗରା, ବାଲଟି ଧରି ରାଜପଥ ଅବରୋଧ



**ଧର୍ମଗଡ଼, ୮ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଛିଲିପା ଗାଁରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି । ଏନେଇ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସୂଚନା ମତେ, ଛୀଲିପା ଗାଁରେ ପ୍ରାୟ ୨ ହଜାର ରୁ ଅଧିକ ଜନସାଧାରଣ ବସବାସ କରୁଛନ୍ତି । ଗ୍ରାମରେ ପାନୀୟ ଜଳ ପାଇଁ ନିକଟସ୍ଥ ତେଲ ନଦୀରୁ ଓଭରହେଡ଼ ଟ୍ୟାଙ୍କ ନିର୍ମାଣ କରି ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ହେଉଥିଲା । ଗତ କିଛି ଦିନ ତଳେ କିଛି ଦୁର୍ବୃତ୍ତ ପାଣିପମ୍ପରେ ଲାଗିଥିଲା କେବୁଲ ତାର ଚୋରି ନେଇଥିଲେ । ଗ୍ରାମର ମହିଳାମାନେ ଦୀର୍ଘ ୨ କିମି ଦୂରାନ୍ତ ନଦୀକୁ ଯାଇ ପାଣି ଆଣି ବ୍ୟବହାର କରୁଛନ୍ତି । କେବୁଲ ତାର୍ ସଂଯୋଗ କରି ପାନୀୟ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ପ୍ରଶାସନ ଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କୁ ବାରମ୍ବାର ଗ୍ରାମବାସୀ ଲିଖିତ ଭାବରେ ଅବଗତ କରିଥିଲେ ।ଏଥିସହ ପଦକ୍ଷେପ ନ ନେଲେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ ।ଜନପ୍ରତିନିଧି କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଗ୍ରାମର କୁମୁଦିନୀ ପଟେଲ, ଗୋରୀମଣି ପଟେଲ, ପୂର୍ଣ୍ଣମୀ ପଟେଲ, ଯାଜ୍ଞସେନି ପଟେଲ, ଦୁର୍ମିଳା ପଟେଲ, ଟରାଟ ପଟେଲ, କୃମି ସେଠି, କୁରୁବା ପଟେଲ, ନେପୁର ପଟେଲ, ସୁବର୍ଣ୍ଣ ପଟେଲ, କୈକେଇ ପଟେଲ, ବସୁମତୀ ପଟେଲ, ସମାଜ ସେବୀ ସନାତନ ସେଠି, ପରମେଶ୍ୱର ପଟେଲ, ୱାଡ଼ ମେମ୍ବର କ୍ଷୀର ପଟେଲ, ଅଲେଖ ଭୋଇ, ସମେତ ଅନେକ ଗ୍ରାମବାସୀ ଜାତୀୟ ରାଜପଥ ୧୩୦ ସି କୁ ଛୀଲିପା ଠାରେ ଅବରୋଧ କରିବା ସହ ଗରା, ବାଲଟି ଧରି ରାସ୍ତା ଉପରେ ବସିରହିଥିଲେ । ପରେ ଛୀଲିପା ସରପଞ୍ଚ ବିଭୁଦତ୍ତ ପ୍ରଧାନୀ ଘଟଣା ସମ୍ପର୍କ ରେ ଅବଗତ ହେଲା ପରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଶୀଘ୍ର ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ପ୍ରତିଶ୍ରୁତି ଦେଲା ପରେ ରାସ୍ତା ଅବରୋଧରୁ ହଟିଥିଲେ ।

## ୫୨ ଏକର ଜମିର ଗଞ୍ଜେଇ ଚାଷ ନଷ୍ଟ



**ବୌଦ୍ଧ, ୮ ।୧୧(ସମିସ):** ବୌଦ୍ଧ ଆଦର୍ଶ ଥାନା ପୁଲିସ ପକ୍ଷରୁ ବଘିଆପଡ଼ା ଫାଣ୍ଡି ଅଞ୍ଚଳର ଦୁର୍ଗା ପ୍ରସାଦ ଓ ମାଝୀ ସାହି ଗ୍ରାମ ଅଞ୍ଚଳରେ ଚଢ଼ଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ସୂଚନା ମିଳିଛି । ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲଙ୍କ ନିର୍ଦ୍ଦେଶ କ୍ରମେ ଆଇଆଇସି ନଳିନୀ କାନ୍ତ ଦାସଙ୍କ ତତ୍ୱାବଧାନରେ ହୋଇଥିବା ଚଢ଼ଉରେ ୫୨ ଏକର ଜଙ୍ଗଲ ଜମିରୁ ଗଞ୍ଜେଇ ଗଛ କାଟି ପୋଡ଼ି ଦିଆଯାଇଛି । ଚଢ଼ଉରେ ବୌଦ୍ଧ ଥାନା ଓ ବଘିଆପଡ଼ା ଫାଣ୍ଡିର କର୍ମଚାରୀମାନଙ୍କ ସମେତ ବନବିଭାଗ ଓ ରାଜସ୍ୱ ବିଭାଗର କର୍ମଚାରୀ ସାମିଲ ଥିଲେ ।

## ନାଳରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଦେବଗଡ଼, ୮ ।୧୧(ସମିସ):** ଦେବଗଡ଼ରେ ପାଣିରେ ବୁଡି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି । ମୃତକ ଜଣକ ଦେବଗଡ଼ ଥାନାଞ୍ଚଳର ଗୁଣ୍ଡେଇମରା ଗାଁର ହେମନ୍ତ ଉଦାବର(୪୪) ବୋଲି ସୂଚନା ମିଳିଛି । ସୂଚନା ଅନୁଯାୟୀ, ହେମନ୍ତ ଗୁଣ୍ଡେଇମରା ଗାଁରେ ରାସ୍ତା ନିର୍ମାଣକାରୀ ଠିକା ସଂସ୍ଥାରେ ରାତ୍ର ଜଗୁଆଳୀ ଭାବେ କାର୍ଯ୍ୟ କରୁଥିଲେ । ଗତକାଲି ସଂଧ୍ୟାରେ ଠିକା ସଂସ୍ଥାର ସୁପରଭାଇଜର କ୍ୟାମ୍ପରେ ଯାଞ୍ଚ କରୁଥିବା ସମୟରେ ହେମନ୍ତକୁ ଦେଖିବାକୁ ପାଇ ନଥିଲେ । ତେବେ ତାଙ୍କ ପରିବାର ଲୋକ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ । ପରେ ନିକଟସ୍ଥ ନାଳରେ ପାଣି ଭିତରେ ହେମନ୍ତ ବୁଡି ରହିଥିବା ଦେଖିବାକୁ ପାଇଥିଲେ । ତାଙ୍କୁ ପାଣିରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନାପାଇ ଦେବଗଡ଼ ଥାନା ପୁଲିସ ମୃତଦେହ ଜବତ କରିଥିଲା । ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ରହିଛି ।

# ୩ ଦିନିଆ ବାର୍ଷିକ ଟେକ୍ ଫେଷ୍ଟ 'ଇନୋଭିଜନ ୨୦୨୫' ଉଦ୍‌ଯାପିତ

**ରାଉରକେଲା, ୮।୧୧ (ସମିସ):** ଏନ୍‌ଆଇଟି ରାଉରକେଲାର ଭୁବନେଶ୍ୱର ଅଡିଟୋରିୟମରେ ବହୁ ପ୍ରତୀକ୍ଷିତ ବାର୍ଷିକ ଟେକ୍ନୋ-ପରିଚାଳନା ମହୋତ୍ସବ 'ଇନୋଭିଜନ - ୨୦୨୫' ଉଦ୍‌ଘାଟିତ ହୋଇଯାଇଛି ।



ଆଜି ଏହାର ଦ୍ୱିତୀୟ ତଥା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଶା ପୁଲିସର ମିଳିତ ସହଯୋଗରେ 'ହ୍ୟାକ- ୪ ସୁରକ୍ଷା : ସାଇବର ସୁରକ୍ଷା ହାକାଥନ୍' ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସିଆଇଡି-କ୍ରାଇମ୍ ବ୍ରାଞ୍ଚ ଆଇଜି ଡକ୍ଟର ସାର୍ଥକ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେ କହିଥିଲେ, ହ୍ୟାକିଂ ୪ ସେଫ୍‌ଟି ଭଳି ପଦକ୍ଷେପ ଛାତ୍ରଛାତ୍ରୀଙ୍କୁ ସାଧାରଣ କଲ୍ୟାଣ ପାଇଁ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରିବାକୁ ଏବଂ ଡିଜିଟାଲ୍ ସୁରକ୍ଷାକୁ ସୁଦୃଢ଼ କରିବାକୁ ସକ୍ଷମ କରିଥାଏ । ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଏସପି (କ୍ରାଇମ୍ ବ୍ରାଞ୍ଚ) ସ୍ୱିତ ପରମାର ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।

ଏହି ହାକାଥନ୍ ଛାତ୍ରଛାତ୍ରୀଙ୍କୁ ସାଇବର ଫ୍ରଡ୍, ଦୋଷୀ ସାବ୍ୟସ୍ତ ତଥ୍ୟ ପରିଚାଳନା ଏବଂ ନିଖୋଜ ବ୍ୟକ୍ତି ଟ୍ରାକିଂ ପାଇଁ ସିଷ୍ଟମ ସମେତ ସାତୋଟି ସମସ୍ୟାର ଡିଜିଟାଲ୍ ସମାଧାନ ଡିଜାଇନ୍ କରାଯାଇଛି । ଦେଶବ୍ୟାପୀ ୨୦୦୦ ପଞ୍ଜୀକରଣ ମଧ୍ୟରୁ ୩୦ଟି ଫାଇନାଲିଷ୍ଟ ଦଳ ମୋଟ ୨ ଲକ୍ଷ ଟଙ୍କା ପୁରସ୍କାର ପାଇଁ ପ୍ରତିଯୋଗିତା କରୁଥିବା ଜଣାପଡ଼ିଛି । ଏହି ଅବସରରେ ଡ୍ରୋନ୍ ପ୍ରଦର୍ଶନ, ଅଟୋ ଶୋ, ଟେଲିସ୍କୋପ୍-ଆଧାରିତ ଜ୍ୟୋତିର୍ବିଜ୍ଞାନ ଅଧିବେଶନ ଏବଂ ଲାଇଭ୍ ପ୍ରଦର୍ଶନ କରାଯାଇଥିଲା ।

## ଜୁଆଖେଳ ବେଳେ ଚଢ଼ଉ: ୮ କୋର୍ଟ ଚାଲାଣ

**ଝାରସୁଗୁଡ଼ା, ୮।୧୧(ସମିସ):** ଝାରସୁଗୁଡ଼ା ବଡ଼ମାଳ ଥାନାଞ୍ଚଳରେ ପୁଲିସ ଚଢ଼ଉରେ ୮ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଶୁକ୍ରବାର ରାତିରେ ବଡମାଳ ପୁଲିସକୁ ବଡମାଳ ପଞ୍ଚାୟତ ସାହାପଡ଼ା କ୍ଲବ୍ ଠାରେ ଜୁଆଖେଳ ହେଉଥିବା କୌଣସି ସୂତ୍ରରୁ ଖବର ମିଳିଥିଲା । ବଡମାଳ ଆଇଆଇସି ରାଜେନ୍ଦ୍ର ସିଆଲଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଟିମ ସାହାପଡ଼ା କ୍ଲବ୍‌ର ଚାରିଆଡକୁ ଘେରି ଜୁଆଖେଳ ସ୍ଥାନରେ ଚଢ଼ଉ କରିଥିଲା । ଚଢ଼ଉରେ ଜୁଆଖେଳ ସ୍ଥାନରୁ ସାହାପଡ଼ା ଅଞ୍ଚଳର ସଞ୍ଜୟ ପାଣିଗ୍ରାହୀ, ନୃପେନ୍ଦ୍ର ପ୍ରଧାନ, ଜଗବନ୍ଧୁ ସା, ଦିନେଶ ସାହୁ, ଅମୁଲ୍ୟ ପ୍ରଧାନ, ପିଙ୍କୁ ବାରିକ, ସୁମନ୍ତ ସା, ନିମାଇଁ ସାହୁଙ୍କୁ ପୁଲିସ ଗିରଫ କରିଥିଲା । ଏହାସହ ୯ଟି ମୋବାଇଲ, ୪ଟି ସ୍କୁଟି ଏବଂ ବାଇକ, ୨୩ ହଜାର ୭୨୦ ଟଙ୍କା ଓ ତାସ ଜବତ କରିଥିଲା । ବଡମାଳ ଥାନାରେ ଏକ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ବଡମାଳ ଆଇଆଇସି ରାଜେନ୍ଦ୍ର ସିଆଲ ସୂଚନା ଦେଇଛନ୍ତି ।

## ବଲାସିଙ୍ଗା ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା

# ଫାଇନାଲରେ ଗିରାସିଙ୍ଗା ଓ ମୁରଶୁଣ୍ଡୀ



**ବୌଦ୍ଧ, ୮ ।୧୧(ସମିସ):** ବୌଦ୍ଧ ବ୍ଲକ ବଢ଼ିଗାଁ ପଞ୍ଚାୟତ ଅଧୀନ ବଲାସିଙ୍ଗା ସାଲୁଙ୍କି ଖେଳପଡ଼ିଆରେ ବାପୁଜୀ ୟୁଥ୍ ଫୁଟବଲ ସଂଘ ବଲାସିଙ୍ଗା ଆନୁକୂଲ୍ୟରେ ଚାଲିଥିବା ୩୭ ତମ ନକ୍‌ଆଉଟ୍ ଫୁଟବଲ କପ୍ ପ୍ରତିଯୋଗିତାର ଆଜି ସପ୍ତମ ଦିନର ପ୍ରଥମ ସେମିଫାଇନାଲ ମ୍ୟାଚ ଆଠମଲ୍ଲିକ ଓ ଗିରାସିଙ୍ଗା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଗିରାସିଙ୍ଗା ୪-୩ ଗୋଲରେ ବିଜୟୀ ହୋଇ ପ୍ରଥମଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି । ସେହିପରି ଦ୍ୱିତୀୟ ସେମିଫାଇନାଲ ବୌଦ୍ଧ ଓ ମୁରଶୁଣ୍ଡୀ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବେକର ସାହାଯ୍ୟ ନିଆଯାଇଥିଲା । ଏଥିରେ ମୁରଶୁଣ୍ଡୀ ୪-୩ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ଯାଇଛି । ରବିବାର ଗିରାସିଙ୍ଗା ଓ ମୁରୁଶୁଣ୍ଡୀ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ । ଆଜିର ଖେଳରେ ମୁଖ୍ୟ ଅତିଥିଭାବେ ସିଡିଓ ବୌଦ୍ଧ ପ୍ରଭାତ ଚନ୍ଦ୍ର ଦଣ୍ଡସେନା, ସମ୍ମାନିତ ଅତିଥି ଭାବେ ଇଣ୍ଡିଆ କ୍ରିକେଟ ଟିମ୍ ମ୍ୟାନେଜର ଯୁଗଲ କିଶୋର ସାମଲ, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ବଢ଼ିଗାଁ ପୂର୍ବ ସରପଞ୍ଚ ପ୍ରଫୁଲ୍ଲ କୁମାର ପାଢ଼ୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ଅମିତ ନାଏକ, ମାନଭଞ୍ଜନ ମହାରଣା, ଚନ୍ଦନ ମହାରଣା ଓ ବଳରାମ ବେହେରା ପରିଚାଳନା କରିଥିଲେ ।

## ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କଲା ପୁଲିସ

**ଶଗଡ଼ା, ୮ ।୧୧ (ସମିସ):** ମନମୁଣ୍ଡା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି । ଶନିବାର ମନମୁଣ୍ଡା ପୁଲିସ ପକ୍ଷରୁ କୁଆଘରା ଜଙ୍ଗଲରେ ୫୨ ଏକର ପରିମିତ ଜାଗାରେ ବେଆଇନ ଭାବରେ ଚାଷ ହୋଇଥିବା ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଛି ପୁଲିସ । ଏହି ଚଢ଼ଉରେ ମନମୁଣ୍ଡା ଥାନା ଓ ଶଗଡ଼ା ଫାଣ୍ଡିର ପୁଲିସ କର୍ମଚାରୀ ସାମିଲ ଥିଲେ ।

## ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା

# ରାଉରକେଲା ଟିର୍କୀ ବ୍ରଦର୍ସ ଫୁଟବଲ କ୍ଲବ୍ ଚାମ୍ପିଅନ

**ଦେବଗଡ଼, ୮।୧୧(ସମିସ):** ବାରକୋଟ ବ୍ଲକ ଗୋପପୁର ଗାଁରେ ରାଧାକୃଷ୍ଣ କ୍ଲବ୍ ପକ୍ଷରୁ ଗୋପପୁର ଖେଳ ପଡ଼ିଆ ଠାରେ ଚାଲିଥିବା ସର୍ବଭାରତୀୟ ତ୍ରିଦିବସୀୟ ରାଧାକୃଷ୍ଣ ଫୁଟବଲ କପ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ସୁଗୁଡା ଅଶୋକ ଇଲେଭେନ ଦଳକୁ ପରାସ୍ତ କରି ରାଉରକେଲା ଟିର୍କୀ ବ୍ରଦର୍ସ ଫୁଟବଲ କ୍ଲବ୍ ଚାମ୍ପିଅନ ହୋଇଛି । ସନ୍ଧ୍ୟାରେ ଅନୁଷ୍ଠାନର ରମାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ବାରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ଉପାଧ୍ୟକ୍ଷ ସୁମନ ବେହେରା, ବଲଣ୍ଡା ପଞ୍ଚାୟତର ସରପଞ୍ଚ ରଣଦୀପ ପ୍ରଧାନ ଓ ବିଜେଡି ନେତା ରୂପକ ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ଚାମ୍ପିଅନ ରାଉରକେଲା ଟିର୍କୀ ବ୍ରଦର୍ସ ଫୁଟବଲ କ୍ଲବ୍ ଓ ରନର୍ସ ଅପ୍ ସୁଗୁଡା ଅଶୋକ ଇଲେଭେନ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ପିତାମ୍ବର ସାହୁ, ଅର୍ଜୁନ ନାୟକ, କୁମୁଦ ପ୍ରଧାନ, ସୂର୍ଯ୍ୟମଣି ମହାନ୍ତ, ମନୋଜ ପ୍ରଧାନ, ସୁବ୍ରତ ପ୍ରଧାନ, ନରହରି ପ୍ରଧାନ ମଞ୍ଚାସୀନ ଥିଲେ । ଜାତୀୟ ଖେଳାଳି ସୁବ୍ରତ ପୁରୋହିତଙ୍କ ନେତୃତ୍ୱରେ ଖେଳ ପରିଚାଳିତ ହୋଇଥିଲା । ଭାଷ୍ୟକାର ଭାବେ ଧରଣୀଧର ପ୍ରଧାନ, ଦେବରାଜ ପାତ୍ର ଏବଂ ରମାକାନ୍ତ ପ୍ରଧାନ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ । ଗୋପପୁର ରାଧାକୃଷ୍ଣ କ୍ଲବ୍‌ର ସଭାପତି ହିମାଂଶୁ ସାହୁ ଏବଂ ଦୁର୍ବାଦଳ ସାହୁ ମଞ୍ଚ ପରଚଳନା କରିଥିଲେ । କ୍ଲବ୍‌ର ସଦସ୍ୟ ବିରେନ ସାହୁ, ଅର୍ଜୁନ ସାହୁ, ବସନ୍ତ ସାହୁ, ରିଙ୍କୁ ସାହୁ, ରାଜେଶ ସାହୁ, ସତ୍ୟ ପ୍ରଧାନ, ଗମହା ମହାନ୍ତ, ପ୍ରେମାନନ୍ଦ ବିଶ୍ୱାଳ, ମାନସ ସାହୁ, ସିପି ପାଣି, ପାପୁନ ପାଣି ଆଶିଷ ସାହୁ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।




## ମେଣ୍ଟାମାଳ ହାଇସ୍କୁଲରେ ସର୍ଗିଫୁଲ-୨୦୨୫

**ବୌଦ୍ଧ, ୮ ।୧୧ (ସମିସ):** ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ଅଧୀନ ମେଣ୍ଟାମାଳ ହାଇସ୍କୁଲରେ ଜିଲ୍ଲାର ଏସସି ଏସଟି ବିଭାଗ ପରିଚାଳିତ ହାଇସ୍କୁଲ ସମୂହର ଜିଲ୍ଲାସ୍ତରୀୟ ଭଲିବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଛି । ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟରଞ୍ଜନ ରାୟ ଓ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗ ଦେଇଥିଲେ । କ୍ରୀଡ଼ା ଶିକ୍ଷକ ଅମରିଶ ପ୍ରଧାନ, ସମରଜିତ୍ କର୍ମୀ, ରଞ୍ଜିତ ମୋହନ ଚାନ୍ଦ ପରିଚାଳନା କରିଥିବାବେଳେ ନୂତନ କ୍ରୀଡ଼ା ଶିକ୍ଷକ ସରୋଜ କୁମାର ସ୍ୱାଇଁ ଓ ଅଲିଭା ପ୍ରଧାନ ସହଯୋଗ କରିଥିଲେ । ବାଳକ ବିଭାଗରେ ମେଣ୍ଟାମାଳ ହାଇସ୍କୁଲ ବିଜେତା ହୋଇଥିଲା ।

## ବଲାକିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଗ୍ନିକାଣ୍ଡ

**ବୌଦ୍ଧ, ୮ ।୧୧(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତ ଅଧୀନ ବଲାକିରା ଗ୍ରାମର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟାଳୟରେ ବିଦ୍ୟୁତ୍ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଓ ଆସବାବ ପୋଡ଼ି ନଷ୍ଟ ହୋଇଯାଇଛି । ଅପରାହ୍ଣ ୪ଟା ସମୟରେ ସ୍କୁଲ ବନ୍ଦ ଥିବା ବେଳେ କାର୍ଯ୍ୟାଳୟ ପ୍ରକୋଷ୍ଠରୁ ଧୂଆଁ ବାହାରୁଥିବା ଦେଖି ଗ୍ରାମବାସୀ ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ବାଉଁଶୁଣି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ ଅଗ୍ନିକାଣ୍ଡରେ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ କାଗଜ ଓ ଆସବାବପତ୍ର ପୋଡ଼ି ଯାଇଥିଲା ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହର ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

**ଝାରସୁଗୁଡ଼ା, ୮।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବିଦ୍ୟାଳୟ ସ୍ତରୀୟ ୨ ଦିନିଆ ଜିଲ୍ଲା ଖେଳକୁଦ ପ୍ରତିଯୋଗିତା ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ, ଭିକାମପାଲି ଠାରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ସଭାରେ ଲଖନପୁର ବ୍ଲକ ଅଧ୍ୟକ୍ଷା ହୃତେଶ୍ୱରୀ ତିହିରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ପଦ୍ମିନୀ ସାହୁ, ସମିତି ସଭ୍ୟା ବବିତା ମହାପାତ୍ର ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବେହେରା ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୧୩୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି । ତନ୍ମଧ୍ୟରୁ ୨୫ ଜଣ ଖେଳାଳି ଚୟନ ହୋଇ ଆଗାମୀ ଦିନରେ ରାଜ୍ୟ ସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିମଳ ତାଣ୍ଡି ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲାର ଶିକ୍ଷକ ଅଶୋକ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ । ଲଖନପୁର ବ୍ଲକର ଶାରୀରିକ ଶିକ୍ଷା ଶିକ୍ଷକ ମିତ୍ରଭାନୁ ସାହି, ସୁକାନ୍ତ ବାଗ, ଗୌର ଚନ୍ଦ୍ର ଭୋଇ ଏବଂ ନିର୍ମଳ ବିଶ୍ୱାଳ କାର୍ଯ୍ୟକ୍ରମର ସମସ୍ତ ଆୟୋଜନ କରିଥିଲେ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୦୦ ଜଣ ଗାଇଡ ଶିକ୍ଷକ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଶେଷରେ ଶାରୀରିକ ଶିକ୍ଷା ଶିକ୍ଷକ ଦେବେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାସ ଲାଗି ମହିଳା ଗୁରୁତର

**ଥୁଆମୂଳ ରାମପୁର, ୮ ।୧୧(ସମିସ)**

ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମହିଳା ଗୁରୁତର ହେବା ଭଳି ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି । ଶନିବାର ସକାଳେ କଳାହାଣ୍ଡି ଜିଲ୍ଲା ଥୁଆମୁଳରାମପୁର ଥାନା କାଣିଗୁମା ପଞ୍ଚାୟତ ଧୁଳିଗୁଡାରେ ଏଭଳି ଘଟଣା ଘଟିଯାଇଛି । ଏନେଇ ଗୁରୁତର ମହିଳାଙ୍କ ସ୍ୱାମୀ ଥୁଆମୁଳରାମପୁର ଥାନାର ଦ୍ୱାରସ୍ଥ ହେଇ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ ଧୂଳିଗୁଡା ଗ୍ରାମର ଉଗ୍ରେସେନ ନାଏକଙ୍କ ପତ୍ନୀ ଶକୁନ୍ତଳା ଶନିବାର ସକାଳେ ନିଜ ପୋଡ୍ ଋଷ କରିଥିବା ଜଙ୍ଗଲ ଆଡକୁ ଯାଉଥିଲେ । ସେ ଚାଷ ଜମିକୁ ଯାଉଥିବା ରାସ୍ତାରେ କିଛି ଶିକାରୀ ବାର୍‌ହା ଶିକାର କରିବା ଉଦ୍ଦେଶ୍ୟରେ ବିଦ୍ୟୁତ୍ ତାର ସଂଯୋଗ କରିଥିଲେ । ଶକୁନ୍ତଳା ସେଥିପ୍ରତି ନଜର ନଦେଇ ତାରରେ ମାଡି ଦେଇଥିଲା । ଫଳରେ ବିଦ୍ୟୁତ୍ ଆଘାତରେ ଗୁରୁତର ହେଇଥିଲା । ଏହି ସମୟରେ ଗାଁର କିଛି ଲୋକ ଶକୁନ୍ତାଳକୁ ଉଦ୍ଧାର କରି କାଣିଗୁମା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରାଇଥିଲେ । ସୌଭାଗ୍ୟ ବସତଃ ଏକ ବଡ ବିପଦରୁ ଶକୁନ୍ତାଳା ବର୍ତ୍ତି ଯାଇଛି । କିନ୍ତୁ ଏହାର ତଦନ୍ତ ସହ ଉଚିତ୍ ପଦକ୍ଷେପ ପାଇଁ ଥୁଆମୂଳରାମପୁର ପୁଲିସ ଥାନାର ଦ୍ୱାରସ୍ଥ ହେଇଛନ୍ତି ଶକୁନ୍ତଳାର ସ୍ୱାମୀ ଉଗ୍ରେସେନ । ଅନ୍ୟପଟେ ରୀତୀମତ ଜଙ୍ଗଲି ଜନ୍ତୁ ଶିକାର ହେଉଥିଲେ ମଧ୍ୟ ବନ ବିଭାଗ ଗୁରୁତ୍ୱ ଦେଉନଥିବାରୁ ଅନେକ ସମୟରେ ନିରୀହଙ୍କ ଜୀବନ ଅକାଳରେ ଚାଲିଯାଉଛି । ଆଉ ଅନେକ ଜୀବ ଜନ୍ତୁ ମଧ୍ୟ ଲୋପ ପାଇ ଯାଉଛନ୍ତି । ଅନ୍ୟ ପଟରେ ଜନ୍ତୁ ଶିକାର ପାଇଁ ବିଦ୍ୟୁତ ତାର ସଂଯୋଗ କରାଯିବା ଫଳରେ ବାରମ୍ବାର ବିଦ୍ୟୁତ ସରବରାହ ମଧ୍ୟ ବ୍ୟାଘାତ ହେଉଛି । ଥୁଆମୂଳ ରାମପୁର ଭଳି ବଣ ଜଙ୍ଗଲ ପୂର୍ଣ୍ଣ ଅଞ୍ଚଳରେ ବାଘ, ଭାଲୁ, ହରିଣ, ବାରହା, ତଥା ବିଭିନ୍ନ ପକ୍ଷୀ ରହିଥାନ୍ତି । ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ଜୀବିତ ବିଦ୍ୟୁତ୍ ବ୍ୟବହାର କରାଯାଉଛି । କେବଳ ଯେ ନିରୀହ ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ ନୁହଁ ବେଳେ ବେଳେ ସାଧାରଣ ମଣିଷ ମଧ୍ୟ ଏହାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରୁଥିବା ଭଳି ଅନେକ ଘଟଣା ନଜିର ରହିଛି । ଏପଟେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଥିବା ଯୋଗୁଁ ସାଧାରଣରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଏହାକୁ ନେଇ ବିଦ୍ୟୁତ୍ ବିଭାଗ ମଧ୍ୟ ନାକେଦମ୍ ହେଉଛି ।



**ବାଧାପ୍ରାପ୍ତ ହେଉଛି ବିଦ୍ୟୁତ୍ ସରବରାହ**

**ନାକେଦମ୍ ହେଲେଣି ବିଦ୍ୟୁତ ବିଭାଗ କର୍ମଚାରୀ**

# ଚିନ୍ମୟ ପବ୍ଲିକ ସ୍କୁଲରେ ବିଜ୍ଞାନ, ହସ୍ତକଳା ପ୍ରଦର୍ଶନୀ ଉଦ୍‌ଘାଟିତ





ରାଉରକେଲା,୮।୧୧(ସମିସ): ସ୍ଥାନୀୟ ସାରନଗରୀ ସ୍ଥିତ ଆଇଡିଏଲ୍ ରୋଡ୍‌ରେ ଅବସ୍ଥିତ ଚିନ୍ମୟ ପବ୍ଲିକ ସ୍କୁଲରେ ବାର୍ଷିକ ବିଜ୍ଞାନ, ଚିତ୍ରକଳା ଓ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ବୈଜ୍ଞାନିକ ପ୍ରତିଭା ଏବଂ ସୃଜନଶୀଳତା ଲୋକଲୋଚନକୁ ଆଣିବା କ୍ଷେତ୍ରରେ ଏହି ବିଜ୍ଞାନ ପ୍ରଦର୍ଶନୀ ବିଶେଷ ସହାୟକ ହେବ ବୋଲି ଅତିଥି ଶ୍ରୀ ପଟ୍ଟନାୟକ କହିଥିଲେ। ଏହି ଅବସରରେ ଚିନ୍ମୟ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ତ୍ରିନାଥ ଦାସମୋହିନୀ ବକ୍ତବ୍ୟରେ କହିଲେ ଏହି ପ୍ରଦର୍ଶନୀ ଆୟୋଜନ ମାଧ୍ୟମରେ ଛାତ୍ରଛାତ୍ରୀ ସେମାନଙ୍କ ବୈଜ୍ଞାନିକ ଚିନ୍ତାଧାରାକୁ ଆଦାନପ୍ରଦାନ କରିପାରିବେ। ସ୍କୁଲର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ସିଂହ ବକ୍ତବ୍ୟ ମାଧ୍ୟମରେ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପନିର୍ଦ୍ଦେଶକ ରାଜେଶ ଦାସମୋହିନୀ, ପରିଚାଳନା ସମ୍ପାଦିକା ପ୍ରତିଭା ଦାସମୋହିନୀ, ପାଠ୍ୟ ବିଭାଗ ପ୍ରଶାସକ ନୃସିଂହ ପ୍ରସାଦ ପାତ୍ର, ସମାଜସେବୀ ସୁଭାଷ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

ଏହି ଅବସରରେ ୬ଷ୍ଠରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀ ଜୈବିକ କୃଷି, ଦୁର୍ଘଟଣା ମୁକ୍ତ ପରିବହନ, ଶକ୍ତି ସଂରକ୍ଷଣ, ଭୂମିକମ୍ପ ଆଦି ୫ଟି ବିଷୟ ଉପରେ ଛାତ୍ରଛାତ୍ରୀ ୨୩ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହାଛଡ଼ା ନର୍ସରୀରୁ ୫ମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଆକର୍ଷଣୀୟ ହସ୍ତକଳା ପ୍ରଦର୍ଶନ କରିଥିଲେ। ଏହି ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରଞ୍ଜିତ ସାମନ୍ତରାୟ, ଡିନ୍ ଅରବିନ୍ଦ ରାୟ, ମୋନାଲିସା ଶତପଥୀ ପ୍ରଦର୍ଶନୀକୁ ମୂଲ୍ୟାଙ୍କନ କରିଥିଲେ। ବିଜ୍ଞାନ ବିଭାଗ ମୁଖ୍ୟ କୈଳାସ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ମହାକୁଡ଼, ମେଘା ଦାସ, କଳ୍ପନା ଭୁଜବଳ, ଶୁଭଶ୍ରୀ ସାହାଣୀ ହସ୍ତକଳା ପ୍ରଦର୍ଶନୀକୁ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ନମିତା ସେନାପତି, ଇରା ମହାନ୍ତି, ରିୟା ମହାନ୍ତି, ବିଜୟଲକ୍ଷ୍ମୀ ମିଶ୍ର, ଏମ୍. ମାର୍ଥା, ବି. ସାହୁ, ଏସ. ବୁଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୈଳାସ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

କୋଇଡ଼ା,୮।୧୧(ସମିସ)

କୋଇଡ଼ା ଥାନା ପାଟମୁଣ୍ଡା ପଞ୍ଚାୟତସ୍ଥିତ ବଲଡିହି ଗ୍ରାମ ଛକ ନିକଟରେ କ୍ୟାମ୍ପର ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ସନ୍ଧ୍ୟା ୫ଟା ସମୟରେ ସଣୁଆ ଗ୍ରାମର ଗିରିଶଙ୍କର ପଲେଙ୍କ ସାନ ପୁଅ ମାନସ ପଲେଇ (୨୨) କୋଇଡ଼ା ହାଟରୁ ବଜାର ସାରି ଏକ ବାଇକ୍ (ଓଡି୧୪ଟି୯୦୮୪) ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଅପରପାଶ୍ୱର୍ରୁ ଦ୍ରୁତ ବେଗରେ ଏକ ଖଣି ଠିକା ସଂସ୍ଥାର କ୍ୟାମ୍ପର (ଓଡି୧୪ଏନ୧୬୩୬) ମୁହାଁମୁହିଁ ଧକ୍କା ହୋଇଥିଲା। ଯାହା ଫଳରେ ବାଇକ୍ ଆରୋହୀ ମାନସ ଛିଟିକି ପଡ଼ି ଗୁରୁତର



ଆହତ ହୋଇଥିଲେ। ବଲଡିହି ଛକରେ ଥିବା ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ବିଳମ୍ବ ହେବାରୁ ମେଲେରି ବାରିକଙ୍କ ଗାଡ଼ି ସହାୟତାରେ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। କୋଇଡ଼ା ପୁଲିସ୍ କ୍ୟାମ୍ପରକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପଟେ ପାଟମୁଣ୍ଡା ଗ୍ରାମ ରାସ୍ତା ଦେଇ ଅହରହ ଖଣିରେ ନିୟୋଜିତ ଗାଡ଼ି ଦ୍ରୁତଗତିରେ ଚାଲୁଥିବାରୁ ବହୁ ଦୁର୍ଘଟଣା ହେବା ସହ ପ୍ରାଣ ହାନି ମଧ୍ୟ ଘଟିଚାଲିଛି ବୋଲି ଅସନ୍ତୋଷ ପ୍ରକାଶ ପାଇଛି।



# ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ ସୁନ୍ଦରଗଡ଼ର ୫ ଖେଳାଳି



ରାଉରକେଲା,୮।୧୧(ସମିସ): କେନ୍ଦୁଝର ଜିଲ୍ଲା ଡିଏନ୍ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ୬୯ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ଖୋ ଖୋ ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲ୍ଲାର ୫ଜଣ ଖେଳାଳି ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। ୬ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏଥିରେ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ୧୭ବର୍ଷରୁ କମ୍ ବର୍ଷର ବାଳକ ବିଭାଗରେ କୁଆଁରମୁଣ୍ଡା ବ୍ଲକ୍‌ର ଅଂଶ ଗ୍ରହଣ କରିଥିବା ୫ ଜଣ ଖେଳାଳି ହେଲେ ବିକାଶ ବଡ଼ାଇକ, ଅମିତ କୁଜୁର ଏବଂ ୧୫ବର୍ଷରୁ କମ୍ ବର୍ଗର ବାଳିକା ବିଭାଗରେ ମାଳତୀ ଏକା, ନିକିତା ଓରାମ ଓ ବାଳକ ବିଭାଗରୁ ସଚିନ ଟପ୍ପୋ। ଏହି ୫ ଜଣ ଛାତ୍ରଛାତ୍ରୀ ସରକାରୀ ୟୁଜି ବିଦ୍ୟାଳୟର ବୋଲି ସୂଚନା ମିଳିଛି। ଗତ ମାସ ଗିରିଙ୍ଗକେଲା କେସିପି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ କୁଆଁରମୁଣ୍ଡା ବ୍ଲକ୍ ପକ୍ଷରୁ ଅଂଶ ଗ୍ରହଣ କରି ଭଲ ଖେଳ ପ୍ରଦର୍ଶନ କରିଥିଲେ। ଏଥିପାଇଁ ଉକ୍ତ ୫ ଜଣ ଖେଳାଳିଙ୍କୁ କୁଆଁରମୁଣ୍ଡା ବ୍ଲକ୍ ବିଇଓ ନମିତା ମହାପାତ୍ରଙ୍କ ସମେତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରିତା ଲାକ୍ରା, ଖେଳ ଶିକ୍ଷକ କରିସ୍ମା ତିର୍କି, ଖୋ ଖୋ ପ୍ରଶିକ୍ଷକ ଅନୀଲ ସାହୁ ଏବଂ ବ୍ଲକ୍ କ୍ରୀଡ଼ା କମିଟିର ସମ୍ପାଦକ ଦୁଷ୍ମନ୍ତ ମହାନ୍ତ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# ହାଇଡ୍ରୋସିଲ୍ ଅସ୍ତ୍ରୋପଚାର ଶିବିର

ରାଉରକେଲା, ୮।୧୧(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁନ୍ଦରଗଡ଼ ଓ ଏନ୍‌ଟିପିସି ଦର୍ଲିପାଲିସ୍ଥିତ ନିରାମୟ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଏକ ହାଇଡ୍ରୋସିଲ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସୁନ୍ଦରଗଡ଼ ଓ ନିରାମୟ ହସ୍ପିଟାଲ, ଦର୍ଲିପାଲିର ମିଳିତ ଉଦ୍ୟମକ୍ରମେ ଅନୁଷ୍ଠିତ ଶିବିରରେ ହେମଗିର, ଟାଙ୍ଗରପାଲୀ ଓ ଲେଫ୍ରିପଡ଼ା ବ୍ଲକ୍‌ର ୨୦ ଜଣଙ୍କ ଅସ୍ତ୍ରୋପଚାର କରାଯାଇଛି। ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ଅପରାଜିତା ଏଚ୍‌ଓ ଏଚଆର୍ ପ୍ରଭାତୀ ସିଂହ ଓ ଅନ୍ୟାନ୍ୟ ଅଧିକାରୀ ଗଣ ଯୋଗଦାନ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଶିବାଶିଷ ମହାରଣା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଭକ୍ତ ମୋହନ ସ୍ୱାଇଁ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ଡକ୍ଟର ଶ୍ୟାମବନ୍ଧୁ ରଥ, ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରୁ ଡକ୍ଟର ଅଜୟ ଭଟ୍ଟ, ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଡକ୍ଟର ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବସନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ଗିପାଲି ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଦୀପକ ଶର୍ମା, ଭେକ୍ଟର ବାହିତ ରୋଗ ବୈଷୟିକ ପର୍ଯ୍ୟବେକ୍ଷକ ଜ୍ୟୋତ୍ସ୍ନା ନାଏକ, ସୁମନ୍ତ ନାଏକ ଓ ସୁବାଷ ଚନ୍ଦ୍ର ପ୍ରଧାନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

**ଆରଏସପିର ଐତିହାସିକ ପଦକ୍ଷେପ**

# ପ୍ରଥମ ଥର ଆୟୋଜିତ ହେବ ଅନ୍ତର୍ଜାତୀୟ 'ହାଫ୍ ମାରାଥନ୍'

ରାଉରକେଲା,୮।୧୧(ସମିସ): ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍)ର ଅନ୍ୟତମ ୟୁନିଟ୍ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ସେଲ୍‌ସ୍ଥାପନା ଦିବସ ପାଳନ ଉପଲକ୍ଷେ ୨୦୨୬ ଜାନୁଆରୀ ୨୪ ତାରିଖରେ ରାଉରକେଲାରେ ପ୍ରଥମ ଥର ପାଇଁ ଆୟୋଜନ କରିବାକୁ ଯାଉଛି 'ରାଉରକେଲା ହାଫ୍ ମାରାଥନ୍ -୨୦୨୬'। ଏଥିରେ ସୁନ୍ଦରଗଡ଼ ଜିଲ୍ଲା ସମେତ ଦେଶ ବିଦେଶରୁ ଅଂଶ ଗ୍ରହଣ କରିବେ ୫ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ। ଏଥିପାଇଁ ଆସନ୍ତା କାଲି ୯ ତାରିଖ ଠାରୁ ହେବ ଅନଲାଇନ୍ ପଞ୍ଜୀକରଣ। ଆରଏସପି ପକ୍ଷରୁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ସୂଚନା ଦେଇଛନ୍ତି ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଡିଆଇସି ଆଲୋକ କୁମାର ବର୍ମା। ଶ୍ରୀ ବର୍ମା ଆଜି ସନ୍ଧ୍ୟାରେ ଇଣ୍ଡୋ ଜର୍ମାନ କ୍ଲବ୍‌ରେ ଆୟୋଜିତ ଏକ ମିଡିଆ ମିଟ୍‌ରେ ରାଉରକେଲା ହାଫ୍ ମାରାଥନର ଲୋଗୋ, ମାସ୍କଟ୍, ୱେବସାଇଟ୍, ଥିମ୍ ସଙ୍ଗୀତ ଏବଂ ଜର୍ସି ଉନ୍ମୋଚନ କରିଛନ୍ତି।

ଏହି ଅବସରରେ ଶ୍ରୀ ବର୍ମା କହିଥିଲେ ଯେ ପ୍ରତିବର୍ଷ ଜାନୁଆରୀ ୨୪ ତାରିଖରେ ସେଲ ସ୍ଥାପନା ଦିବସ ପାଳନ ଅବସରରେ ମାରାଥନ ଅନୁଷ୍ଠିତ ହେବ। ରାଉରକେଲା ଏବଂ ଅନ୍ୟ ଅଞ୍ଚଳ ଲୋକଙ୍କ ମଧ୍ୟରେ ଶାରୀରିକ ଦକ୍ଷତା, ସାମୁଦାୟିକ ଭାବନା ଏବଂ ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜନ ହେବାକୁ ଯାଉଥିବା ଏହି ଗଣଦୌଡ଼ର ମୁଖ୍ୟ ବିଷୟବସ୍ତୁ 'ସମୃଦ୍ଧି ପାଇଁ ଦୌଡ଼' ରହିଛି। ଉଲ୍ଲେଖନୀୟ ଯେ, ଏହି ମାରଥନ୍ ର ଦୌଡ଼ ଦୂରତା ଏବଂ ସାମଗ୍ରିକ ଫର୍ମାଟ୍




ଏଆଇଏମଏସ (ଆନ୍ତର୍ଜାତୀୟ ମାରାଥନ୍ ଏବଂ ଦୂରତା ଦୌଡ଼ ସଂଘ) ଏବଂ ବିଶ୍ୱ ମାନକ ଅନୁସାରେ ଡିଜାଇନ୍ କରାଯାଇଛି। ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତଥା ମାରାଥନ ଆୟୋଜକ ତରୁଣ ମିଶ୍ର ମାରାଥନର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବୋକାରୋ ଇସ୍ପାତ କାରଖାନାର ଅର୍ଥ ବିଭାଗର ଜିଏମ କିଶନ ଚାନ୍ଦ ଏବଂ ସୁମିତ କୁମାର ସିଂହଙ୍କୁ ସମ୍ମାନିତ କରିଥିଲେ। ଲୋକ ସମ୍ପର୍କ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଜୟଦେବ ମଜୁମଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖନୀୟ ଯେ, ବିଭିନ୍ନ ବୟସ ବର୍ଗ ଏବଂ କ୍ଷମତାରେ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ମାରାଥନରେ ଚାରୋଟି ବର୍ଗ ଅନ୍ତର୍ଭୁକ୍ତ କରାଯାଇଛି। ୧୮ରୁ ୪୫ ବର୍ଷ ବର୍ଗରେ ୨୧.୧ କିଲୋମିଟର (ହାଫ୍ ମାରାଥନ୍), ୧୮ରୁ ୪୫ ବର୍ଷର ପୁରୁଷ ଏବଂ ମହିଳା ବର୍ଗରେ ୧୦ କିଲୋମିଟର, ୧୮ରୁ କମ୍ ବର୍ଷର ପୁରୁଷ ଏବଂ ମହିଳା ବର୍ଗରେ ୫କିମି, ଦିବ୍ୟାଙ୍ଗ ପ୍ରତିଯୋଗୀ ମୁକ୍ତ ବର୍ଗରେ ୨ କିଲୋମିଟର ମାରାଥନ ମାରାଥନର ବିଭିନ୍ନ ବର୍ଗ ପାଇଁ ଅନଲାଇନ୍ ପଞ୍ଜୀକରଣ ୨୦୨୫ ନଭେମ୍ବର ୯ରୁ ଆରମ୍ଭ ହେବ। ଏହି ମାରାଥନରେ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକର ସେଲ୍ କର୍ମଚାରୀ, ସେମାନଙ୍କ ପରିବାର ଏବଂ ଫିଟନେସ୍ ଉତ୍ସାହୀଙ୍କ ସମେତ ପାଶ୍ୱର୍ବର୍ତ୍ତୀ ଗ୍ରାମଗୁଡ଼ିକରୁ ୨୦୦୦ରୁ ଅଧିକ ଖେଳାଳି ଏହି ମାରାଥନରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ସମସ୍ତ ବର୍ଗର ବିଜେତାଙ୍କ ପାଇଁ ମୋଟ ୭,୭୦,୮୦୦ ଟଙ୍କା ପୁରସ୍କାର ରାଶି ରଖାଯାଇଛି। ଏହା ବ୍ୟତୀତ, ଶ୍ରେଷ୍ଠ ୧୦ ଗ୍ରାମୀଣ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା, ୨୦ ଗ୍ରାମୀଣ ଅଂଶଗ୍ରହଣକାରୀଙ୍କୁ ସାଲେମ ଷ୍ଟିଲ୍ ସେଟ୍ ପ୍ରଦାନ କରାଯିବ। ୧୦ ଗ୍ରାମୀଣ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ୧୫୦୦ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ। ନିର୍ଦ୍ଧାରିତ ସମୟରେ ମାରାଥନ ସମାପ୍ତ କରୁଥିବା ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ଏକ ପଦକ ସହ ଡିଜିଟାଲ୍ ପ୍ରମାଣପତ୍ର ମଧ୍ୟ ମିଳିବ। ଏହି ହାଫ୍ ମାରାଥନଟି ସକାଳ ୬ ଘଟିକାରେ ସେକ୍ଟର - ୬ ରୁ ପର୍ଯ୍ୟାୟକ୍ରମେ ଆରମ୍ଭ ହେବ। ନିରପେକ୍ଷ ଅଂଶଗ୍ରହଣ ଏବଂ ସଠିକତା ପାଇଁ ଟ୍ରାକିଂ ସଫ୍ଟୱେର୍, ଡ୍ରୋନ୍ ଏବଂ ଚେକ୍ ପଏଣ୍ଟ ବ୍ୟବହାର କରି ଏକ ତୃତୀୟ ପକ୍ଷ ଦ୍ୱାରା ମାରାଥନକୁ ତଦାରଖ କରାଯିବ। ରାସ୍ତାରେ ଫନ୍ ପଏଣ୍ଟ ସ୍ଥାପନ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯିବାବେଳେ ଦର୍ଶକମାନେ ବିଭିନ୍ନ ସ୍ଥାନରେ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବେ। ପ୍ରମୁଖ ସ୍ଥାନରେ ଡାକ୍ତର, ପାରାମେଡିକ୍ସ ଏବଂ ଆମ୍ବୁଲାନ୍ସ ନିୟୋଜିତ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ଖଣି ବିକାଶ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି କେ ଗିରି, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ଏସଆରୟୁ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି କେ ରଥ ମଞ୍ଚାସୀନ ଥିଲେ।

# ଆଇନ ମହାବିଦ୍ୟାଳୟ ନୂତନ ସଭାପତିଙ୍କ ଦାୟିତ୍ୱ ଗ୍ରହଣ



ରାଉରକେଲା,୮।୧୧(ସମିସ): ରାଉରକେଲା ଆଇନ୍ ମହାବିଦ୍ୟାଳୟ ପରିଚାଳନା କମିଟିର ନୂତନ ସଭାପତି ଭାବେ ଡକ୍ଟର ଯତୀନ୍ଦ୍ର ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି କ୍ରମରେ ରାଉରକେଲା ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଭୁରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସେ ନୂତନ ପରିଚାଳନା କମିଟିକୁ ସ୍ୱାଗତ ତଥା ପୁରାତନ କମିଟିକୁ ବିଦାୟ ଦେବା ପାଇଁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଆଇନ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ପୂର୍ବତନ ସଭାପତି ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ବିଶିଷ୍ଟ ଶିକ୍ଷାବିତ୍ ଙ୍କ ଡଃ ଯତୀନ୍ଦ୍ର ନାୟକଙ୍କୁ ସର୍ବସମ୍ମତିକ୍ରମେ ମହାବିଦ୍ୟାଳୟ ପରିଚାଳନା କମିଟିର ନୂତନ ସଭାପତି ରୂପେ ମନୋନୀତ କରିବା ସହ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ଡକ୍ଟର ନାୟକ ପୂର୍ବତନ ସଭାପତି ସାରଦା ପ୍ରସାଦ ନାୟକଙ୍କ ଠାରୁ ଏହି ନୂତନ ପୂର୍ଣ୍ଣ କାର୍ଯ୍ୟଭାର ଗ୍ରହଣ କରିଥିଲେ।

# ୯ ଓ ୧୫ରେ ଆଦର୍ଶ ଯୁବ ପରିଷଦ ପକ୍ଷରୁ ଶିଶୁ ମହୋତ୍ସବ

ରାଉରକେଲା, ୮।୧୧(ସମିସ): ଚଳିତବର୍ଷ ଆଦର୍ଶ ଯୁବ ପରିଷଦ ଏହାର ରୌପ୍ୟଜୟନ୍ତୀ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହାତକୁ ନେବା ସହ ଏ ନେଇ ପ୍ରସ୍ତୁତି ଆରମ୍ଭ କରିଛି। ଏହି କ୍ରମରେ ୪ର୍ଥ କାର୍ଯ୍ୟକ୍ରମ ସ୍ୱରୂପ ଚଳିତ ମାସରେ ଦୁଇ ଦିବସୀୟ ଶିଶୁ ଆସନ୍ତା କାଲି ଅର୍ଥାତ୍ ୯ ତାରିଖ ଏବଂ ୧୫ ତାରିଖ ଦୁଇ ଦିନ ଧରି ମହୋତ୍ସବ ଆୟୋଜନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି।



ଏହି ଅନୁଯାୟୀ ଆସନ୍ତା କାଲି ସେକ୍ଟର-୭ ସ୍ଥିତ ଚିନ୍ମୟ ବିଦ୍ୟାଳୟ ପରିସରରେ ୫ମରୁ ୯ମ ଶ୍ରେଣୀ ପାଇଁ ଶ୍ରୀମଦ୍‌ଭଗବତ ଗୀତାର ୧୫ତମ ଅଧ୍ୟାୟ ଶ୍ଳୋକ ଆବୃତ୍ତି ଓ ବରିଷ୍ଠ ବର୍ଗରେ 'ଆମ ଜଙ୍ଗଲ-ଆମ ଜୀବନ' ଏବଂ କନିଷ୍ଠ ବର୍ଗରେ ଫୁଲଦାନୀରେ ବିଭିନ୍ନ ଗୋଲାପ ଫୁଲ ଚିତ୍ରାଙ୍କନ, ଛୋଟ ଛୋଟ ପିଲାଙ୍କ ମଧ୍ୟରେ ଫ୍ଲାଇଙ୍ଗ କଲର ପ୍ରତିଯୋଗିତା, ବରିଷ୍ଠ ବର୍ଗରେ "ସରକାରଙ୍କ ମାଗଣା ଯୋଜନା ଦେଶର ବିକାଶରେ ବାଧକ କି?' ଶୀର୍ଷକକୁ ନେଇ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ତର୍କ ପ୍ରତିଯୋଗିତା, ଛୋଟ ପିଲାଙ୍କ ମଧ୍ୟରେ ରାଇମ୍‌ସ, କୌତୁକ ବେଶ ଓ ୫ମରୁ ୯ମ ଶ୍ରେଣୀ ପାଇଁ ରଙ୍ଗୋଲି ଆଦି ପ୍ରତିଯୋଗିତା କରାଯିବ ବୋଲି ସୂଚନା ମିଳିଛି।

ସେହିଭଳି ୧୫ ତାରିଖ ଦିନ ସ୍ଥାନୀୟ ସିଭିକ୍ ସେଣ୍ଟର ଅଡିଟୋରିୟମ ଠାରେ ବାଳକ ଓ ବାଳିକାଙ୍କ ମଧ୍ୟରେ ଏକକ ଅଭିନୟ, କନିଷ୍ଠ ଓ ବରିଷ୍ଠ ବର୍ଗରେ ଏକକ ଶାସ୍ତ୍ରୀୟ ନୃତ୍ୟ, ଏକକ ଭାରତୀୟ ଲୋକନୃତ୍ୟ, ଯୁଗଳ ଲୋକନୃତ୍ୟ ଏବଂ ପରେ ଦଳଗତ ଲୋକନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ ତଥା ସମ୍ମାନ ସମାରୋହ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ଠିକାଦାରଙ୍କ କବ୍‌ଜାରେ ଚକ୍ଷୁ ଅସ୍ତ୍ରୋପଚାର ଗୃହ

## ମରାମତି କାର୍ଯ୍ୟ ଅସମ୍ପୂର୍ଣ୍ଣ ହେତୁ ବନ୍ଦ ରହିଛି ଅସ୍ତ୍ରୋପଚାର

ବଣାଇଁ,୮।୧୧(ସମିସ): ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଲୋକେ ସ୍ୱାସ୍ଥ୍ୟ ସେବା ପାଇବାରୁ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛି ମାସ ହେବ ଏଠାରେ ଚକ୍ଷୁ ଅସ୍ତ୍ରୋପଚାର ବନ୍ଦ ରହିଛି। ଯାହା ଫଳରେ ସ୍ଥାନୀୟ ଲୋକେ କଟକ ଓ ଭୁବନେଶ୍ୱର ଆଦି ବିଭିନ୍ନ ଦୂର ସ୍ଥାନକୁ ଯାଇ ଚକ୍ଷୁ ଅସ୍ତ୍ରୋପଚାର କରାଉଛନ୍ତି। ଅଯଥା ଖର୍ଚ୍ଚାନ୍ତ ଓ ହଇରାଣ ହେଉଛନ୍ତି। ସ୍ଥାନୀୟ ଜନସାଧାରଣ ସରକାରୀ ବ୍ୟବସ୍ଥାର ସୁଫଳ ପାଉନାହାନ୍ତି। ଖବର ଅନୁଯାୟୀ ଠିକାଦାର ମନମାନି କରି ଚକ୍ଷୁ ଅସ୍ତ୍ରୋପଚାର ଗୃହର ସାମାନ୍ୟ କିଛି ମରାମତି କାମ ବାକି ରଖି ଥିବାରୁ ଏଠାରେ ଚକ୍ଷୁ ଅସ୍ତ୍ରୋପଚାର ବନ୍ଦ ରହିଛି। ଫଳରେ ଠିକାଦାର ଏହି ଗୃହକୁ କବ୍‌ଜା କରି ରଖିଛନ୍ତି। ପ୍ରଶାସନ ଏହାର ଶୀଘ୍ର ପ୍ରତିକାର କରିବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି। ଏ ନେଇ ବଣାଇଁ ଉପଖଣ୍ଡ ଚିକିତ୍ସା ଅଧିକାରୀ ମନୋଜ କୁମାର ପତିଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ମିଳିପାରିନାହିଁ।




# ଆର୍‌ଏସ୍‌ପି ପକ୍ଷରୁ ଡିସ୍କେଲିଂ ପମ୍ପର ନିଜସ୍ୱ ପୁନଃସ୍ଥାପନ ଦ୍ୱାରା ବିପୁଳ ସଞ୍ଚୟ ସାଧନ

ରାଉରକେଲା,୮।୧୧(ସମିସ)

ବୈଷୟିକ ଉତ୍କୃଷ୍ଟତା ଏବଂ ଆତ୍ମନିର୍ଭରଶୀଳତାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଦର୍ଶନ ସହକାରେ ସେଲ୍ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚ୍‌ଏସ୍‌ଏମ୍-୨)ର ଏକ ବିଭାଗୀୟ ଦଳ ସମ୍ପୂର୍ଣ୍ଣ ଭାବରେ ନିଜସ୍ୱ ସମ୍ବଳ ଓ ଦକ୍ଷତାର ଉପଯୋଗ ପୂର୍ବକ ଏକ ଜଟିଳ ନଅ ପର୍ଯ୍ୟାୟ ବିଶିଷ୍ଟ ହିଟାଚି ଡିସ୍କେଲିଂ ପମ୍ପକୁ ସଫଳତାର ସହିତ ପୁନସ୍ଥାପନ କରିଛନ୍ତି। ଯାହା କାରଖାନାର ଇତିହାସରେ ସମଧରଣର ପ୍ରଥମ ସଫଳତା। ନିଜସ୍ୱ ସମ୍ବଳ ଓ ଦକ୍ଷତାରେ ଏହା ନିରବଚ୍ଛିନ୍ନ ଉତ୍ପାଦନ ସୁନିଶ୍ଚିତ କରିଥିଲା। ଏଥିସହ ପ୍ରାୟ ୫୦ ଲକ୍ଷ ଟଙ୍କାର ଆନୁମାନିକ ଖର୍ଚ୍ଚ ମଧ୍ୟ ସଞ୍ଚୟ କରିଥିଲା। ଏଚ୍‌ଏସ୍‌ଏମ୍-୨ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ଏଚ୍‌ଏସ୍‌ଏମ୍ ଓ ଆନୁଷଙ୍ଗିକ ବିଭାଗର ସିଜିଏମ୍



ସୁବ୍ରତ କୁମାର ଏହି ଉଲ୍ଲେଖନୀୟ ପ୍ରୟାସ ପାଇଁ ଦଳର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଭାଗର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଏଚ୍‌ଏସ୍‌ଏମ୍-୨ରେ ଡିସ୍କେଲିଂ ସିଷ୍ଟମ୍ ଷ୍ଟ୍ରିପ୍‌ରୁ ସ୍କେଲ୍ ଅପସାରଣ କରି ସ୍ଲାବ୍ ପୃଷ୍ଠ ଗୁଣବତ୍ତା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଥିରେ ପାଞ୍ଚଟି ଜାପାନ ନିର୍ମିତ ହିଟାଚି ନଅ-ଷ୍ଟେଜ୍ ସେଣ୍ଟ୍ରାଫ୍ୟୁଗାଲ୍ ପମ୍ପ ରହିଛି। ପ୍ରତ୍ୟେକଟି ୨୪୦ ବାର୍ ଚାପ ସହ କାର୍ଯ୍ୟ କରୁଛି। କିଛି ଦିନ ପୂର୍ବେ ପମ୍ପ ନମ୍ବର ୫ ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଭାଙ୍ଗି ଯାଇଥିଲା। ପମ୍ପ ନମ୍ବର ୩ ମଧ୍ୟ ଖରାପ ଅବସ୍ଥାରେ ଥିଲା। କାର୍ଯ୍ୟ ପାଇଁ କେବଳ ତିନୋଟି ପମ୍ପ ଉପଲବ୍ଧ ଥିବାରୁ ପରିସ୍ଥିତି ଜଟିଳ ଥିଲା। ଯାହା ମିଲ୍ କାର୍ଯ୍ୟଦକ୍ଷତା ଏବଂ ଉତ୍ପାଦ ଗୁଣବତ୍ତା ପାଇଁ ସମ୍ଭାବ୍ୟ ବିପଦ ସୃଷ୍ଟି କରିଥିଲା।

ଅନେକ ଅନୁସରଣ ସତ୍ତ୍ୱେ ହିଟାଚିର ସେବା ପ୍ରତିକ୍ରିୟା ବିଳମ୍ବ ହେବାରୁ, ଏଚଏସଏମ-୨ ଦଳ ଉକ୍ତ ପମ୍ପକୁ ନିଜସ୍ୱ ରୂପେ ମରାମତି କରିବାର ଚ୍ୟାଲେଞ୍ଜ ଗ୍ରହଣ କରିଥିଲେ। ଯାହା ଆର୍‌ଏସ୍‌ପିରେ ପୂର୍ବରୁ କେବେ ଚେଷ୍ଟା କରାଯାଇନଥିଲା। ମରାମତି କାର୍ଯ୍ୟ ଏଜିଏମ୍ ମେକାନିକାଲ ଧନଞ୍ଜୟ ପ୍ରଦୀପ, ସିପିପି-୧ର ଏଜିଏମ୍ ଦିଲୀପ କୁମାର ରାଉତରାୟ ଏବଂ ସିପିପି-୧ର ସିନିୟର ମ୍ୟାନେଜର ଧନଞ୍ଜୟ ଯାଦବଙ୍କ ବୈଷୟିକ ସହାୟତାରେ ସମ୍ପନ୍ନ ହୋଇଥିଲା। ମେସର୍ସ ଟର୍ବୋ ଟେକ୍ ଦକ୍ଷ ଟେକ୍ନିସିଆନ୍ ସହାୟତା ପ୍ରଦାନ କରିଥିଲା ଏବଂ ଏଚ୍‌ଏମ୍‌ଇ ଦଳ ଆଲାଇନମେଣ୍ଟ କାର୍ଯ୍ୟରେ ସହାୟତା କରିଥିଲା। ସୂକ୍ଷ୍ମ ପ୍ରୟାସ ପରେ, ପମ୍ପକୁ ସଫଳତାର ସହିତ ପୁନଃସ୍ଥାପିତ, ପରୀକ୍ଷିତ ଏବଂ କାର୍ଯ୍ୟକ୍ଷମ କରାଯାଇଥିଲା। ଏହି ସମ୍ପୂର୍ଣ୍ଣ ପ୍ରୟାସ ଏଚଏସଏମ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାର ଏବଂ ଏଚଏସଏମ-୨ ମେକାନିକାଲ ବିଭାଗ ମୁଖ୍ୟ ସୁବ୍ରତ କାନୁନଗୋଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ସମ୍ପାଦିତ ହୋଇଥିଲା। ଏହି ଉଲ୍ଲେଖନୀୟ ସଫଳତା ଆରଏସପିର ନବସୃଜନ, ଦଳଗତ କାର୍ଯ୍ୟ ଏବଂ ଆତ୍ମନିର୍ଭରଶୀଳତାର ସଂସ୍କୃତି, ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରିବା ଏବଂ ପ୍ରତ୍ୟେକ ପଦକ୍ଷେପରେ ଉତ୍କର୍ଷତା ହାସଲର ଗୌରବମୟ ଐତିହ୍ୟକୁ ପ୍ରତିଫଳିତ କରୁଛି।

# ସମାଜସେବୀ ଜୟରାମ ସୂତାରଙ୍କ ପରଲୋକ

ରାଉରକେଲା,୮।୧୧(ସମିସ): ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ କର୍ମଚାରୀ ତଥା ସାରନଗରୀ ଅଞ୍ଚଳର ସମାଜସେବୀ ଜୟରାମ ସୂତାରଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସାରନଗରୀ ବି-୧୯୧ କ୍ୱାର୍ଟର୍ସରେ ବାସ କରୁଥିବା ଜୟରାମ କିଛିଦିନ ଧରି ମସ୍ତିଷ୍କ ଜନିତ ରୋଗରେ ଅସୁସ୍ଥ ହୋଇ ଆଇଜିଏଚ୍‌ରେ ଚିକିତ୍ସାଧୀନ ଥିଲେ। ଗତକାଲି ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତି ଥିଲେ। ଅବସର ପରେ ସେ ସାରନଗରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର କୋଷାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ବେଦବ୍ୟାସ ଶ୍ମଶାନ ଘାଟରେ ଅନ୍ତେ୍ୟଷ୍ଟି କ୍ରିୟା କରାଯାଇଥିଲା। ପୁତ୍ର ଦେବାଶିଷ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସାରନଗରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଶୋକ ପ୍ରକଟ କରିଛନ୍ତି। ତାଙ୍କ ଦେହାନ୍ତ ଖବର ସାରନଗରୀ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।



କାଶୀନାଥ ନନ୍ଦୀ





# ଶବ ଲୁଚିଛି

ଲୋକଟା ଶବ ହେଇ ଶୋଇ ଥିଲା । ଶବକୁ ଜାତୀୟ ପତାକାରେ ଢାଙ୍କି ଦିଆ ଯାଇଥିଲା । ଇହକାଳର ଶେଷ ସନ୍ତକ ତା' ଦେହକୁ ଜାତୀୟ ପତାକା ଲୁଚେଇ ଦେଇଥିଲା । ଯୋଗ ଏମିତି ସେଦିନ ସ୍ୱାଧୀନତା ଦିବସ ଥିଲା ।

ଲୋକଟା ମରି ଯାଇଛି ବୋଲି କାହା କାହା ଆଖିରୁ ଲୁହ ବହୁଥିଲା । କୋଉ ଆଖିର ଲୁହ ଲାଗୁଥିଲା ପାଣି, କୋଉ ଆଖିର ଲୁହ ଲାଗୁଲା ପ୍ଲାଷ୍ଟିକ ଲୁହ । ଶବକୁ ଶେଷ ଦର୍ଶନ କରିବାକୁ ଗମନା ଗମନ ଲାଗି ରହିଥିଲା । ଲୋକେ ଆସୁଥିଲେ । ପାଦରେ ଫୁଲ ଦେଉଥିଲେ । କିଏ କିଏ ଶବପାଦ-ଧୂଳି ନେଇ ମୁଣ୍ଡରେ ମାରୁଥିଲେ । ତାହା ସେମାନଙ୍କର ବୋଧହୁଏ ଅତି ପ୍ରବଣତା, ନ ହେଲେ ମିଛ ପ୍ରଦର୍ଶନ । ଏତିକି ପରେ ସେମାନଙ୍କ ଭିତରୁ କିଛି ରହୁଥିଲେ । କିଛି ଚାଲି ଯାଉଥିଲେ ।

ଶବ ଉଠିବାକୁ ବିଳମ୍ବ ହେଉଥିଲା । ବାସିମଡ଼ା ହେଇ ଶବ ଶଢୁଥିଲା । ତେବେ ମଡ଼ା ଗନ୍ଧକୁ ଜିତି ଯାଉଥିଲା ଅତର ଓ ଧୂପର ଗନ୍ଧ । ଅଳ୍ପ ଅଳ୍ପ ଗନ୍ଧକୁ ବେଶି ଗନ୍ଧ ଜିତି ଯାଉଥିଲା । ତେଣୁ ପବନରେ ସୁବାସ ଲାଗି ରହିଥିଲା । ପାର୍ଟି ଲୋକ, ସାଧାରଣ ଜନତା ଓ ଜ୍ଞାନ୍ତି କୁଟୁମ୍ବ ସମସ୍ତେ ଅପେକ୍ଷାରେ ଥିଲେ, ମନ୍ତ୍ରୀ ଆସିବେ । ମନ୍ତ୍ରୀ ଆସିଲେ ଆଗକୁ ଯାହା ହେବ ।

ଅନେକ ସମୟ ଏଇମିତି ରହି ରହି ବିତିଗଲା । ଅନେକ ସମୟ ଯାଇଥିବ, ହଠାତ୍ ଗୋଟେ ବଡ଼ ଗୁଞ୍ଜରଣ ସୃଷ୍ଟି ହେଲା ସମୂହରେ ଯେ 'ମନ୍ତ୍ରୀ ଆସୁଛନ୍ତି ।' ସେ ପୁରୁଣା ରାଜବାଟି ତଥା ଜିଲ୍ଲା ସମାବେଶ ପଡ଼ିଆରୁ ପତାକା ଉତ୍ତୋଳନ କଲାପରେ ସିଧା ଏଇଠିକୁ ଆସୁଛନ୍ତି । ହେଇ ଆସିଯିବେ । ସେ ଶେଷ ଦର୍ଶନ କରିବେ । ଫୁଲ ଦେଇ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବେ । ତା'ପରେ ଶବ ଶୋଭାଯାତ୍ରାରେ ବାହାରିବ । ଶବସତ୍କାର କରା ହେବ । ଶବକୁ ଜାତୀୟ ସମ୍ମାନ ଦିଆଯିବ ।

ଯାହାଙ୍କୁ ଅପେକ୍ଷା ସେ ଆସି ପହଞ୍ଚିବା ପହଞ୍ଚିବା ହେଉଛନ୍ତି, ତା' ଆଗରୁ ସେମାନେ ଦୁଇଜଣ ସମୁହଁ ଭିତରକୁ ପ୍ରବେଶ କଲେ । ସେମାନେ ମାଆଟିଏ, ପୁଅଟିଏ । ମାଆ ତ୍ରିରଙ୍ଗୀ ଜାତୀୟ ବେଶରେ । ପୁଅ ସାନଟେ, ସେ ସୁଭାସ ବୋଷଙ୍କ ବେଶରେ । କେତେ ଜଣଙ୍କ ଆଖିରେ ବିସ୍ମୟ ଓ ପ୍ରଶ୍ନ, ଏମାନେ କାହିଁକି ( ! ) ? ଯାହା ନ ହେବା କଥା ତା ହେବ ନାହିଁତ ? ସେଇ ବିସ୍ମୟ ଓ ପ୍ରଶ୍ନ ଭିତରେ ଲୁଚିଥାଇ କେତେ ଜଣ ଘାରି ହେଲେ । ତେବେ ସେଇ ମାଆ ପୁଅ ଭିତରକୁ ପ୍ରବେଶ କରି ଯାଇଥିଲେ । ଚାଲି ଚାଲି ସେମାନେ ଶବ ପାଖରେ ପହଞ୍ଚିଲେ । ସେଇ ଉଚ୍ଚତା ଉପରକୁ ଉଠିଗଲେ ଯେଉଁଠି ଶବ ରଖାଯାଇଥିଲା । ସମସ୍ତଙ୍କ ଆଖି ଏବେ ସେମାନଙ୍କ ଉପରେ । ମାଆର ଆଖି ଶବ ଉପରେ । ଜାତୀୟ ପତାକା ତଳେ ଲୁଚିଛି ଗୋଟେ ମଲାଦେହ । ପତାକାକୁ ଭେଦି ପାରୁ ନାହିଁ ଆଖି । ଆଖି ଦେଖି ପାରୁନାହିଁ ଗୋଟେ ଉଲଗ୍ନ ଦେହ । ଯେଉଁ ଦେହର ପ୍ରତିଟି ଅଂଶକୁ ସେଇ ମାଆଟି ଚିହ୍ନିଛି । ପ୍ରତିଟି ସ୍ପନ୍ଦନକୁ ସେ ଅନୁଭବ କରିଛି । ଜାଣିଛି ଜଣେ ମଣିଷର ମାୟାରୂପ କେମିତି ଭୟଙ୍କର । ଏବେ ସେଇ ମାଆ, ସେଇ ନାରୀ ଦେହରେ ନିଆଁ । ସେଇ ନିଆଁ ତା' ଆଖିରେ । ଯେମିତି ପୋଡ଼ି ଜାଳିଦେବ ଗୋଟେ ଦେହକୁ । ହେଲେ ସେ ପାରୁ ନାହିଁ । ତା' ଆଖି ଓ ସେଇ ଦେହ ମଝିରେ ଜାତୀୟ ପତାକା ରହିଛି । ଯାହା ମା' ଭାରତୀର ସନ୍ତକ, ସେଇ ଜାତୀୟ ପତାକା ଆଗରେ ମାଆଟିର ଆଖି ଟେକୁ ନାହିଁ । ଆଖି ନଇଁ ଯାଉଛି । ପତାକାକୁ ସମ୍ମାନ । ଶବକୁ ଘୃଣା । ମଝିରେ ଯେମିତି ରହିଯାଇଛି ସେଇ ମାଆ । ଭାବି ପାରୁ ନାହିଁ କ'ଣ ସେ କରିବ (?) ।

ଏତିକିବେଳେ ଯେଉଁ ସମୟକୁ ଅପେକ୍ଷା ଥିଲା ସେଇ ସମୟ ଆସି ଗଲା । ମନ୍ତ୍ରୀ ପହଞ୍ଚୁଛନ୍ତି, ସେଉଠୁ ଆରମ୍ଭ ସ୍ଲୋଗାନ । ଶବର ଜୟ ଜୟକାର । ପୁଣି ସ୍ଲୋଗାନ ପରେ ନିରବତା । ଆସ୍ତେ ଆସ୍ତେ ମନ୍ତ୍ରୀ ତାଙ୍କ ଦଳବଳ ନେଇ ପ୍ରବେଶ କରୁଛନ୍ତି, ଠିକ୍ ଏତିକି ବେଳେ ହାତ ଉଠେଇଲା ସ୍ତ୍ରୀ ଲୋକଟି । ଶବକୁ ଢାଙ୍କି ଥିବା ଜାତୀୟ ପତାକାକୁ ଜୋର କରି ମୁଠେଇ ଧରିଲା । ଏମିତି ଉଠେଇଲା, ଲାଗିବ ସେ ତା'ର ସମସ୍ତ ବଳ ସେଇଠି ଲଗେଇ ଦେଇଛି । ଘୃଣାରେ ନିଆଁ ଲାଗିଥିଲା । ସେ ଚିତ୍କାର କରି କହି ଉଠିଲା, "ତୁ ଏ ପତାକାର ଯୋଗ୍ୟ ନୁହଁ ପାପୀ... । ତୁ ନର୍ଦ୍ଦମାର ପୋକ । ନର୍ଦ୍ଦମାରେ ତୋ ସ୍ଥାନ... ।"

ଏକାବେଳେ ସମସ୍ତେ ସ୍ତବ୍ଧ ।

ଏବେ ସମସ୍ତଙ୍କ ଆଖି ସେଇ ମାଆଟି ଉପରେ ସ୍ଥିର । ସମସ୍ତେ ଦେଖୁଥିଲେ, ଗୋଟେ ନାରୀର ମୁହଁ । ଯେଉଁ ମୁହଁରେ କି ନିଆଁ ଲାଗି ଥିଲା । ଘୃଣା ଉପରେ ଦାଉ ଦାଉ ଜଳୁଥିଲା ନିଆଁ । ଏଥର ସେ ଥୁ ଥୁ କରି ତିନି ଲଣ୍ଡା ଛେପ ପକାଇଲା ଶବର ମୁହଁ ଉପରକୁ, ଯେମିତି ତ୍ରିବାର ସତ୍ୟକୁ ସେଇଠି ସେ ଓହ୍ଲେଇ ଦେଲା । ତାପରେ ସେ ତା' ବେନି ହାତରେ ଧରିଲା ପତାକା । ଉର୍ଦ୍ଧ୍ୱକୁ ଉଠାଇଲା । ତା' ହାତ ଯେମିତି ଖମ୍ବ ପରି ଟେକି ଧରିଥିଲା ପତାକାକୁ । ପବନ ସେଇ ପତାକାକୁ ଉଡ଼ାଇବାକୁ ଆରମ୍ଭ କଲା । କୁନି ସୁବାସ କ'ଣ ଭାବିଲା କେଜାଣି, ସେ ସାଲୁଟ କଲା ପତାକାକୁ ।

ସେଇଠି ବହୁ ଲୋକ, ଚାଲି ଆସୁଥିଲା ବହୁ ପାଦ, ସବୁ ରହିଗଲା । ରହିଗଲା ଦେଖୁଥିବା ସମସ୍ତ ଆଖି । ରହିଗଲା, ଶୁଣୁଥିବା ସବୁ କାନ । ରହିଗଲା କହୁଥିବା ଯେତେ ପାଟି । ସବୁ ମଣିଷ ଏବେ ତିନି ମାଙ୍କଡ଼ । ଦେଖି, ଦେଖୁ ନ ଥିଲେ । ଶୁଣି, ଶୁଣୁ ନ ଥିଲେ । ପାଟିଥାଇ କଥା କହୁ ନ ଥିଲେ । ସେମିତି ସ୍ଥିର । ସେମିତି ଅନ୍ଧ, ମୂକ, ବଧିର । ସେଇ ସ୍ଥିରତା ଉପରେ ପବନ ବହୁଥିଲା । ଜାତୀୟ ପତାକା ଫର୍ ଫର୍ ଉଡୁଥିଲା । ■

ରାଉରକେଲା
ମୋ : ୯୮୬୧୬୫୫୩୫୭

# ନୀରବତା

ଅକ୍ଷୟ ବେହେରା



ସେ ଏକ ଏମିତି ରଜ୍ଜୁ
ନିରନ୍ତର ଛନ୍ଦି ଦେଉଥାଏ
ମନ ସହ ମନ...

ତମେ କେଉଁଠି
ମୁଁ କେଉଁଠି
ଏକା ପରି ଲାଗୁ ନାହିଁ କି
ଦୁଇଟି ହୃଦୟ?

ଯାହାଯାହା ସଞ୍ଚି ନେଲେ
ଏ ଦୀର୍ଘ ଯାତ୍ରା ପଥରୁ
ସେ ସବୁ ନୁହେଁ କି ଆମ
ନୀରବ – ସମ୍ପଦ...

ଏବେ
ଯେବେ ଫେରୁଛି
ସେଇ ସବୁ ଚିଠିର
ନକଲ ପାଖକୁ
କିଏ ଲେଖିଛି ଏ ସବୁ
ନିଜେ ଲେଖି ନିଜେ ବିସ୍ମିତ ହୁଏ...

କେତେ ପରିଷ୍କାର ପରିଚ୍ଛନ୍ନ
ସେ ପଥ
ଦିନ ଦିନ ଏକ ଲୟ-
ସବୁ ନୀରାମୟ...

ଆତଙ୍କର ବଳୟରେ ଥାଇ
କେମିତି ସମ୍ଭବ?

ଏମିତି ଅସୁମାରୀ ସ୍ମୃତି ସମ୍ପଦ
ବ୍ୟାପିଛି ଦିଗ୍‌ବଳୟରୁ
ଦିଗ୍‌ବଳୟର ପଣତ ପରି
ମାଟିରୁ ଆକାଶ...

ଏବେ
ନୀରବତା
ନୀରବରେ
ନୀରବରେ
ନିରନ୍ତର
ତମ କଥା କହେ... ■

ଭୁବନେଶ୍ୱର-୭୫୧୦୧୬
ମୋ: ୯୪୩୭୨୭ ୯ ୯୪୧

# ଭୂମିଲଗ୍ନା

ସେନାପତି ପ୍ରଦ୍ୟୁମ୍ନ କେଶରୀ



ଦେହ ମାଟି ହେଲେ ମହୁ ମହୁ ବାସେ ।

ଦୁଷ୍ଟାମି କଣ ମହୁଠୁ କମ୍ ମିଠା କି ?
ଅଧା ବାଟରେ ଖରା ଟିକେ ରହିଯାଏ
ହୃଦୟ କ୍ଷେତଆଡ଼େ ଚାହେଁ
ଶାଗୁଆ ଘାସ ଦେହରେ କାହାର ଚିହ୍ନା ଚିହ୍ନା ଛାଇ
ଖରାକୁ ଆଖିର ଇସାରାରେ ପାଖକୁ ଡାକେ ।

ବର୍ଷାରେ ତିନ୍ତି ବୁଡ଼ି
ଗାଳେଇ ପଡ଼ିଥିବା ପକ୍ଷୀ
ଖରାର ଆଲିଙ୍ଗନରେ
ଅଳସ ଭାଙ୍ଗି କୁଆନ୍ ପୃଥିବୀକୁ ଦେଖେ ।

ଦେହ ଦୋଳିରେ ଝୁଲୁ ଝୁଲୁ କେତେବେଳେ
ଢୁଳେଇ ପଡ଼େ ଥକିଲା ପବନ
ଶ୍ୟାମ ଶ୍ୟାମ ଲାଗୁଥିବା ଈଷତ୍ ଅନ୍ଧାର
ଛପି ଛପି ଆସି ଆଖି ବୁଜି ଧରେ ତ
ଲାଜରେ ଦମ୍ ଦମ୍ ହୁଏ ଗୋରୀ ଜହ୍ନ ।

ତୁମ ଦେହ ଗଛ ବଢ଼ି ବଢ଼ି ଯାଏ ଆକାଶ ଛୁଇଁବାକୁ
ଖସି ଖସି ଆସ ତୁମେ ମେଘ ପରି
ମୋ ଛାତିର ପାହାଡ଼କୁ ମୋତେ ଟିକେ ଶରଧାରେ
ଭିଡ଼ି ଧରି ତୁମ ଉଷ୍ମ ନିଃଶ୍ୱାସରେ ମିଶାଇ ଦେବାକୁ ।

ଯେଉଁଠି ମୁହାଣ, ସେଠି ସବୁବେଳେ
ମିଳନର ବାରମାସୀ ବସନ୍ତ

ସେ ଗୋଟେ ଏମିତି ଜାଗା
ଯେଉଁଠି ନଥାଏ ବ୍ୟର୍ଥତା,
ନଥାଏ ଭୟ କି ଶୂନ୍ୟତା
କ୍ଷୀର ପରି ଦିଶୁଥାଏ ନଈ ଜଳ
ମିଶ୍ରି ପାଣି ପରି ଲାଗେ ଖାର ସମୁଦ୍ର !

ଦେହ ମାଟି ହେଲେ ପାଲଟି ଯାଏ ଅମୃତ
ଭୂମିଲଗ୍ନା ହେଲେ
ଦେହର ଉପବନରେ ଲାଗିଯାଏ ମହୁମାଛିଙ୍କ ଭିଡ଼ ! ■

ଜଗନ୍ନାଥ କଲୋନୀ, ବାଲିକୁଦା
ପୋଷ୍ଟ: ଗୋପାଳପୁର
କଟକ:୭୫୩୦୧୧
ମୋ : ୬୩୭୧୫୨୩୫୯୮



# ତତ୍ତ୍ୱ ଓ ଭାଷା

ଡକ୍ଟର ଦେବାଶିଷ ମହାପାତ୍ର



ଭାଷା ପାଇଁ ଭାରତ ବିଶ୍ୱବିଖ୍ୟାତ । ତତ୍ତ୍ୱ ପାଇଁ ବି । ବିଶେଷତଃ, ସାହିତ୍ୟତତ୍ତ୍ୱ । ଭାମହ, ଦଣ୍ଡୀ, ବାମନ, ଆନନ୍ଦବର୍ଦ୍ଧନ, ଅଭିନବଗୁପ୍ତ, କୁନ୍ତକ, କ୍ଷେମେନ୍ଦ୍ର, ବିଶ୍ୱନାଥ କବିରାଜଙ୍କ ସମେତ ବହୁ ଆଚାର୍ଯ୍ୟ, ସାହିତ୍ୟତତ୍ତ୍ୱ ବ୍ୟାଖ୍ୟା କରି ଭାରତୀୟ ଭାଷା ଓ ସାହିତ୍ୟର ପ୍ରସାର କରିଛନ୍ତି । ଆଚାର୍ଯ୍ୟ ବାମନଙ୍କ ମତ, "ରୀତିରାତ୍ମା କାବ୍ୟସ୍ୟ" । କୁନ୍ତକ କହନ୍ତି,"ବକ୍ରୋକ୍ତନି କାବ୍ୟ ଜୀବିତମ୍" । ବିଶ୍ୱନାଥ କବିରାଜ ମତ ଦିଅନ୍ତି, "କାବ୍ୟଂ ରସାତ୍ମକଂ କାବ୍ୟଂ" । ଷଷ୍ଠ ଶତାବ୍ଦୀର ବାମନଙ୍କ 'କାବ୍ୟାଳଙ୍କାର' ସପ୍ତମ ଶତାବ୍ଦୀର ଦଣ୍ଡୀଙ୍କ 'କାବ୍ୟାଦର୍ଶ', ଅଷ୍ଟମ ଶତାବ୍ଦୀର ଆଚାର୍ଯ୍ୟ ବାମନଙ୍କ 'କାବ୍ୟାଳଙ୍କାର ସୂତ୍ର', ନବମ ଶତାବ୍ଦୀର ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ' ଆମକୁ ତତ୍ତ୍ୱ ଓ ଭାଷା ମଧ୍ୟରେ ପରସ୍ପରର ସମ୍ପର୍କ କଥା କହେ । ସେହିଭଳି ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟ ଦର୍ପଣ', ମମ୍ମଟ ଭଟ୍ଟଙ୍କ 'କାବ୍ୟ ପ୍ରକାଶ', ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ' ଭାଷାର ଆବଶ୍ୟକତା କଥା ଆମକୁ ଅବଗତ କରାଏ । ଆମେ ସମୟର ତାଳେ ତାଳେ ଆଗକୁ ଅଗ୍ରସର ହେଉଛେ । ତେବେ ପାଶ୍ଚାତ୍ୟ ତତ୍ତ୍ୱ ଓ ପ୍ରାଚୀନତତ୍ତ୍ୱର ଭାଷା ଏବେ ବି ଭାଷାର ବ୍ୟବହାର ଓ ଭୂମିକା କଥା ଆମକୁ ସୂଚାଇ ଦିଏ । ଭାମହଙ୍କ 'କାବ୍ୟାଳଙ୍କାର', କ୍ଷେମେନ୍ଦ୍ରଙ୍କ 'ଔଚିତ୍ୟ', ବାମନଙ୍କ 'ରୀତି', କୁନ୍ତକଙ୍କ 'ବକ୍ରୋକ୍ତି', ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନି' ଓ ବିଶ୍ୱନାଥ କବିରାଜଙ୍କ 'ରସ' ଆମକୁ ଭାଷାର ବୈଶିଷ୍ଟ୍ୟ କହେ । ତତ୍ତ୍ୱରେ ଭାଷାର ପ୍ରୟୋଗ ବାସ୍ତବିକ ବିସ୍ମୟକର । ଆମେ ତତ୍ତ୍ୱ ଓ ଭାଷା କ୍ରମରେ ଭାରତୀୟ ସାହିତ୍ୟ ତତ୍ତ୍ୱର ବ୍ୟାଖ୍ୟାକାର ଆଚାର୍ଯ୍ୟଗଣଙ୍କ ମଧ୍ୟରୁ କେତେ ଜଣଙ୍କର ଭାଷା ଓ ବୈଶିଷ୍ଟ୍ୟ କଥା ବିଚାର କରିବା ।

ଦ୍ୱାଦଶ ଶତାବ୍ଦୀର ଜଣେ ଜୈନାଚାର୍ଯ୍ୟ ଭାବେ ପ୍ରସିଦ୍ଧି ପାଇଥିବା ହେମଚନ୍ଦ୍ର 'କାବ୍ୟାନୁଶାସନ' ଗ୍ରନ୍ଥର ରଚୟିତା । ଅଭିନବଗୁପ୍ତ ଓ ମମ୍ମଟଙ୍କ ବିଚାରଧାରା ଦ୍ୱାରା ପ୍ରଭାବିତ ହେମଚନ୍ଦ୍ରଙ୍କ ଦୁଇ ପ୍ରମୁଖ ଶିଷ୍ୟ ରାମଚନ୍ଦ୍ର ଓ ଗୁଣଚନ୍ଦ୍ର 'ନାଟ୍ୟଦର୍ପଣ' ରଚନା କରିଥିଲେ । ହେମଚନ୍ଦ୍ର ସ୍ୱରଚିତ 'କାବ୍ୟାନୁଶାସନ'ର ଗୋଟିଏ ଟୀକା ମଧ୍ୟ ପ୍ରସ୍ତୁତ କରିଛନ୍ତି । ଭାରତୀୟ ସାହିତ୍ୟତତ୍ତ୍ୱର ଭାଷା ବିଚାର ଦିଗରେ ଏସବୁ ଗ୍ରନ୍ଥ ଅତ୍ୟନ୍ତ ଉପାଦେୟ ମନେହୁଏ । ସପ୍ତମ ଶତାବ୍ଦୀର ଆଚାର୍ଯ୍ୟ ଦଣ୍ଡୀଙ୍କ 'କାବ୍ୟାଦର୍ଶ' ଏ ଦୃଷ୍ଟିରୁ ଆଉ ଏକ ଅନନ୍ୟ ଉଦାହରଣ । ଏଥିରେ ସମୁଦାୟ ଚାରିଟି ପରିଚ୍ଛେଦ ଓ ଛ' ଶହ ପଚାଶଟି ଶ୍ଳୋକ ଅଛି । ଗ୍ରନ୍ଥଟି କନ୍ନଡ଼ ଓ ସିଂହଳୀ ଭାଷାରେ ଲିଖିତ । ତିବ୍ବତୀୟ ଭାଷାରେ ବି ଏହାର ଅନୁବାଦ ଦେଖିବାକୁ ମିଳେ ଯାହାକି, ଭାଷା ଦୃଷ୍ଟିରୁ କାବ୍ୟାଦର୍ଶର ଲୋକପ୍ରିୟତା ଓ ଆବଶ୍ୟକତାର ପ୍ରମାଣ ଦିଏ । ଗୌଡ଼ୀ ଓ ବୈଦର୍ଭୀ ରୀତିର ଭିନ୍ନତାକୁ ସେ ଖୁବ୍ ସୁନ୍ଦର ଭାବରେ ପ୍ରକାଶ କରି ଭାଷା ଓ ତତ୍ତ୍ୱ ଉପରେ ଥିବା ତାଙ୍କ ଜ୍ଞାନର ଗଭୀରତା ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି । କାବ୍ୟଲକ୍ଷଣ, କାବ୍ୟଭେଦ, ଗୁଣ, ଅର୍ଥାଳଙ୍କାର, ଯମକାଳଙ୍କାର, ଦଶବିଧ କାବ୍ୟଦୋଷ ପ୍ରଭୃତି ଏହି କାବ୍ୟାଦର୍ଶରେ ସୂତ୍ର ଭାବରେ ବର୍ଣ୍ଣିତ ହୋଇଛି । ଆଳଙ୍କାରିକ ଦଣ୍ଡୀଙ୍କ ଭାଷା ପ୍ରୟୋଗ ଅତି ଚମତ୍କାର । ତ୍ରୟୋଦଶ ଶତାବ୍ଦୀର ଜଣେ ପ୍ରମୁଖ ଆଳଙ୍କାରିକ ଶାରଦାତନୟ । ତାଙ୍କର ଏକ ଉଲ୍ଲେଖନୀୟ ଅବଦାନ 'ଭାବପ୍ରକାଶ' । ଦଶଟି ଅଧ୍ୟାୟରେ ବିଭକ୍ତ ହୋଇଥିବା ଏହି ଗ୍ରନ୍ଥ 'ଭାବପ୍ରକାଶ'ରେ ଶବ୍ଦାର୍ଥ ସମ୍ବନ୍ଧ ବିଷୟରେ ଆଲୋଚନା ଦେଖିବାକୁ ମିଳେ, ଯାହାକି ଭାଷାର ପ୍ରୟୋଗ ବିଧି ବିଷୟରେ ସୂଚାଇବା ସହ ଭାଷା ଓ ଶବ୍ଦ କଥା କହିଥାଏ । ଅଷ୍ଟମ ଶତାବ୍ଦୀର ଅଳଙ୍କାର ପ୍ରସ୍ଥାନର ଜଣେ ଅଗ୍ରଗଣ୍ୟ ଆଚାର୍ଯ୍ୟ ଉଦ୍ଭଟ । ବିଖ୍ୟାତ ବିଦ୍ୱାନ ଭାବେ ନିଜକୁ ପ୍ରତିଷ୍ଠିତ କରିଥିବା ଉଦ୍ଭଟଙ୍କ ରଚିତ 'କାବ୍ୟାଳଙ୍କାର ସାର ସଂଗ୍ରହ' ଏକ ଅତି ଉପାଦେୟ ଗ୍ରନ୍ଥ । ଉଦ୍ଭଟ ଶବ୍ଦ ଭେଦରୁ ଅର୍ଥଭେଦ କଳ୍ପନା କରିଥିଲେ । ଶ୍ଳେଷାଳଙ୍କାରର ଦୁଇଟି ବିଭାଗ ଯଥା: 'ଶବ୍ଦଶ୍ଳେଷ' ଓ 'ଅର୍ଥଶ୍ଳେଷ' ବୋଲି ସେ ବିଭାଜନ କରିଥିଲେ ହେଁ ଏସବୁକୁ ସେ ଅର୍ଥାଳଙ୍କାର ଭାବରେ ପ୍ରାଧାନ ଦେଇଥିଲେ । ଅର୍ଥ ଉପରେ ବିଶେଷ ଗୁରୁତ୍ୱ ଦେଇ ଉଦ୍ଭଟ କରିଥିବା ଯୁକ୍ତିଯୁକ୍ତ ଆଲୋଚନା, ଭାଷା ଦୃଷ୍ଟିରୁ ଅତ୍ୟନ୍ତ ପ୍ରାସଙ୍ଗିକ ଓ ତାତ୍ପର୍ଯ୍ୟପୂର୍ଣ୍ଣ । ଆଳଙ୍କାରିକ ମମ୍ମଟଙ୍କ 'କାବ୍ୟପ୍ରକାଶ' ଉପରେ ଟୀକା ଲେଖିବା ସହ ଅନେକ ଗ୍ରନ୍ଥର ରଚୟିତା ଭାବେ ଖ୍ୟାତ । ଦ୍ୱାଦଶ ଶତାବ୍ଦୀର ଆଲୋଚକ ରୂପ୍ୟକ 'ଅଳଙ୍କାର ସର୍ବସ୍ୱ' ଗ୍ରନ୍ଥ ପାଇଁ ବିଶେଷ ଭାବେ ପରିଚିତ ଓ ପ୍ରତିଷ୍ଠିତ । ଏହା ତାଙ୍କର ମୌଳିକ ଗ୍ରନ୍ଥ । ଏଥିରେ ସେ ୭୫ଟି ଅର୍ଥାଳାଙ୍କାର ଓ ୬ଟି ଶବ୍ଦାଳଙ୍କାରର ବିଶେଷ ବିଶ୍ଳେଷଣ କରିଛନ୍ତି ଯାହାକି ଭାଷା ଅନୁଶୀଳନ ଦୃଷ୍ଟିରୁ ଉଦାହରଣ ସ୍ଥାନୀୟ । ପଣ୍ଡିତ ଜଗନ୍ନାଥ ସପ୍ତଦଶ ଶତାବ୍ଦୀର ଜଣେ ସ୍ୱନାମଧନ୍ୟ କବି ଓ ସମାଲୋଚକ ଭାବେ ସୁପରିଚିତ ଆଳଙ୍କାରିକ ଓ ନୈୟାୟିକ ଭାବେ ମଧ୍ୟ ପ୍ରତିଷ୍ଠା ଅର୍ଜନ କରିଥିଲେ । ତାଙ୍କର 'ରସଗଙ୍ଗାଧର' ନାମକ ଗ୍ରନ୍ଥଟି ପାଣ୍ଡିତ୍ୟପୂର୍ଣ୍ଣ ରଚନା ଭାବେ ଆଲୋଚିତ ହୁଏ । ଭାଷାର ପ୍ରୟୋଗ ସହ ରସ ଓ ଅଳଙ୍କାର ବିଷୟରେ ତାଙ୍କର ବାଖ୍ୟା ଓ ସୈଦ୍ଧାନ୍ତିକ ବିଚାର ଆଲୋଚନା ବେଶ୍ ବୁଦ୍ଧି-ଦୀପ୍ତ । ବିଷୟ ବିଚାର ଆଲୋଚନାରେ ତାଙ୍କର ମୌଳିକତା, ନୂତନତା, ଭାଷା ପ୍ରୟୋଗରେ ବିବିଧତା ପଣ୍ଡିତରାଜ ଜଗନ୍ନାଥଙ୍କୁ ଭାରତୀୟ ସାହିତ୍ୟ ତତ୍ତ୍ୱରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ କରିପାରିଛି । 'ଏକାବଳୀ' ନାମକ ଅଳଙ୍କାର ଗ୍ରନ୍ଥର ପ୍ରଣୟନ କରି ପ୍ରତିଷ୍ଠିତ ହୋଇଥିବା ଚତୁର୍ଦ୍ଦଶ ଶତାବ୍ଦୀର ଅନନ୍ୟ ଆଳଙ୍କାରିକ ବିଦ୍ୟାଧର ତାଙ୍କର ଏହି ଗ୍ରନ୍ଥରେ ଧ୍ୱନିଭେଦ, ଶବ୍ଦାଳଙ୍କାର, ଅର୍ଥାଳଙ୍କାର, ଗୁଣ ଓ ରୀତି ବିଷୟରେ ବିଶେଷ ଦୃଷ୍ଟିପାତ କରିଛନ୍ତି ।

ଏକାଦଶ ଶତାବ୍ଦୀର ଆଲୋଚକ ଓ ଆଳଙ୍କାରିକ ଭାବେ ନିଜର ପ୍ରତିଷ୍ଠା ଲାଭ କରିଥିବା ଭୋଜରାଜ ସାହିତ୍ୟ ସିଦ୍ଧାନ୍ତ ସମୂହର ସଫଳ ସଂଗ୍ରାହକ ଭାବେ ମଧ୍ୟ ସୁପରିଚିତ । 'ସରସ୍ୱତୀ କଣ୍ଠାଭରଣ' ଗ୍ରନ୍ଥର ପାଞ୍ଚଟି ପରିଚ୍ଛେଦରେ ଭାଷାର ଅପୂର୍ବ ପ୍ରୟୋଗ କରିଛନ୍ତି । ଭାମହ, ବାମନ, ଦଣ୍ଡୀ, କୁନ୍ତକ, କ୍ଷେମେନ୍ଦ୍ର, ଆନନ୍ଦବର୍ଦ୍ଧନ, ବିଶ୍ୱନାଥ କବିରାଜ, ରୁଦ୍ରଟ, ମମ୍ମଟଙ୍କ ଅବଦାନ ଭଳି ଭୋଜରାଜଙ୍କ ଅବଦାନକୁ ମଧ୍ୟ ଅନସ୍ୱୀକାର୍ଯ୍ୟ ଓ ଅବିସ୍ମରଣୀୟ କୁହାଯାଏ । ତତ୍ତ୍ୱ ଓ ଭାଷାର ସଂପର୍କ ତଥା ସମନ୍ୱୟ, ଭାଷା ଆଲୋଚକଙ୍କୁ ଆଜି ବି ବିସ୍ମିତ କରେ । ଯଥାର୍ଥରେ ଆଳଙ୍କାରିକ ଭାମହ କହନ୍ତି, ବର୍ଣ୍ଣ ସମୁଦାୟ ହିଁ ଶବ୍ଦ । ଶବ୍ଦ ହିଁ କାବ୍ୟ । ଏଣୁ କବି ଶବ୍ଦ ବ୍ୟବହାର ପୂର୍ବରୁ ଶବ୍ଦର ଶୁଦ୍ଧତା, ଅଶୁଦ୍ଧତା ବିଷୟରେ ଧ୍ୟାନ ଦେବା । ■

ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ
ଏନ୍.ସି.ଇ.ଆର୍.ଟି, ଭୁବନେଶ୍ୱର-୨୨
ମୋ: ୬୩୭୨୦୮୨୬୯୦

# ପତ୍ରିକା ପରିଚୟ

## ବନଫୁଲ

### ସଂପାଦକ : ରତ୍ନାକର ନାୟକ




ରାଜନଗର
କେନ୍ଦ୍ରାପଡ଼ା -୨୫
ମୂଲ୍ୟ: ୨୦୦ ଟଙ୍କା

ରତ୍ନାକର ନାୟକଙ୍କ ସଂପାଦିତ 'ବନଫୁଲ'ର ଶାରଦୀୟ ବିଶେଷାଙ୍କ ପ୍ରକାଶ ପାଇଛି । ଏହି ସଂଖ୍ୟାର 'କଳାଜୟୀ କାହାଣୀ' ବିଭାଗରେ ବ୍ରହ୍ମାନନ୍ଦ ପଣ୍ଡାଙ୍କ 'ପାଗଳ' ଗପଟି ହୃଦୟସ୍ପର୍ଶୀ ହୋଇଛି । ସେହିପରି ସୁଷମା ପରିଜାଙ୍କ 'ଦଶ ମହାବିଦ୍ୟା'ରେ ଦଶ ମହାବିଦ୍ୟାଙ୍କ ସ୍ୱରୂପ ଓ ମାହାତ୍ମ୍ୟ ସଂପର୍କରେ ଆଲୋଚନା କରାଯାଇଛି । ସେଭଳି ଡକ୍ଟର ତ୍ରିନାଥ ପଟ୍ଟନାୟକ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଗାୟତ୍ରୀ ଆର୍ଯ୍ୟ, ଭାଗୀରଥି ବେହେରା ପ୍ରମୁଖଙ୍କ ଗଳ୍ପଗୁଡ଼ିକ ମାର୍ମିକ ହୋଇଛି । 'କବିତା ବିଭାଗ'ରେ ସଦାଶିବ ଦାଶ, ସୌଭାଗ୍ୟବନ୍ତ ମହାରଣା, ରବି ଶତପଥୀ, ସୁଶାନ୍ତ କୁମାର ନାୟକ, ଶିଶିର ନାୟକ, ସୁଧୀର ମେହେର, ମନୋଜ ମେହେର ପ୍ରମୁଖଙ୍କ କବିତା ଭାବଗର୍ଭକ ଓ ମନଛୁଆଁ ହୋଇଛି । ସେଭଳି ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଶରତ ଚନ୍ଦ୍ର ମହାପାତ୍ର, ଡକ୍ଟର ସୁସ୍ମିତା କୁମାରୀ ପାତ୍ର, ବିଜୟ ଲକ୍ଷ୍ମୀ ଦାଶଙ୍କ ପ୍ରବନ୍ଧ ଓ ଆଲୋଚନା ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି । 'ବନଫୁଲ'ର ଏସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ବାଟୋଇ

### ସଂପାଦକ : ଶତ୍ରୁଘ୍ନ ତରାଇ




ରାଜନଗର
କେନ୍ଦ୍ରାପଡ଼ା -୭୫୪୨୨୫
ମୂଲ୍ୟ: ୧୫୦ ଟଙ୍କା

ଜୀବନ ଜିଜ୍ଞାସାର ଅଭିଯାତ୍ରୀ 'ବାଟୋଇ'ର ମହାପୂଜା ୨୦୨୫ ସଂଖ୍ୟାଟି ଆକର୍ଷଣୀୟ ହୋଇଛି । ଶତ୍ରୁଘ୍ନ ତରାଇଙ୍କ ସଂପାଦନାରେ ପ୍ରକାଶିତ 'ବାଟୋଇ'ର ଏହି ସଂଖ୍ୟାଟି ବହୁ ବରିଷ୍ଠ, ଯୁବ ଲେଖକଙ୍କ ଲେଖାରେ ସମୃଦ୍ଧ ହୋଇଛି । 'ପ୍ରବନ୍ଧ ବିଭାଗ'ରେ ଆଶୁତୋଷ ପରିଡ଼ା, ଡକ୍ଟର ସର୍ବେଶ୍ୱର ସେଣ, ମନୋଜ ପଟ୍ଟନାୟକ, ଡକ୍ଟର ଭରତ ବେହେରା, ଡକ୍ଟର ବେଣୁଧର ପାଢ଼ୀ ପ୍ରମୁଖଙ୍କ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ପ୍ରବନ୍ଧ ପ୍ରକାଶ ପାଇଛି । ସେହିପରି ପରେଶ ପଟ୍ଟନାୟକ, ରବି ସ୍ୱାଇଁ, ସଦାନନ୍ଦ ତ୍ରିପାଠୀ, ଗିରୀଶ ସାହୁ, ଅଧ୍ୟାପକ ରମେଶ ଦାସ ପ୍ରମୁଖଙ୍କ ଗପଗୁଡ଼ିକ ମନଛୁଆଁ ହୋଇଛି । 'କବିତା ବିଭାଗ'ରେ ଫନୀ ମହାନ୍ତି, ଅମରେଶ ପଟ୍ଟନାୟକ, ବଂଶୀଧର ଷଡ଼ଙ୍ଗୀ, ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର, ସୂର୍ଯ୍ୟ ମିଶ୍ର ପ୍ରମୁଖଙ୍କ କବିତାରେ ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ଅତି ମାର୍ମିକ ଭାବେ ଫୁଟି ଉଠିଛି । ସେହିପରି ସଂପାଦକୀୟଠାରୁ ଆରମ୍ଭ ଫିଚର, ସୃଜନ ଆଳାପ, ଅନୁଭବ ଓ ଅନୁଭୂତି, ପୁସ୍ତକ ସମୀକ୍ଷା ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ହୃଦୟସ୍ପର୍ଶୀ ହୋଇଛି । ■

## ଗୌରବ

### ସଂପାଦକ : ସଙ୍କର୍ଷଣ ଦାଶ




ଠାକୁର ସାହି, ପୋ: ବାଟିପଡ଼ା
କେନ୍ଦ୍ରାପଡ଼ା -୭୫୪୨୧୮
ମୂଲ୍ୟ:୧୫୦ ଟଙ୍କା

ମୌଳିକ ଓ ଗବେଷଣାଧର୍ମୀ ସୃଜନର ସମାବେଶ 'ଗୌରବ'ର ପୂଜା ବିଶେଷାଙ୍କ ୨୦୨୫ ଆମର ହସ୍ତଗତ ହୋଇଛି । ସଙ୍କର୍ଷଣ ଦାଶଙ୍କ ସଂପାଦନାରେ ପ୍ରକାଶ ପାଇଥିବା 'ଗୌରବ'ର ଏହି ସଂଖ୍ୟାରେ 'କବିତା ଚିରନ୍ତନୀ'ରେ ରମାକାନ୍ତ ରଥଙ୍କ 'କାଞ୍ଚନ', କମଳାକାନ୍ତ ଲେଙ୍କାଙ୍କ 'ଯୋଗୀରେ ଯୋଗୀ', ଦୀପକ ମିଶ୍ରଙ୍କ 'ପାରି ହେବା' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । 'ଗଳ୍ପ କାଳଜୟୀ'ରେ ରାମଚନ୍ଦ୍ର ବେହେରାଙ୍କ 'ଦୁଇଟି ଉଦ୍ଭଟ ଚରିତ୍ର' ଗଳ୍ପଟି ମନଛୁଆଁ ହୋଇଛି । ପ୍ରବନ୍ଧ ବିଭାଗରେ ଡ. କୈଳାସ ଚନ୍ଦ୍ର ଟିକାୟତ ରାୟ, ଡ. ନଟବର ଶତପଥୀ, ଶତ୍ରୁଘ୍ନ ପାଣ୍ଡବ ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ଉଚ୍ଚାଙ୍ଗ ଓ ମନନଶୀଳ ହୋଇଛି । ସେହିପରି ଫନୀ ମହାନ୍ତି, ଗିରିଜା କୁମାର ବଳିୟାରସିଂହ, ପ୍ରଦୀପ ବିଶ୍ୱାଳ, କ୍ଷୀରୋଦ ପରିଡ଼ା, ଧନଞ୍ଜୟ ସ୍ୱାଇଁ ପ୍ରମୁଖଙ୍କ କବିତା ମାର୍ମିକ ହୋଇଛି । ସେଭଳି ରଜନିକାନ୍ତ ମହାନ୍ତି, ପରେଶ ପଟ୍ଟନାୟକ, ସହଦେବ ସାହୁ, ନିବାରଣ ଜେନା ପ୍ରମୁଖଙ୍କ ଗଳ୍ପଗୁଡ଼ିକ ଆଙ୍ଗିକ ଓ ଆତ୍ମିକ ଉଭୟ ଦୃଷ୍ଟିରୁ ଆକର୍ଷଣୀୟ ହୋଇଛି । 'ଗୌରବ'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ତ୍ରିଶକ୍ତି

### ମୁଖ୍ୟ ସଂପାଦକ : ଆଶିଷ କୁମାର ଚନ୍ଦନ



ସାଂସ୍କୃତିକ ପରିଷଦ, ପାଟଣାଗଡ଼
ଜି: ବଲାଙ୍ଗିର

ସାରସ୍ୱତ ସଂକଳନ 'ତ୍ରିଶକ୍ତି' ମୁଖ୍ୟ ସଂପାଦକ ଆଶିଷ କୁମାର ଚନ୍ଦନ ଓ ସଂପାଦକ ଦିଲ୍ଲୀପ କୁମାର ମିଶ୍ରଙ୍କ ସଂପାଦନାରେ ପ୍ରକାଶ ପାଇଛି । ଏହି ସଂକଳନରେ ଡ. ଗୋବର୍ଦ୍ଧନ ନାୟକ, ଡ. ସଦାବିହାରୀ ସାହୁ, ଶିବ ପ୍ରସାଦ ପଣ୍ଡା, ଭାବନୀ ଶଙ୍କର ପଟ୍ଟନାୟକ ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ତଥ୍ୟଭିତ୍ତିକ ଓ ଉଚ୍ଚାଙ୍ଗ ହୋଇଛି । ସେହିପରି ମଳୟ ମିଶ୍ରଙ୍କ 'ଏବେ ବି ପୌରାଣିକ ଭୂମିକାରେ ଲୋକମାନେ', ଚୌଧୁରୀ ବରଦା ପ୍ରସନ୍ନ ଦାସଙ୍କ 'ହୃଦୟ', ଆଶିଷ କୁମାର ଚନ୍ଦନଙ୍କ 'ପ୍ରତିତୀ: ଏକ ନାମହୀନ ସଂପର୍କ', ଯାଜ୍ଞସେନୀ ହୋତାଙ୍କ 'ଈଶ୍ୱରଙ୍କୁ ପ୍ରଶ୍ନଟିଏ' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସେଭଳି ଭାଗୀରଥି ମିଶ୍ର, ପିନାକୀ ମିଶ୍ର, ଡକ୍ଟର ଶ୍ରୀଧରି ଧଳ, ଗଜାନନ ମିଶ୍ର, ଡ. ସଞ୍ଜୟ କୁମାର ମିଶ୍ର ପ୍ରମୁଖଙ୍କ କବିତାର ଭାବ, ଭାଷା ଓ ଉପସ୍ଥାପନା ଶୈଳୀ ମାର୍ମିକ ହୋଇଛି । 'ତ୍ରିଶକ୍ତି'ର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ପାଇଁ ଲୋକ ହନ୍ତସନ୍ତ: ବିଜେଡି

ଭୁବନେଶ୍ୱର, ୮।୧୧(ସମିସ): ନିର୍ବାଚନକୁ ଆଉ କିଛି ଘଣ୍ଟା ବାକି ଥିବା ବେଳେ ସରକାରୀ କଳକୁ ରାଜନୀତି କାମରେ ବେଶ୍ ଉପଯୋଗ କରୁଛି ବିଜେପି। କ୍ଷମତା ଲୋଭରେ ଗଣତନ୍ତ୍ରକୁ ହତ୍ୟା କରିବାକୁ ଶାସକ ଦଳ ପଛାଉ ନାହିଁ।

- ନିର୍ବାଚନୀ ପ୍ରଚାରରେ ସରକାରୀ କଳର ଭରପୂର ଉପଯୋଗ କରୁଛି ବିଜେପି
- ନିଜେ ଭାଙ୍ଗୁଛନ୍ତି ଆଚାର ସଂହିତା

ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚାର ପାଇଁ ସରକାରୀ ସମ୍ପଦର ଦୁରୁପଯୋଗ କରିବାରେ ବିଜେପି ସବୁ ସୀମା ଟପିଯାଇଛି। ଏପରିକି, ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ଟେଣ୍ଟ ବାନ୍ଧି ଜାତୀୟ ରାଜପଥରେ ଲୋକଙ୍କ ଯିବା ଆସିବା ବନ୍ଦ କରିଦିଆଗଲା। ଲୋକଙ୍କୁ ଯନ୍ତ୍ରଣା ଦେବାରେ ଲୋକଙ୍କ ସରକାର ସାମାନ୍ୟ ହେଳା କରୁନାହିଁ ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି।



ଡ. ମହାନ୍ତି କହିଛନ୍ତି ଯେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ବିଜେପି ପୂରା ପ୍ରଶାସନକୁ କାମରେ ଲଗାଇ ଦେଇଛି। ଖରିଆର ରୋଡ୍ ଏନ୍ଏସି ଓ ନୂଆପଡ଼ା ଏନ୍ଏସିରେ ବିଜେପି ରୋଡ୍ ଶୋ' କାମରେ ସରକାରୀ ବ୍ୟବସ୍ଥା ଦୁରୁପଯୋଗ କରିଛି। ପୂରା ପ୍ରଶାସନ ରାଜନୀତି କାମରେ ବ୍ୟସ୍ତ ଥିବା ସାମ୍ନାକୁ ଆସିଛି। କ୍ଷମତା ଲୋଭରେ ଅନ୍ଧ ବିଜେପି ଆଦର୍ଶ ଆଚରଣ ବିଧିକୁ ମଧ୍ୟ ମାନୁନାହିଁ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ରାଇପୁର ଜାତୀୟ ରାଜପଥକୁ ବନ୍ଦ କରି ବିଶାଳ ଷ୍ଟେଜ୍ ନିର୍ମାଣ କରାଯାଇଥିଲା। ସେଥିପାଇଁ ଗତ ରାତିରୁ ସେହି ବାଟେ ଗାଡ଼ି, ମୋଟର ଓ ଲୋକଙ୍କ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ରାଜନୀତି ପାଇଁ ବିଜେପି ଲୋକଙ୍କୁ ଦୁର୍ଦ୍ଦଶା ମୁହଁକୁ ଠେଲି ଦେଉଛି। ଗୋଟିଏପଟେ ନିଜକୁ ଲୋକଙ୍କ ସରକାର ବୋଲାଉଛନ୍ତି, ଅନ୍ୟପଟେ ଲୋକଙ୍କୁ ଦହଗଞ୍ଜ କରି ମାରୁଛନ୍ତି ବୋଲି ଡ. ମହାନ୍ତି କ୍ଷୋଭର ସହ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ପ୍ରଚାର କାମ ପାଇଁ ୨୦୦ଟି ବସ୍ ବରଗଡ଼ ଜିଲ୍ଲାରୁ ଓ କଳାହାଣ୍ଡି ଜିଲ୍ଲାରୁ ୧୫୦ଟି ବସ୍ ଆଣି କାମରେ ଲଗାଇଛନ୍ତି। ଦଳୀୟ କାମ ପାଇଁ ବିଜେପି ସରକାରୀ ସମ୍ପତ୍ତିର ବେଶ ଦୁରୁପଯୋଗ କରି ରାଜନୈତିକ ପ୍ରଚାର କରିଛି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।

## ପୀତବାସ ପଣ୍ଡା ହତ୍ୟା ମାମଲା
# ସୌରଭଙ୍କୁ ଧମକପୂର୍ଣ୍ଣ ଫୋନ୍ କଲ୍ ନେଇ ବିବାଦୀୟ ସ୍ଥିତି

ବ୍ରହ୍ମପୁର, ୮।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ନିୟମିତ ଆସୁଛି ନୂଆ ନୂଆ ତଥ୍ୟ। କେତେବେଳେ କି ପ୍ରକାର ତଥ୍ୟ ଓ ଦିଗ ବାହାରୁଛି ତାକୁ ନେଇ ସବୁଠି ଚର୍ଚ୍ଚା।



ତେବେ ଏସବୁକୁ ନେଇ ଅନ୍ଧାରରେ ପୁଲିସ। ଦୀର୍ଘ ଏକ ସପ୍ତାହ ପୂର୍ବେ ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ପୁଅ ସୌରଭଙ୍କ ନିକଟକୁ ଆସିଥିବା ଧମକପୂର୍ଣ୍ଣ ଫୋନ କଲକୁ ନେଇ ହଠାତ ପୀତବାସଙ୍କ ପତ୍ନୀ ସୁସ୍ମିତା ସାମ୍ବାଦିକ ସମ୍ମିଳନୀରେ ନିଜ ପ୍ରତିକ୍ରିୟା ରଖିଛନ୍ତି।

ନିଜର ଏକମାତ୍ର ପୁଅ ସୌରଭଙ୍କୁ ୨୭ ଓ ୨୮ ତାରିଖରେ ଦୁଇଟି ପୃଥକ୍ ପୃଥକ୍ ଫୋନ ନମ୍ବରରୁ ଧମକପୂର୍ଣ୍ଣ ଫୋନ କଲ ଆସିଥିବା ନେଇ ସୂଚନା ଦେଇଛନ୍ତି। କଲ କରିଥିବା ବ୍ୟକ୍ତି ବିକ୍ରମ ପଣ୍ଡାଙ୍କ ନାମ ନେଇ ମାମଲା ପ୍ରତ୍ୟାହାର କରିବାକୁ କହିବା ସହ ଉଭୟ ମା'-ପୁଅଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ସୁସ୍ମିତା ଓ ତାଙ୍କ ପୁଅ ସୌରଭଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଗିରଫ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ କରିବା ସହ ନିଜ ପରିବାରର ସୁରକ୍ଷା ଦାବି କରିଛନ୍ତି ସୁସ୍ମିତା। ଧମକପୂର୍ଣ୍ଣ ଫୋନ ନମ୍ବରରୁ ଗୋଟିକରେ ଭିକି ଓ ଅନ୍ୟଟିରେ ପରିମଳ ନାମ ଆସୁଥିବା ସେ କହିଛନ୍ତି। ତେବେ ଏନେଇ ପୀତବାସଙ୍କ ପୁଅ ସୌରଭ ବୈଦ୍ୟନାଥପୁର ଥାନାରେ ଗତ ୩ ତାରିଖରେ ଲିଖିତ ଅଭିଯୋଗ କରିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା କହିଛନ୍ତି।

୨୭ ଓ ୨୮ ତାରିଖରେ କ୍ରମାଗତ ଧମକପୂର୍ଣ୍ଣ ଫୋନ ଆସିବା ପରେ ୨୯ ତାରିଖରେ ପୀତବାସଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ଟାଉନ ଏସଡିପିଓ ତଥା ମାମଲାର ତଦନ୍ତକାରୀ ଅଧିକାରୀ ପ୍ରିୟସ ରଂଜନ ଛୋଟରାୟଙ୍କୁ ଜଣାଇଥିଲେ। ତାଙ୍କର ପରାମର୍ଶକ୍ରମେ ବୈଦ୍ୟନାଥପୁର ଇନ୍ସପେକ୍ଟର ସୁଚିତ୍ରା ପରିଡ଼ାଙ୍କୁ ମଧ୍ୟ ଏନେଇ ଅବଗତ କରିଥିଲେ। ଉଭୟ ମାମଲାର ତଦନ୍ତ କରୁଥିବା ନେଇ ଆଶ୍ୱାସନା ଦେଉଥିବା ବେଳେ ଲିଖିତ ଅଭିଯୋଗ କରିବାକୁ କହିଥିଲେ। ତେବେ ପୀତବାସଙ୍କ ଭାଇ ପୂର୍ଣ୍ଣ ନିଜର ବ୍ୟସ୍ତତା କାରଣରୁ ଗତ ୩ ତାରିଖରେ ଅର୍ଥାତ ଘଟଣାର ଦୀର୍ଘ ଏକ ସପ୍ତାହ ପରେ ବୈଦ୍ୟନାଥପୁର ଥାନାରେ ଲିଖିତ ଏତଲା ଦେଇଥିଲେ। ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏପର୍ଯ୍ୟନ୍ତ ଫୋନ କରିଥିବା ବ୍ୟକ୍ତିଙ୍କ ସମ୍ପର୍କରେ କୌଣସି ସଠିକ ତଥ୍ୟ ପାଇ ପାରିନଥିବା ଜଣାପଡିଛି।

# ସିଇଓଙ୍କ ନିକଟରେ ବିଜେଡିର ମାଲ ମାଲ ଅଭିଯୋଗ



ଭୁବନେଶ୍ୱର,୮।୧୧(ସମିସ): କ୍ଷମତାରେ ଅନ୍ଧ ପାଲଟି ଯାଇଥିବା ବିଜେପି ସରକାର, ନୂଆପଡ଼ା ଉପନିର୍ବାଚନରେ ଆଇନ ଭାଙ୍ଗିବାକୁ ପଛାଉ ନାହିଁ। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଯାହାଫଳରେ ବିଜେପି ନିଜର ବେଆଇନ କାର୍ଯ୍ୟଧାରା ଜାରି ରଖିଛି। ଏପରିକି ଆଦର୍ଶ ଆଚରଣ ବିଧିକୁ ଉଲ୍ଲଙ୍ଘନ କରି ମନ୍ତ୍ରୀ ଓ ବିଜେପି ନେତା ନୂଆ ପ୍ରକଳ୍ପ ଘୋଷଣା କରୁଛନ୍ତି। ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ବିଜେପି କୌଣସି ସୁଯୋଗ ହାତଛଡ଼ା କରୁନାହିଁ କିମ୍ବା ସରକାରୀ କଳର ଅପବ୍ୟବହାର ବନ୍ଦ କରୁନାହିଁ। ଏପରି ମାଲମାଲ ଅଭିଯୋଗ ଧରି ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ହାଜର ହୋଇ ଗଣତନ୍ତ୍ରର ସୁରକ୍ଷା ନିମନ୍ତେ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି।

- ସଂରକ୍ଷିତ ଅଭୟାରଣ୍ୟ ଉପରେ ଉଡ଼ିଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର
- ନିର୍ବାଚନ ବେଳେ ମନ୍ତ୍ରୀ ଓ ବିଜେପି ନେତାଙ୍କ ନୂଆ ପ୍ରକଳ୍ପ ଘୋଷଣା
- ମୁଖ୍ୟମନ୍ତ୍ରୀଙ୍କ ଷ୍ଟେଜ୍ ବନ୍ଧା ପାଇଁ ରାଜପଥକୁ ଅବରୋଧ କଲା ବିଜେପି
- ମତଦାନ କେନ୍ଦ୍ର ଆଗରେ ଚାଲିଛି ବିଜେପିର ଦଳୀୟ କାର୍ଯ୍ୟାଳୟ
- ସରକାରୀ ସମ୍ପତ୍ତିର ଦୁରୁପଯୋଗ କରିଛନ୍ତି ପ୍ରାର୍ଥୀ ଜୟ ଢୋଲକିଆ

ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ବିଜେଡି ଅଭିଯୋଗ କରିଛି ଯେ ନିର୍ବାଚନ ପ୍ରଚାର ପାଇଁ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରିବେଶ ଓ ବିମାନ ପରିଚାଳନା ନିୟମକୁ ଉଲ୍ଲଂଘନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ଓ ଅଭୟାରଣ୍ୟ ସୁରକ୍ଷା ଆଇନକୁ ଉଲ୍ଲଘଂନ କରି ହେଲିକପ୍ଟରରେ ସୁନାବେଡ଼ା ସଂରକ୍ଷିତ ବନ୍ୟଜୀବ ଅଭୟାରଣ୍ୟ ଉପରେ ଉଡ଼ି ନିର୍ବାଚନ ପ୍ରଚାର କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ନୂଆପଡ଼ାର ଜାତୀୟ ରାଜପଥ ନଂ ୩୫୩କୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଜାତୀୟ ରାଜପଥକୁ ବନ୍ଦ କରି ବିଜେପି ନେତାମାନଙ୍କ ପାଇଁ ମଞ୍ଚ ବନ୍ଧା ଯାଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହେବା ସହ ବ୍ୟବସାୟରେ କ୍ଷତି ହୋଇଛି। ଜରୁରୀ ସେବା ବନ୍ଦ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ନିର୍ବାଚନୀ ଖର୍ଚ୍ଚ କଟକଣାକୁ ନ ମାନି ମାତ୍ରାଧିକ ବସ୍ ଓ ଟ୍ରକ ଭଡ଼ାରେ ଅଣାଯାଇଛି। ଏହା ବିରୋଧରେ ନିର୍ବାଚନ ଆୟୁକ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦଳ ଦାବି କରିଛି।

ବିଜେଡିର ଅନ୍ୟଏକ ଅଭିଯୋଗ ଅନୁଯାୟୀ, ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଥିବା ବେଳେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ବିଜେପି ନେତା ଅରିନ୍ଦମ ରାୟ କୋମନା ବ୍ଲକ୍ ଅଧୀନ ମଥିଆପାଦର ଗ୍ରାମରେ ନୂଆ ରାସ୍ତା ନିର୍ମାଣ ପ୍ରକଳ୍ପ ଘୋଷଣା କରିବା ସହ ତୁରନ୍ତ କାମ ଆରମ୍ଭ କରିଦେଇଛନ୍ତି। ନିର୍ବାଚନ ନିୟମାବଳୀ ଅନୁଯାୟୀ ନିର୍ବାଚନ ସୂଚନା ଜାରି ହେବା ପରେ କୌଣସି ନୂଆ ଉନ୍ନୟନ କାମ ଘୋଷଣା କିମ୍ବା ଆରମ୍ଭ କରିବା ସଂପୂର୍ଣ୍ଣ ନିଷିଦ୍ଧ; ହେଲେ ମନ୍ତ୍ରୀ ଓ ବିଜେପି ନେତା ଏହି ନିୟମକୁ ଭାଙ୍ଗିଛନ୍ତି। ସେହିପରି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ନିର୍ବାଚନ ପ୍ରଚାରରେ ସରକାରୀ ସମ୍ପତ୍ତିର ଦୁରୁପଯୋଗ କରୁଛନ୍ତି। ବିଦ୍ୟୁତ ଖୁଣ୍ଟି, ସାଇନବୋର୍ଡ ଓ ଜାତୀୟ ରାଜପଥରେ ଅବୈଧ ଭାବରେ ଅଭିଯାନ ପୋଷ୍ଟର ଓ ବ୍ୟାନର ଲଗାଯାଉଛି। ପୂର୍ବରୁ ଏପରି ଅଭିଯୋଗ ହୋଇଥିଲେ ସୁଦ୍ଧା କିଛି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ।

ସେହିପରି ବିଜେପି ନେତା ଓ କର୍ମକର୍ତ୍ତାମାନେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ମୋଙ୍ଗରାପାଲିର ୱାର୍ଡ ନଂ ୧୫ ଓ ୧୭ ସ୍ଥିତ ମତଦାନ ପାଇଁ ଉର୍ଦ୍ଦିଷ୍ଟ ବୁଥ୍ ନଂ ୭୪ ଓ ୭୬ ସମ୍ମୁଖରେ ଅସ୍ଥାୟୀ ଦଳୀୟ କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି। ଏହାଦ୍ୱାରା ଭୋଟରମାନଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ଏସବୁ ଦଳୀୟ କାର୍ଯ୍ୟାଳୟକୁ ଉଚ୍ଛେଦ ପାଇଁ ବିଜେଡି ଦାବି କରିଛି। ଏହି ପ୍ରତିନିଧିମଣ୍ଡଳୀରେ ଡ. ଲେନିନ ମହାନ୍ତି, ସୁଲତା ଦେଓ, ମିହିର ରାୟ, ନାରାୟଣ ଜେନା, ଗୀତାଞ୍ଜଳି ପ୍ରଧାନ, ଜ୍ୟୋତ୍ସ୍ନାମୟୀ ପରିଡ଼ା ପ୍ରମୁଖ ସାମିଲ୍ ଥିଲେ।

# ବ୍ରହ୍ମପୁର ଜେଲକୁ ଫେରିଲେ ଶଙ୍କର ଓ ଅରବିନ୍ଦ

ବ୍ରହ୍ମପୁର,୮।୧୧(ସମିସ): ୫ଦିନିଆ ରିମାଣ୍ଡ ସରିବା ପରେ ପୁଲିସ ଏସଆଇ ଚାକିରି କେଲେଙ୍କାରୀ ଘଟଣାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଓ ଅରବିନ୍ଦ ଦାଶଙ୍କୁ ଶନିବାର କ୍ରାଇମବ୍ରାଞ୍ଚ କଟକରୁ ବ୍ରହ୍ମପୁର ଆଣିଛି। ଉଭୟଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରି ପରେ ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। କ୍ରାଇମବ୍ରାଞ୍ଚ ଉଭୟଙ୍କୁ ୫ଦିନ ରିମାଣ୍ଡରେ ନେଇ କଟକରେ ଜେରା କରିବା ପରେ ଶନିବାର ବ୍ରହ୍ମପୁର କୋର୍ଟରେ ହାଜର କରିଛି। ପୂର୍ବରୁ ଅଭିଯୁକ୍ତ ମୁନା ମହାନ୍ତି, ପ୍ରିୟଦର୍ଶନୀ ସାମଲ ଓ ଲୋକନାଥ ସାହୁଙ୍କୁ ୫ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଜେରା କରିଥିଲା।


**AFFIDAVIT**

I, Prabhata Kumar Samal, about 62 years, Son of Late Chaitanya Charan Samal, At-Goutam Nagar, Bidyadharpur, Naya Bazar, Cuttack – 753004 having Adhaar No. 939815753292 and PAN No. ANMPS0042B declare by this affidavit No. 8978 dated 03.09.2025 that my name is "Prabhata Kumar Samal" and is not "Prabhat Kumar Samal" as wrongly mentioned in some documents. Hence my name is to be read as "Prabhata Kumar Samal" for all future purposes.

**AFFIDAVIT**

I, Suhel Ahmed Mohammed c/o Mir Sanawar Ali, Resident of Village- Nania Mohalla, Krushnanandapur, Po- Krishnanandapur, Dist- Jagatsinghapur, Odisha, declare by this affidavit No.2363 dtd 16.10.2025 that now onwards I shall be known as **MOHAMMED SUHEL AHMAD** for all future purposes.

**AFFIDAVIT**

I SUNAINA DASH, W/o PRABIR KUMAR HOTA, resident of At/Po- Sasahandi, Via- Borigumma, Ps.- Kotpad, DT.- Koraput-764 056, Odisha declare by this Affidavit No.1764, Dated- 30/10/2025, that now onwards I shall be known as **SUNEINA DASH** for all future purpose.

**AFFIDAVIT**

By virtue of an affidavit No.-1219, Dtd.10.10.2025 sworn before the Executive Magistrate, Bargarh, I, Jigyanasha Subhadarsini Sahu, D/o- Debashish Sahu, At Bandutikra, P/o: Bargarh, Dist: Bargarh, Odisha state that my name has been inadvertently spelt in my Aadhar card No. 3635 7016 5439 as Jingyasa Subhadarshini instead of Jigyanasha Subhadarsini Sahu, but both the names are one and same . Henceforth, I will be known as **Jigyanasha Subhadarsini Sahu** for all future purposes

**ହଜିଛି**

ମୁଁ ମାନଗୋବିନ୍ଦ ସାହୁ, ପିତା-ସୁବଳ ସାହୁ, ସ୍ଥାୟୀ ଠିକଣା-ଭଣ୍ଡାରିକୁଦା, ରାୟବିଧାର, ପୁରୀ, ପିନ୍-୭୫୨୦୧୧ ଏହା ଜଣାଇବାକୁ ଚାହେଁ ଯେ, ଗତ ତା ୦୨.୦୯.୨୦୨୫ ଦିନ ବାଇକ ଯୋଗେ ମୁଁ ପୁରୀ କୋର୍ଟରୁ ବାହାରି ରାୟ ବିଧାର ଘରକୁ ଯାଉଥିବା ସମୟରେ ମୋ ପାଖରେ ଥିବା ସମ୍ପତ୍ତି ସମ୍ବନ୍ଧୀୟ ଦସ୍ତାବେଜ କୌଣସି ସ୍ଥାନରେ ହଜି ଯାଇଛି । ହଜିଯାଇଥିବା ଦସ୍ତାବେଜର ବିବରଣୀ: ସୁବଳ ସାହୁ ସପକ୍ଷରେ ଜାରି ହୋଇଥିବା ଅରିଜିନାଲ ବିକ୍ରୟ ଦଲିଲ ନଂ. ୫୪୮ (ତାରିଖ: ୦୬.୦୬.୨୦୦୮) ବହୁତ ଚେଷ୍ଟା କରିବା ସତ୍ତ୍ୱେ ମୁଁ ଉପରୋକ୍ତ ଦସ୍ତାବେଜକୁ ଖୋଜି ପାଇଲି ନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି ତେବେ ଆଗାମୀ ୧୫ ଦିନ ମଧ୍ୟରେ ମାନଗୋବିନ୍ଦ ସାହୁ, ମୋବାଇଲ୍ ନଂ. ୮୨୪୯୩୩୩୧୫୬ କିମ୍ବା ଆଡଭୋକେଟ୍ ରାଜିବ ଲୋଚନ ଦାସ, ମୋବାଇଲ୍ ନଂ. ୯୭୭୭୪୫୨୨୪୪ ରେ ଯୋଗାଯୋଗ କରିବାକୁ ଅନୁରୋଧ।

**AFFIDAVIT**

By virtue of an affidavit no-6074 sworn before the Executive Magistrate, Champua on dtd-06/11/2025, I Mohammad Daud, S/o- Late Abdul Kayum, resident of At- Muslim Basti, Po/Ps- Champua, Dist- Keonjhar, Odisha. My Aadhar Card Bearing No: 7914 0977 8741 & my son's Passport No- L5752113. I have changed my name from **Mohammed Daud** (old name) to **Mohammad Daud** (new name). Henceforth both name **Mohammed Daud** and **Mohammad Daud** is one & same person he will be known as **Mohammad Daud** for all future purposes.

**Mohammad Daud**

**NOTICE**

I, Sadashiba Dhal age-48, S/o- Bharat Dhal of Resident At- Gouribelda, Po-Kasida, Ps- Jaleswar, Dist-Balasore, Odisha-756034. Declared by Affidavit Before P.K Mishra (O.R.S) in the Court of Executive Magistrate, Balasore, Affidavit Sl No:- 11564,Date-04/11/2025 ,That my Minor Daughter **SUSMITA DHAL** (Old Name) but by assumed Minor daughter name **SMITARANI DHAL** (New Name ). Hence I declared my minor daughter **SUSMITA DHAL** (Old Name) and **SMITARANI DHAL** (New Name) the same and one person for all future purpose.

Sadashiba Dhal


# ମହମ୍ମଦ ଜୁନେଦ ବିଜେଡି ରାଜ୍ୟ ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର,୮।୧୧(ସମିସ): ବିଜୁ ଜନତା ଦଳର ସମ୍ପାଦକ ଭାବେ ନୂଆପଡ଼ା ଖରିଆର ରୋଡ୍ ଟାଉନର ମହମ୍ମଦ ଜୁନେଦଙ୍କୁ ନୂଆ ନିଯୁକ୍ତି ମିଳିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନୂଆ ନିଯୁକ୍ତି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୭ତାରିଖ ଜୁନେଦ ବିଧିବଦ୍ଧ ବାବରେ ବିଜେଡିରେ ସାମିଲ ହୋଇଥିଲେ।

# ନବୀନଙ୍କ ପ୍ରଶଂସାରେ ଶତମୁଖ କେନ୍ଦ୍ରମନ୍ତ୍ରୀ ଅଠାୱଲେ

ଭୁବନେଶ୍ୱର, ୮।୧୧(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଦଳ, ମତ ନିର୍ବିଶେଷରେ ସମସ୍ତେ ସମ୍ମାନ କରନ୍ତି। ଜାତୀୟ ରାଜନୀତିରେ ନବୀନ ଜଣେ ନିର୍ବିବାଦୀୟ, ସମ୍ମାନସ୍ପଦ ନେତା ଭାବେ ପରିଗଣିତ ହେଉଥିବା ବେଳେ ଅନେକ ନେତା ତାଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଏହି ତାଲିକାରେ ଏବେ ଯୋଡ଼ି ହୋଇଛନ୍ତି ଆରପିଆଇ ଅଧ୍ୟକ୍ଷ ତଥା କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱଲେ। ନବୀନ ପଟ୍ଟନାୟକ ଜଣେ ବହୁତ ଭଲ ଲୋକ। ଓଡ଼ିଶାର ବିକାଶ କ୍ଷେତ୍ରରେ ତାଙ୍କର ବହୁତ ଯୋଗଦାନ ରହିଛି ବୋଲି ଶ୍ରୀ ଅଠାୱଲେ କହିଛନ୍ତି।

- ନବୀନ ଜଣେ ବହୁତ ଭଲ ଲୋକ
- ଓଡ଼ିଶାର ବିକାଶରେ ତାଙ୍କର ବହୁତ ଯୋଗଦାନ ରହିଛି

ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ଆସିଥିବା ଶ୍ରୀ ଅଠାୱଲେ କହିଛନ୍ତି, ୨୪ବର୍ଷ ଧରି ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏହି ଅବଧି ମଧ୍ୟରେ ଓଡ଼ିଶାରେ ସେ ଭଲ କାର୍ଯ୍ୟ କରିଛନ୍ତି। ନବୀନ ପଟ୍ଟନାୟକ ଜଣେ ବହୁତ ଭଲ ବ୍ୟକ୍ତି। ଏନ୍‌ଡିଏରେ ସେ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ଆମ ସହ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଥମେ ବିଜେପି ଏବଂ ବିଜେଡି ମିଳିତ ଭାବେ ଓଡ଼ିଶାରେ ସରକାର ଗଠନ କରିଥିଲେ। ପରେ ନବୀନ ଏକାକୀ ନିର୍ବାଚନ ଲଢ଼ି ନିଜ ଦମ୍‌ରେ ଓଡ଼ିଶାରେ ସରକାର ଗଠନ କରିବା ସହ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ସହ ମୋର ବହୁତ ଭଲ ସମ୍ପର୍କ ରହିଥିଲା। ଦିଲ୍ଲୀରେ ସେ ମନ୍ତ୍ରୀ ଥିବା ବେଳେ ମୁଁ ତାଙ୍କୁ ଅନେକଥର ଭେଟିଥିଲି। ସେ ଜଣେ ଭଲ ସ୍ୱଭାବର ବ୍ୟକ୍ତି ବୋଲି ଅଠାୱଲେ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦଳାଚକଟା ପାଇଁ...

ତଦନ୍ତ ରିପୋର୍ଟରେ କୁହାଯାଇଛି ଯେ ଜିଲ୍ଲା ପୁଲିସ ମେସିନାରୀର ମୁଖ୍ୟ ହେଉଛନ୍ତି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ। ରଥଯାତ୍ରା ପରିଚାଳନାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଦିଗରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ତେବେ ଉପରୋକ୍ତ ଅଘଟଣ ପରେ ତାଙ୍କୁ ପୁରୀ ଜିଲ୍ଲାକୁ ଅନ୍ୟତ୍ର ବଦଳି କରାଯାଇ ସାରିଛି। ଏତଦ୍ ବ୍ୟତୀତ ଯେଉଁ ୭ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ କରାଯାଇଛି, ସେମାନେ ନିଜ ଦାୟିତ୍ୱରେ କେଉଁ ପ୍ରକାର ଅବହେଳା କରିଥିଲେ ସେନେଇ ଉଲ୍ଲେଖ କରାଯାଇଛି।

ଗତ ରଥଯାତ୍ରା ସମୟରେ ପୁଲିସ ପକ୍ଷରୁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି)କୁ ନେଇ ବଡ଼ ବଡ଼ କଥା କୁହାଯାଇଥିଲେ ହେଁ, ଏହାର ପୋଲ ଖୋଲିଛି ଉପରୋକ୍ତ ରିପୋର୍ଟ। ଆଇସିସିସିକୁ ସେତେବେଳେ ମୁଖ୍ୟତଃ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ଆଇନ ଶୃଙ୍ଖଳା ନିୟନ୍ତ୍ରଣ, ଜରୁରୀକାଳୀନ ସ୍ଥିତି ଏବଂ ଭିଆଇପି ଗସ୍ତ ସମୟରେ ସହଯୋଗ ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ଏହି ଏଆଇ ଭିତ୍ତିକ ସର୍ଭେଲାନ୍ସ ସିଷ୍ଟମର ଯେତେବେଳେ ସର୍ବାଧିକ ଆବଶ୍ୟକତା ଥିଲା, ତାହା ସେତେବେଳେ ସଠିକ୍ ଭାବେ କାର୍ଯ୍ୟ କରିନଥିଲା ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଟେଣ୍ଡର ଅନୁଯାୟୀ ମୁକ୍ତାକାଶ ରଙ୍ଗମଞ୍ଚ ପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇନଥିବା ବେଳେ ଅନ୍ୟ କେତେକ ସ୍ଥାନରୁ ସିସିଟିଭି କ୍ୟାମେରାରୁ ଫିଡ୍ ଆସିନଥିଲା। ସେହିପରି ଅନେକ ସ୍ଥାନରେ ସିସିଟିଭି କ୍ୟାମେରା ସଠିକ୍ ଭାବରେ କାମ କରିନଥିବା ବେଳେ ଯାତ୍ରୀଙ୍କୁ ସୂଚନା ପାଇଁ ଲଗାଯାଇଥିବା ଏଲଇଡି ପ୍ୟାନେଲ ମଧ୍ୟ କାମରେ ଆସିନଥିଲା। ସେହିପରି ଆଇସିସିସି ଅଧୀନରେ ଡ୍ରୋନର ଉପଯୋଗ କରାଯାଇନଥିବା ବେଳେ କ୍ୟାମେରା ଯୋଗାଇଥିବା ଭେଣ୍ଡର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥଳରୁ ଗୁରୁତ୍ୱପୂର୍ଣ୍ଣ ଫିଡ୍ ପ୍ରଦାନରେ ବିଫଳ ହୋଇଥିଲା। ମୋଟାମୋଟି ଭାବେ ସୁରୁଖୁରୁର ରଥଯାତ୍ରା ପରିଚାଳନାରେ ସିସିଟିଭି କ୍ୟାମେରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ଏହି ବ୍ୟବସ୍ଥା ଏକପ୍ରକାର ଫେଲ୍ ମାରିଥିବା ରିପୋର୍ଟରେ କୁହାଯାଇଛି। ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି) ଦାୟିତ୍ୱରେ ଥିବା କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସଙ୍କୁ ରେଡ ଫ୍ଲାଗଭୁକ୍ତ କରିବା ପାଇଁ ଅନୁ ଗର୍ଗଙ୍କ କମିଟି ସୁପାରିସ କରିଛି। ସେହିପରି ରଥଯାତ୍ରା ସମୟରେ ସେବାୟତ ଓ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟର ଘୋର ଅଭାବ ଯୋଗୁଁ ନୀତିକାନ୍ତିରେ ବିଳମ୍ବ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ ଯେ ଶରଧାବାଲିରେ ଘଟିଥିବା ଏହି ଅଘଟଣ ପାଇଁ ମୋଟ ୩ ଜଣଙ୍କର ଜୀବନ ଯାଇଥିଲା। ଦଳାଚକଟା ଘଟିବା ଦିନ ହିଁ ରାଜ୍ୟ ସରକାର ତତ୍କାଳୀନ ଜିଲ୍ଲାପାଳ ସିର୍ଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସପି ବିନୀତ୍ ଅଗ୍ରୱାଲଙ୍କୁ ବଦଳି କରିଥିଲେ।

## ଡିସେମ୍ବର ୧ରୁ...

ଫଳପ୍ରଦ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ତେବେ ତାଙ୍କର ଏହି ସୂଚନା ପରେ କଂଗ୍ରେସ ପକ୍ଷରୁ ଜୟରାମ ରମେଶ କେତେକ ପ୍ରଶ୍ନ ଉଠାଇଛନ୍ତି। ସଂସଦ କାହିଁକି ବିଳମ୍ବରେ ଡକାଯାଉଛି ଏବଂ ଏହାର କାର୍ଯ୍ୟଦିବସ ଏତେ କମ୍ କାହିଁକି? ସେ କହିଛନ୍ତି ଯେ ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ସରକାରଙ୍କର କିଛି କାର୍ଯ୍ୟକ୍ରମ ନାହିଁ ଓ ଅନୁମୋଦନ ପାଇଁ ବିଲ୍ ନାହିଁ।ପୁଣି ସରକାର କୌଣସି ପ୍ରସଙ୍ଗରେ ବିତର୍କ କରିବାକୁ ଚାହାନ୍ତି ନାହିଁ। ତୃଣମୂଳ କଂଗ୍ରେସ ନେତା ଡି. ଓବରଏନ ମଧ୍ୟ କହିଛନ୍ତି ଯେ ଯାହା ଜଣାପଡୁଛି ସରକାର ବିତର୍କ କରିବାକୁ ଡରୁଛନ୍ତି।

ସୂଚନାଯୋଗ୍ୟ ଯେ ଅତୀତରେ ସଂସଦର ଶୀତକାଳୀନ ଅଧିବେଶନ ସାଧାରଣତଃ ନଭେମ୍ବର ତୃତୀୟ ସପ୍ତାହରୁ ଆରମ୍ଭ ହୋଇ ଡିସେମ୍ବର ୨୫ ପୂର୍ବରୁ ଶେଷ ହେବାର ପରମ୍ପରା ରହିଆସିଛି। ଗତ ବର୍ଷ ମଧ୍ୟ ଶୀତକାଳୀନ ଅଧିବେଶନ ନଭେମ୍ବର ୨୫ରୁ ଆରମ୍ଭ ହୋଇ ଡିସେମ୍ବେର ୨୦ରେ ଶେଷ ହୋଇଥିଲା। ତେବେ ସେ ଯାହା ହେଉନା କାହିଁକି ସଂକ୍ଷିପ୍ତ ହେଉ ପଛେ ଏହି ଅଧିବେଶନ ସରଗରମ ହେବ। ନିର୍ବାଚନ କମିସନ ୧୨ଟି ରାଜ୍ୟରେ ଏସ୍ଆଇଆର୍ ଆରମ୍ଭ କରିଥିବା ବେଳେ ବିରୋଧୀ ଦଳର ଏହାର ତୀବ୍ର ବିରୋଧ କରୁଛନ୍ତି। ପୂର୍ବ ଅଧିବେଶନ ଭଳି ଏହି ଅଧିବେଶନରେ ମଧ୍ୟ ଏହାକୁ ନେଇ ଅଚଳାବସ୍ଥା ସୃଷ୍ଟି ହେବାର ସମ୍ଭାବନା ରହିଛି। ପୁଣି ବିହାର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏହି ଅଧିବେଶନ ହେଉଥିବାରୁ ଏହା ସଂସଦକୁ ସରଗରମ କରି ରଖିବ।

ଗତ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ମୌସୁମୀ ଅଧିବେଶନ ବସିଥିଲା। ପ୍ରଥମ ଦିନରେ ହିଁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଇସ୍ତଫା ଦେଇଥିଲେ। ଏହାପରେ ପୂରା ଅଧିବେଶନ ।।ରେ ବିହାରରେ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍ଆଇଆର୍)କୁ ନେଇ ହଙ୍ଗାମା ହୋଇଥିଲା। ମୌସୁମୀ ଅଧିବେଶନରେ ମୋଟ୍ ଉପରେ ୨୧ଟି ବୈଠକ ବସିଥିଲା। ଲୋକସଭାରେ ୧୨୦ ଘଣ୍ଟା ଚର୍ଚ୍ଚାର ସମୟ ନିର୍ଦ୍ଧାରିତ କରାଯାଇଥିଲା। କିନ୍ତୁ ମାତ୍ର ୩୭ ଘଣ୍ଟାର କାର୍ଯ୍ୟ ହୋଇଥିଲା। ସେହିପରି ରାଜ୍ୟସଭାରେ ମାତ୍ର ୪୧ ଘଣ୍ଟା ଚର୍ଚ୍ଚା ହୋଇଥିଲା। ଲୋକସଭା ଓ ରାଜ୍ୟସଭାରେ ମୋଟ୍ ଉପରେ ୨୭ଟି ବିଲ୍ ପାସ୍ ହୋଇଥିଲା।

## ଏଣିକି ସ୍ୱୟଂଚାଳିତ...

ବାଲାନ୍ସ ଆପେ ଆପେ ନୂଆ ନିଯୁକ୍ତିଦାତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଯିବ। ଏଥିପାଇଁ ଅତିବେଶୀରେ ଦୁଇରୁ ପାଞ୍ଚ ଦିନ ଲାଗିବ।

ପୂର୍ବରୁ ଚାକିରି ବଦଳାଇବା ସମୟରେ ଫର୍ମ-୧୩ ପୂରଣ କରିବାକୁ ପଡୁଥିଲା। ଏହା ପରେ ପୁରୁଣା ଏବଂ ନୂଆ ନିଯୁକ୍ତିଦାତାଙ୍କ ଯାଞ୍ଚ କରିବାକୁ ହେଉଥିଲା। ଏହି ପ୍ରକ୍ରିୟା ପାଇଁ ମାସେରୁ ଦୁଇ ମାସ ଲାଗୁଥିଲା। ଅନେକ ଥର ଦାବି ମଧ୍ୟ ଖାରଜ ହୋଇଯାଇଥାଏ। ସୁଧ ହାରରେ ମଧ୍ୟ କ୍ଷତି ହେଉଥିଲା। ଇପିଏଫଓ ତଥ୍ୟ ଅନୁଯାୟୀ ପ୍ରତି ବର୍ଷ ଲକ୍ଷାଧିକ ଦାବି ପଡ଼ି ରହୁଥିଲା। ନୂଆ ନିୟମରେ ଏହି ସମସ୍ୟାରୁ ନିର୍ଯାତ ମିଳିବ। ଏବେ କର୍ମଚାରୀ ନୂଆ ଚାକିରିରେ ସାମିଲ ହେଲେ ନିଯୁକ୍ତିଦାତା ୟୁଏଏନ ଲିଙ୍କ୍ କରାଇବେ। ଇପିଏଫଓ ପୋର୍ଟାଲରେ ଆଧାର ଏବଂ କେୱାଇସି ଦ୍ୱାରା ଅଟୋ-ଭେରିଫିକେସନ ହେବ। ପୁରୁଣା ପିଏଫ୍ ବାଲାନ୍ସ ସିଧାସଳଖ ଭାବେ ନୂଆ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଯିବ। ଏଥିପାଇଁ କୌଣସି କାଗଜପତ୍ର ଦେବାକୁ ପଡ଼ିବ ନାହିଁ। ତିନିରୁ ୫ ଦିନ ମଧ୍ୟରେ କାମ ଶେଷ ହୋଇଯିବ। ତେବେ ଏଥିପାଇଁ ୟୁଏଏନ ସକ୍ରିୟ ଏବଂ ଆଧାର ଲିଙ୍କ୍ ଥିବା ଜରୁରୀ।

ଏହି ନୂଆ ପ୍ରୟାସ ଦ୍ୱାରା କର୍ମଚାରୀଙ୍କୁ ୫ଟି ପ୍ରମୁଖ ଲାଭ ମିଳିବ। କର୍ମଚାରୀଙ୍କ ସମୟ ବଞ୍ଚିବ। କାଗଜପତ୍ରର ଝିନ୍ଝଟ୍ ଅପଲୋଡରୁ ମୁକ୍ତି ମିଳିବ ଏବଂ ସବୁକିଛି ସ୍ୱୟଂକ୍ରିୟ ଭାବେ ହୋଇଯିବ। ସୁଧ ଧାରାବାହିକ ଭାବେ ଜାରି ରହିବ। ଏଥିରେ କୌଣସି କ୍ଷତି ହେବ ନାହିଁ। ଅବସର ସମୟରେ ସବୁ ଅର୍ଥ ଗୋଟିଏ ସ୍ଥାନରେ ମିଳିବ। ଘରୋଇ ଚାକିରିଆଙ୍କ ପାଇଁ ଚାକିରି ବଦଳାଇବା ସହଜ ହୋଇଯିବ। ଇପିଏଫଓ ପକ୍ଷରୁ କୁହାଯାଇଛି ଯେ ଏହି ସ୍ୱୟଂଚାଳିତ ପ୍ରକ୍ରିୟା ଦ୍ୱାରା ୧୦ କୋଟିରୁ ଉର୍ଦ୍ଧ୍ୱ ସଦସ୍ୟଙ୍କୁ ଲାଭ ମିଳିବ। ୟୁଏଏନକୁ ଆଧାର ଲିଙ୍କ ନେଇ ହେଉଥିବା ଠକେଇ ମଧ୍ୟ ବନ୍ଦ ହୋଇଯିବ। ଏଥିପାଇଁ ୟୁଏଏନ ନମ୍ବରକୁ ସକ୍ରିୟ କରିବା ପାଇଁ କର୍ମଚାରୀଙ୍କୁ ନିବେଦନ କରାଯାଇଛି।

## ବାଲ୍‌କୋନୀ ଭୁଶୁଡ଼ି...

ସୂଚନାନୁସାରେ, ହାଡ଼ିବନ୍ଧୁ ବିଦ୍ୟାପୀଠ ସମ୍ମୁଖରେ ରହିଥିବା ପ୍ରାଚୀ ଏନକ୍ଲେଭ୍‌ର ଜି-୫ ଫ୍ଲାଟ୍ ବାଲକୋନୀଟି ଆଜି ସନ୍ଧ୍ୟାରେ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଏହି କୋଠାଟି ପୁରାତନ ହୋଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ହେଉନଥିବାରୁ କାନ୍ଥ ଓ ବାଲ୍‌କୋନୀରେ ଦୀର୍ଘ ଦିନ ହେବ ଫାଟ ସୃଷ୍ଟି ହୋଇଥିଲା। ଏହି ଫ୍ଲାଟ୍‌ର ତଳେ ଏକ ପରିବାର ଆଜବେଷ୍ଟସ୍ ଘରେ ରହୁଥିଲେ। ବାଲକୋନୀ ଭୁଶୁଡ଼ିବା ପରେ ବଡ଼ବଡ଼ ଖଣ୍ଡଗୁଡ଼ିକ ଆଜବେଷ୍ଟସ୍ ଉପରେ ପଡ଼ିଥିଲା। ଘର ଭିତରେ ପରିବାରର ୩ଜଣ ସଦସ୍ୟ ଥିବା ବେଳେ ଅନ୍ୟ ୪ ଜଣ ସଦସ୍ୟ ଘର ବାରଣ୍ଡାରେ ବସିଥିଲେ।

ବାଲକୋନୀ ଭୁଶୁଡ଼ିବା ପରେ ଭଙ୍ଗା ସିମେଣ୍ଟ ଓ ରଡ୍ ଖଣ୍ଡ ଭିତରେ ବାପା ଅବଦୁଲ୍, ମା' ରେହେମାତୁନ୍ ଓ ପୁଅ ରିହାନ୍ ଚାପି ହୋଇ ରହିଯାଇଥିଲେ। ଅନ୍ୟ ସଦସ୍ୟମାନେ ବାରଣ୍ଡାରେ ବସିଥିବା ହେତୁ ସେମାନଙ୍କ ଉପରେ ସିମେଣ୍ଟ ଓ ରଡ୍ ଖଣ୍ଡ ମାଡ଼ ହୋଇଥିଲା। ଘଟଣାସ୍ଥଳରେ ପ୍ରଚଣ୍ଡ ଶବ୍ଦ ହେବାରୁ ସ୍ଥାନୀୟ ଲୋକ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ। ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ୨ଟି ରେସ୍କ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। କଟର୍ ମେସିନ୍ ଓ ଅନ୍ୟାନ୍ୟ ଢଳେଇ ଭଙ୍ଗା ଉପକରଣ ସାହାଯ୍ୟରେ ଆଜବେଷ୍ଟସ୍ ଘରକୁ ଭଙ୍ଗା ଯାଇ ପ୍ରଥମେ ୩ଜଣଙ୍କୁ ଉଦ୍ଧାର କରାଯାଇ ଏସସିବି ମେଡିକାଲ୍ ପଠାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପଟେ ଆମ୍ବୁଲାନ୍ସ ଡକାଯାଇ ଅନ୍ୟ ଗୁରୁତରଙ୍କୁ ଏସ୍‌ସିବି ପଠାଯାଇଥିଲା। ଏ ସମ୍ପର୍କରେ ରେସ୍କ୍ୟୁ ଟିମ୍‌ର ମୁଖ୍ୟ ତଥା ଫାୟାର୍ ଅଫିସର୍ ସଞ୍ଜୀବ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଫ୍ଲାଟ୍‌ଟି ସର୍ବପୁରାତନ ହୋଇଥିବା ବେଳେ ତାହାର ରକ୍ଷଣାବେକ୍ଷଣ ଆଦୌ କରାଯାଉନଥିଲା। ଉଭୟ କାନ୍ଥ, ବାଲକୋନୀ ଓ ଝରକା ଦିନକୁ ଦିନ ଦୁର୍ବଳ ହୋଇଯାଇଥିଲା। କାନ୍ଥ ଏବଂ ବାଲ୍‌କୋନୀ ମଝିରେ ବଡ଼ବଡ଼ ଫାଟ ସୃଷ୍ଟି ହୋଇଥିଲା। ଫ୍ଲାଟ୍‌ର ମାଲିକଙ୍କ ବେପରୁଆ ମନୋଭାବ ଯୋଗୁଁ ଏତେବଡ଼ ଦୁର୍ଘଟଣା ଘଟିଛି ବୋଲି ସେ କହିଛନ୍ତି।

ସ୍ଥାନୀୟ ବାସିନ୍ଦା ସୂର୍ଯ୍ୟକାନ୍ତ ହାଲଦାର୍ କହିଛନ୍ତି ଯେ ଯିଏ କେହିବି ଦୁର୍ଘଟଣା ଘଟିଥିବା ଫ୍ଲାଟ୍‌ଟିକୁ ଦେଖିବ, ସେ ଏହା ସର୍ବପୁରାତନ ବୋଲି ଜାଣିପାରିବ। ଆଦୌ ରକ୍ଷଣବେକ୍ଷଣା ହେଉନଥିବା କାରଣରୁ ଏଭଳି ଦୁର୍ଘଟଣା ଘଟିଲା। ଫ୍ଲାଟ୍ ମାଲିକ ଏଥିପାଇଁ ଦାୟୀ ବୋଲି ସେ ସିଧାସଳଖ ମତ ରଖିଛନ୍ତି। ଏନକ୍ଲେଭ୍ ମାଲିକଙ୍କୁ ବାରମ୍ବାର ଏହି ବିପଦସଂକୁଳ ଫ୍ଲାଟ୍‌ର ମରାମତି ପାଇଁ ଦାବି ହେଉଥିଲେ ମଧ୍ୟ ସେ ଏ ଦିଗରେ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ଉଠିଛି। ଅନ୍ୟପଟେ, ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

# ପଦ୍ମପୁରରେ ଚାଷୀଙ୍କ ରଣହୁଙ୍କାର

**ପଦ୍ମପୁର, ୮।୧୧(ସମିସ)**

ଖରିଫ ଋତୁ ଧାନ କିଣା ବିକା ପୂର୍ବରୁ ଚାଷୀ ସଂଗଠନ ଦମ ଦେଖାଇଛି। ଦୁଇଦିନ ମଧ୍ୟରେ ବଞ୍ଚିତ ଚାଷୀଙ୍କ ନାମ ପଞ୍ଜୀକରଣ ସହ ଏଗାର ଦଫା ଦାବି ସରକାର ପୂରଣ କରିବାକୁ ଚାଷୀ ସଂଗଠନ ଦାବି କରିଛି। ସରକାର ନ ଶୁଣିଲେ ଆସନ୍ତା ନଭେମ୍ବର ୧୦ରେ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ ବୈଠକକୁ ଚାଷୀ ସଂଗଠନ ଦୃଢ଼ତାର ସହିତ ବିରୋଧ କରିବ ଏବଂ ଦରକାର ପଡ଼ିଲେ ଆନ୍ଦୋଳନରେ ବସିବ। ଏଥିପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିଲେ ଜିଲ୍ଲା ପ୍ରଶାସନ ଓ ସରକାର ଦାୟୀ ରହିବ ବୋଲି କୃଷକ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ପଦ୍ମପୁରରେ ଆୟୋଜିତ ବିଶାଳ କୃଷକ ସଚେତନତା ସମାବେଶରେ ରାଜବୋଡାସମ୍ବର କୃଷକ ସଂଗଠନ ଓ ସଂଯୁକ୍ତ କୃଷକ ସଂଗଠନ ଏହି ଖୋଲା ଚେତାବନୀ ଦେଇଛି।

ଆଜି ପଦ୍ମପୁରରେ ପଶ୍ଚିମ ଓଡ଼ିଶାର ହଜାର ହାଜର ଚାଷୀ ଏକାଠି ହୋଇଛନ୍ତି। ୧୧ ଦଫା ଦାବି ପୂରଣ ପାଇଁ ୮ ଘଣ୍ଟା ଧରି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଭୁଲ ନୀତି ଉପରେ ବର୍ଷିଛନ୍ତି। ମରିବୁ ପଛେ ଛାଡ଼ିବୁ ନାହିଁ, ଭିକ୍ଷା ନୁହେଁ ଆମକୁ ଆମର ହକ ଦିଅ ବୋଲି ନାରା ଦେଇଥିଲେ। ଏଣିକି ପଲ୍ଲୀର ସ୍ୱର ଦିଲ୍ଲୀ ଗୁଞ୍ଜରିତ ହେବ ବରଗଡ଼ ଜିଲ୍ଲା ଚାଷୀ ସମସ୍ୟା ନେଇ ଦିଲ୍ଲୀରେ ଲଢ଼େଇ କରିବ ବୋଲି କେନ୍ଦ୍ରୀୟ ଚାଷୀ ସଂଗଠନ କହିଛି। ଆସନ୍ତା ନଭେମ୍ବର ୨୬ରେ ମହାମେଳି ଆୟୋଜନ ପାଇଁ ଯୋଜନା ରହିଛି। ମହାମେଳିରେ ଓଡ଼ିଶାର ଭାତହାଣ୍ଡି ବରଗଡ଼ ଜିଲ୍ଲାର ୧୧ ଦଫା ଦାବିକୁ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସଂଯୁକ୍ତ




କିଷାନ ମୋର୍ଚ୍ଚା ସଦସ୍ୟ ରାଜେନ୍ଦ୍ର ଚୌଧୁରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି। ସାରା ଦେଶରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ପ୍ରେରଣା ଏବଂ ଶକ୍ତିର ଉତ୍ସାହ ପଦ୍ମପୁର ଚାଷୀ ସଂଗଠନ ଯୋଗାଇଛି ବୋଲି କେନ୍ଦ୍ରୀୟ ଚାଷୀ ନେତା ପ୍ରକାଶ କରିଥିଲେ। ସେହିପରି ସମାବେଶରେ ସଂଯୁକ୍ତ କୃଷକ ସଂଗଠନ ବରଗଡ଼ର ଚାଷୀ ନେତା ରମେଶ ମହାପାତ୍ର ସିଧାସଳଖ ସରକାରଙ୍କ ଭୁଲ ନୀତି ଯୋଗୁଁ ଚାଷୀ ଗରିବ ବୋଲି ଅଭିହିତ କରିଥିଲେ। ଧାନକାର୍ଡ ପଞ୍ଜୀକରଣରେ ବାଦ ପଡ଼ିଥିବା ସମସ୍ତ ଚାଷୀଙ୍କ ପଞ୍ଜୀକରଣ କରାଯାଉ, ମୋନ୍ଥା ପ୍ରଭାବରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନପୁଟ ଏବଂ ଇନ୍ସୁରାନ୍ସ ପ୍ରଦାନ କରାଯାଉ, ବିସ୍ଥାପନ ବିହୀନ ଜଳସେଚନ, କୃଷି ଜାତ ଫସଲର ଉଚିତ ମୂଲ୍ୟ, ସୁନିଶ୍ଚିତ ବଜାର ବ୍ୟବସ୍ଥା, ମଣ୍ଡିରେ ଧାନ ପଡ଼ିବାର ୪୮ ଘଣ୍ଟା ମଧ୍ୟରେ ସମସ୍ତ ଧାନ କିଣା ଯାଉ, କଟନି ଛଟଣୀ ବନ୍ଦ କରାଯାଉ, ଚାଷୀଙ୍କ ଉତ୍ପାଦିତ ସମସ୍ତ ଧାନ କିଣା ଯାଉ, ଶୀତଳ ଭଣ୍ଡାର, ବିଦ୍ୟୁତ ବିଲ ଛାଡ କରାଯାଉ ଆଦି ଦାବି ମାନ କରିଥିଲେ। ସଂଗଠନର ସ୍ଥାୟୀ ସଭାପତି ବାଞ୍ଛାନିଧିଙ୍କ ସଭାପତିତ୍ୱରେ ସମାବେଶ ଚାଲିଥିବା ବେଳେ ଲିଙ୍ଗରାଜ ପଧାନ ପରିଚାଳନା କରିଥିଲେ। ଅଶୋକ ସାହୁ ସଂଗଠନର ବିବରଣୀ ପଠନ କରିଥିଲେ। ସଂଯୁକ୍ତ କୃଷକ ସଂଗଠନ ସଦସ୍ୟ ଟିଖେଲାଲ ମିଶ୍ର, ଅଭିମନ୍ୟୁ ପଧାନ, ଠାକୁରରାମ ପଟେଲ, ଥବିର ସାହୁ, କାରଣ ସାହୁ, ରବିଶଙ୍କର ପଧାନ, ଅରବିନ୍ଦ ପଣ୍ଡା, ସୁବାସ ସାମନ୍ତରାୟ, ରୋହିତ ପଧାନ, କୈଳାସ ବାରିକ, ପଞ୍ଚାନନ ସାହୁ, ମହେନ୍ଦ୍ର ପଧାନ, ଦହିତ ସାହୁ, ସୁରେଶ ନିକେଣ୍ଟି, ସମେତ ସମର୍ଥିତ କୋଶଲ

**ବିରାଟ କୃଷକ ସଚେତନତା ସମାବେଶରେ ସାମିଲ ହେଲେ ହଜାର ହଜାର ଚାଷୀ**

**ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଜୋରଦାର ଚେତାବନୀ**

ସେନା ବୀରବଳ ମହାକୁଡ, ସଙ୍କଳ୍ପ ପରିବର ବିକାଶ ଅଗ୍ରୱାଲ, ଅଙ୍ଗ ନଦୀ ପ୍ରତିରୋଧ କମିଟି ବିଜୟ ସାହୁ, ଜିଲ୍ଲା ଓବିସି ମଞ୍ଚ ସପ୍ତସିନ୍ଧୁ ବଗର୍ତ୍ତୀ ବକ୍ତବ୍ୟ ରଖିଥିଲେ। ପୁଲିସ ଦ୍ୱାରା ଉପନ୍ନ ଭୋଇ, ଅଭିମନ୍ୟୁ ପଧାନ, ଶଙ୍କର ଖମାରୀ, କାରଣ ସାହୁ ଏବଂ ସୁଦାମ ପାତ୍ରଙ୍କ ବିରୋଧରେ ମିଛ ମକଦମାକୁ ତୀବ୍ର ନିନ୍ଦା କରାଯାଇଥିଲା। ତୁରନ୍ତ ସମସ୍ତ ମିଛ କେସ ପ୍ରତ୍ୟାହାର କରିବାକୁ ଚେତାବନୀ ଦେଇଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ଲଭିଶା

**ଝାରସୁଗୁଡ଼ା, ୮।୧୧(ସମିସ):** ବୟସ ମାତ୍ର ୧ ବର୍ଷ ୧୦ ମାସ। କୁନି ବୟସରେ ବି ନିଜ ପ୍ରତିଭା ବଳରେ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି ଲଭିଶା ପ୍ରଧାନ। ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଗାଁର ସତ୍ୟଜିତ ପ୍ରଧାନ ଓ କରିସ୍ମା ପ୍ରଧାନଙ୍କ କୁନି ଝିଅ ଲଭିଶା 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍'ରେ ସ୍ଥାନ ପାଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଲଭିଶା ୫ଟି ଚିତ୍ର, ୫ଟି ରଙ୍ଗ, ୧୨ଟି ବାହନ, ୧୫ଟି ପକ୍ଷୀ, ୧୪ଟି ଫଳ, ୧୦ଟି ପରିବା, ୧୦ଟି ଫୁଲ ଓ ୧୫ଟି ପଶୁ ତଥା ପ୍ରାଣୀ ସମ୍ପର୍କରେ ପଚରାଯାଇଥିବା ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇ ଏହି କୃତିତ୍ୱ ହାସଲ କରିଛନ୍ତି।



ଏହାସହ ଇଂରାଜୀରେ ଏ ରୁ ଜେଡ୍ ଏବଂ ଏହାର ଶବ୍ଦ ନିର୍ଭୁଲ ଭାବେ କହି ପାରୁଛନ୍ତି। ସେହିପରି ଗୀତର ମ୍ୟୁଜିକ କିଛି ସେକେଣ୍ଡ ଶୁଣିବା ପରେ ଗୀତର ନାଁ ମଧ୍ୟ କହି ପାରୁଛନ୍ତି। ହନୁମାନ ଚାଳିଶାର ୯ଟି ମନ୍ତ୍ର ଓ ୪ଟି ଚୌପାଇ ସମେତ ଜାତୀୟ ସଙ୍ଗୀତ ଆଦି ନିର୍ଭୁଲ ଭାବେ ଗାୟନ କରି ଲଭିଶା ଆଇବିଆର୍ ଆଚିଭର୍ ପୁରସ୍କାର ଅର୍ଜନ କରିଛନ୍ତି। ଗତ ଅକ୍ଟୋବର ମାସରେ ଅନଲାଇନ୍ ମାଧ୍ୟମରେ ଆଇବିଆର୍ ଦ୍ୱାରା ଅନୁଷ୍ଠିତ ପ୍ରତିଯୋଗିତା-୨୦୨୫ ବର୍ଗରେ ବିଚାରକଙ୍କ ବିଭିନ୍ନ ପ୍ରଶ୍ନର ସଠିକ୍ ଉତ୍ତର ଦେଇ ଲଭିଶା ଏହି ବିରଳ ସଫଳତା ହାସଲ କରିଛନ୍ତି।

# ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ

**ଝାରସୁଗୁଡ଼ା, ୮।୧୧ (ସମିସ):** ଜିଲ୍ଲା କୃଷି ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ଶୁକ୍ରବାର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। 'କୃଷି ପରମ୍ପରା ଓ କୃଷି ବିବିଧତା' ସଂରକ୍ଷଣରେ ମହିଳାମାନଙ୍କ ଭୂମିକା ବିଷୟ ବସ୍ତୁ ଆଧାରିତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାଙ୍କ ପ୍ରତିନିଧି ନୱଲ ଅଗ୍ରୱାଲ, ବରଗଡ଼ ସାଂସଦ ପ୍ରତିନିଧି ଅନିଲ ନାୟକ ଓ ବିଧାୟକ ପ୍ରତିନିଧି ନେତାଜୀ ପଟ୍ଟନାୟକ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ଣ୍ୟବତୀ ହେଲେନ ଖେସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନନ୍ଦ ତାଙ୍କ ଅଭିଭାଷଣରେ ମାଣ୍ଡିଆର ଉପକାରିତା ଉପରେ ଗୁରତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ମାଣ୍ଡିଆର ଉପକାରିତା ସମ୍ପର୍କରେ ବହୁଳ ଭାବେ ସଚେତନତା ସୃଷ୍ଟିର ଆବଶ୍ୟକତା ଥିବା ଉଲ୍ଲେଖ କରିଥିଲେ। ଶ୍ରୀଅନ୍ନ ଅଭିଯାନ ଅଧୀନ ଆୟୋଜିତ ପ୍ରଦର୍ଶନୀ ପରିଦର୍ଶନ କରି ସମସ୍ତ ଅତିଥି ପୁଷ୍ଟିକର ଶସ୍ୟକୁ କିପରି ବହୁଳ ଭାବେ ଆଦୃତ କରାଯାଇପାରିବ ସେ ନେଇ ପରାମର୍ଶ ଦେଇଥିଲେ। ବିଭିନ୍ନ ବର୍ଗରୁ ଅଗ୍ରଣୀ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ଗୋଷ୍ଠୀ, ସହଯୋଗୀ ସଂସ୍ଥା ଆଦିଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏହାଛଡା ଶ୍ରୀଅନ୍ନ ଅଭିଯାନ ତରଫରୁ ୭ଟି ମହାଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଜୈବିକ କେନ୍ଦ୍ର



ସ୍ଥାପନା ପାଇଁ ୩୦ ହଜାର ଟଙ୍କା ଲେଖାଏଁ ଓ ୫ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦, ୦୦୦ ଲେଖାଏଁ ସହାୟତା ରାଶି ଚେକ ପ୍ରଦାନ କରାଯାଇଥିଲା। ଶେଷରେ ବିଭିନ୍ନ ବ୍ଲକରୁ ଆସିଥିବା ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ କୃଷି ଅଧିକାରୀ, ଶ୍ରୀଅନ୍ନ ଅଭିଯାନ କର୍ମକର୍ତ୍ତା, ଆଜକା, ସେୱା ଓ ସେବକ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ଭିଏସ୍ଏସ୍ ନଗରରେ ଅଷ୍ଟପ୍ରହର ନାମଯଜ୍ଞ

**ଅତାବିରା, ୮।୧୧(ସମିସ):** ସ୍ଥାନୀୟ ଭିଏସଏସ ନଗର ଇଲେକ୍ଟ୍ରିକ୍ ଅଫିସ ପଡ଼ିଆରେ ୮ ପ୍ରହରୀ ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପାର୍ବତୀ ମନ୍ଦିରରୁ କଳସ ଯାତ୍ରା ମଣ୍ଡଳକୁ ଆସିଥିଲା। ଶିବ ଶଙ୍କର ପଣ୍ଡା ଓ ନିରୁପମା ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ମୁଖ୍ୟ ପୁରୋହିତ ନିରଞ୍ଜନ ପାଣିଗ୍ରାହୀ ଓ ସହଯୋଗୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ବଗେଇବିରା, କୁଲୁଣ୍ଡା, ଚକୁଳି, ଅତାବିରା ବସ୍ତି ମହିଳା କୀର୍ତ୍ତନ, ଅତାବିରା ବାବା ମଠ କୀର୍ତ୍ତନ ମଣ୍ଡଳୀ, ଚିପିଲିମା କୀର୍ତ୍ତନ ମଣ୍ଡଳୀ, ବହଳପାଲି କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ।




# 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି

**ବରପାଲି, ୮।୧୧(ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ 'ବନ୍ଦେ ମାତରମ୍' ଜାତୀୟ ଗୀତର ସମ୍ମାନର ସହ ୧୫୦ ତମ ବର୍ଷ ପୂର୍ତ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଜୟନ୍ତୀ ଦାଶ ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଅଭିବାଦନ ଜଣାଇଥିଲେ। ସଙ୍ଗୀତଟି ୭ ନଭେମ୍ବର ୧୮ ୭୫ରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଲିଖିତ 'ଆନନ୍ଦ ମଠ' ଉପନ୍ୟାସରେ ସ୍ଥାନିତ ହୋଇଥିଲା। ଏହି ଅବସରରେ ପ୍ରାଧ୍ୟାପକ ସୁଶୀଳ ଶତପଥୀ ଆଇକ୍ୟୁଏସି ମୁଖ୍ୟ ଅଧ୍ୟାପକ ଧୀରୋଜ ତ୍ରିପାଠୀ, ଅଧ୍ୟାପକ ଅଲେଖ ମହାନନ୍ଦ, ଅଧ୍ୟାପକ ଅରୁଣ ବାରିକ, ଡ.ଭଗବାନ ମହାନନ୍ଦ, ଡ.ପାରେଶ୍ୱର ସାହୁ, ଅଧ୍ୟାପକ ବୃନ୍ଦାବନ ସାହୁ, ଗଣେଶ ପ୍ରସାଦ ମିଶ୍ର, ଅଧ୍ୟାପକ ଗୌରଚନ୍ଦ୍ର ପଧାନ, ସୁମନ୍ତ ଶତପଥୀ, ଅଧ୍ୟାପିକା ନତାଶା ସିକନ୍ଦର ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଉତ୍ତର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଞ୍ଜିପଥର-ଲାଉମୁଣ୍ଡା ରାସ୍ତାରେ ଦୁର୍ଘଟଣା

# ଆହତଙ୍କ ପାଇଁ ଦେବଦୂତ ସାଜିଲେ ଅଶ୍ୱିନୀ ଦାଶ

**ବିଜେପୁର, ୮।୧୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଲାଉମୁଣ୍ଡାରୁ ପୁଞ୍ଜିପଥର ଛକ ମଝିରେ ଚାରପାଲି ଠାରେ ଜଣେ ବ୍ୟକ୍ତି ଶନିବାର ଦୁର୍ଘଟଣାର ଶିକାର ହୋଇଥିଲେ। ବରଗଡ଼ ନିକଟସ୍ଥ ଜମୂର୍ଡା ଗାଁର ରଜତ ବାରିକ(୨୮) ଏଥିରେ ଆହତ ହୋଇଥିଲେ। ଉଦ୍ଧାର ପାଇଁ କେହି ସେଠାରେ କେହି ନ ଥିଲେ। ଏନେଇ ଯୋଖିପାଲି ଗାଁର ଯୁବ ସମାଜସେବୀ ଅଶ୍ୱିନୀ ଦାସ ଖବର ପାଇବା କ୍ଷଣି କାଳବିଳମ୍ବ ନ କରି ଗାଡି ନିଜେ ଭଡା କରି ଘଟଣାସ୍ଥଳରୁ ଆହତଙ୍କୁ ବିଜେପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସ୍ଥାନୀୟ ପୁଲିସକୁ ମଧ୍ୟ ଖବର ଦେଇଥିଲେ। ବିଜେପୁର ବ୍ଲକ ଅଧୀନ ଯୋଖିପାଲି ଗାଁର ଅଶ୍ୱିନୀ ପୂର୍ବରୁ ମଧ୍ୟ ଏମିତି ଅନେକ ଦୁର୍ଘଟଣା ଗ୍ରସ୍ତ ଲୋକଙ୍କୁ ଉଦ୍ଧାରକରି ଡାକ୍ତଖାନାରେ ଚିକିତ୍ସିତ କରାଇ ଆସିଛନ୍ତି। ଆଜି ପୁଣି ତାଙ୍କର ତତ୍ପରତା ଯୋଗୁଁ ରଜତଙ୍କ ଜୀବନ ବଞ୍ଚିପାରିଛି। ତାଙ୍କର ଏପରି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।



# ଜାରିଂର ପ୍ରସିଦ୍ଧ ରାସଯାତ୍ରା ଉଦ୍‌ଯାପିତ

**ବିଜେପୁର, ୮।୧୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକର ଜାରିଂ ଗ୍ରାମରେ ସପ୍ତାହବ୍ୟାପି ଚାଲିଥିବା ପ୍ରସିଦ୍ଧ ବାଲିଯାତ୍ରା ଓ ରାସଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ଅନୁଷ୍ଠିତ ରାସଯାତ୍ରା ପୂଜାମଣ୍ଡପରେ ପୂଜା, ଜପ, ହୋମଯଜ୍ଞ, ମଙ୍ଗଳ ଆଳତୀ ସହ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଅନତି ଦୂରରେ ପ୍ରବାହିତ ରାଂଜ ନଦୀକୂଳରେ ଅନୁଷ୍ଠିତ ବାଲିଯାତ୍ରା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ବିଜେପୁର ଜମିଦାର ସନତ ଗଡ଼ତିଆ ପୂଜାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ଗୋକୁଳାନନ୍ଦ ପୁଜାହାରୀଙ୍କ ସମେତ ପୁଜକମାନେ ପୂଜାର୍ଚ୍ଚନା କରିଥିଲେ। ଉଠାଦୋକାନୀ, ମିନାବଜାର, ଗୁଡିଆପସରା, ମନୋହରୀ ପସରାରେ ଲୋକଙ୍କ ଗହଳି ଲାଗିରହିଥିଲା। ରାଂଜ ନଦୀବାଲିରେ ଛୋଟ ଛୋଟ ପିଲାମାନଙ୍କର ବାଲିଖେଳିବାର ଦୃଶ୍ୟ ଖୁବ ଉପଭୋଗ୍ୟ ହୋଇଥିଲା। ପ୍ରତ୍ୟହ ଶ୍ରଦ୍ଧାଳୁମାନଙ୍କର ମନୋରଞ୍ଜନ ପାଇଁ ସମ୍ପ୍ରଦା, ଭଜନ, ଲୋକନୃତ୍ୟ ସମେତ ବିଭିନ୍ନ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଏହି ଅବସରରେ ଜଳନ୍ଧର ମହାରାଜଙ୍କ ଦରବାର ଅନୁଷ୍ଠିତ ହୋଇଥିବା ବେଳେ ଉକ୍ତ ମଞ୍ଚରେ ବିଭିନ୍ନ ଲୋକନୃତ୍ୟ ପ୍ରଦର୍ଶିତ ହୋଇଥିଲା। ମଞ୍ଚ କଳାକାର ଝସକେତନ ପଧାନ ଜଳନ୍ଧର ଭୁମିକାରେ ଅଭିନୟ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟକୃଷ୍ଣ ଦଣ୍ଡସନାଙ୍କ ସମେତ ବିଭିନ୍ନ ଅତିଥିବୃନ୍ଦ ଯୋଗଦେଇଥିଲେ। ସମ୍ପାଦକ ଜୟ ପଧାନ, କୋଷାଧ୍ୟକ୍ଷ ତରଣୀ ସାହୁଙ୍କ ସମେତ ପୁଜା କମିଟିର ସଦସ୍ୟବୃନ୍ଦ ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଡାକ୍ତର ବିରେନ୍ଦ୍ର ହୋତାଙ୍କ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା




**ବରଗଡ଼, ୮।୧୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଡୁଙ୍ଗୁରୀ ଏକ ଉପାନ୍ତ ଅଞ୍ଚଳ। ପୂର୍ବ ସରକାରଙ୍କ ସମୟରେ ଗମନାଗମନ ସୁବିଧା ହୋଇଥିଲେ ବି ସ୍ୱାସ୍ଥ୍ୟ ସେବାରେ ଏ ଅଞ୍ଚଳ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏମିତି ଏକ ଉପାନ୍ତ ଅଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ନିଜର ବ୍ରତ ଭାବେ ଗ୍ରହଣ କରିଛନ୍ତି ଡାକ୍ତର ବିରେନ୍ଦ୍ର ହୋତା। ନିରବିଚ୍ଛନ୍ନ ସ୍ୱାସ୍ଥ୍ୟ ସେବା ଆଦାନୀ ଫାଉଣ୍ଡେସନ ଓ ବରଗଡ଼ ସିମେଣ୍ଟ ୱାର୍କର ସହାୟତା ଦ୍ୱାରା ଡ.ବିରେନ୍ଦ୍ର ହୋତାଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ଶିବିର ପ୍ରତ୍ୟେକ ସପ୍ତାହରେ ଡୁଙ୍ଗୁରି ଠାରେ ଅନୁଷ୍ଠିତ କରାଯାଉଛି। ଏଥିରେ ଡୁଙ୍ଗୁରି, ସାଉନ୍ତମଲ୍, ବଡମାଳ ଓ ଆଖ ପାଖ ପଞ୍ଚାୟତର ଶହ ଶହ ରୋଗୀ ଉପକୃତ ହେଉଛନ୍ତି। ଏଠିକାର ବାସିନ୍ଦାଙ୍କ ପାଇଁ ଡ.ହୋତା ଦେବତୁଲ୍ୟ କାର୍ଯ୍ୟ କରୁଛନ୍ତି। ସେବା ଦ୍ୱାରା ବହୁ ଗରିବ ଲୋକ ମାନେ ନିଶୁଳ୍କ ହୋମିଓ ସେବା ଓ ଔଷଧ ମାଗଣା ପାଇ ସୁସ୍ଥ ହେଉଛନ୍ତି। ଏହି ସେବା ବହୁ ବର୍ଷ ଧରି ଆଦାନୀ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ହେଉଛି। ସର୍ବସାଧାରଣରେ ଅଞ୍ଚଳ ପାଇଁ ଏହି ସେବା ସାପ୍ତାହିକ ଜାରି ରଖିବା ପାଇଁ ଦାବି ହେଉଛି ଏବଂ ଆଦାନୀ ଫାଉଣ୍ଡେସନକୁ ଏହି ପ୍ରୟାସ ପାଇଁ ଧନ୍ୟବାଦ୍ ଜଣାଇଛନ୍ତି ଅଞ୍ଚଳବାସୀ।

# ମୁରଲି କ୍ରିଷ୍ଣା ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



**ବରଗଡ଼, ୮।୧୧(ସମିସ):** ମୁରଲିକ୍ରିଷ୍ଣା ଫାଉଣ୍ଡେସନ୍, କ୍ରିଷ୍ଣାବିକାଶ ସୁପର ସ୍ପେସିଆଲିଟି ହସ୍ପିଟାଲ୍ (ଭାଲୁପାଲି, ସମ୍ବଲପୁର) ଏବଂ ସୁନ୍ଦରଗଡ଼ ଜିଲ୍ଲାର ସାମାଜିକ ସଂସ୍ଥା 'ସେବକ'ଙ୍କ ମିଳିତ ଉଦ୍ୟମରେ ସେବକ କେନ୍ଦ୍ର, ରଙ୍ଗିଆମୁଣ୍ଡାରେ ନିଶୁଳ୍କ ଚକ୍ଷୁ, ଦନ୍ତ ଓ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶ୍ରୀ ଭୋଇ ନିଜେ ମଧ୍ୟ ଡାକ୍ତରଙ୍କଠାରୁ ପରାମର୍ଶ ନେଲେ। ଶିବିରରେ ମୋଟ ୫୨୩ ଜଣ ଲୋକ ବିଭିନ୍ନ ରୋଗ ପରୀକ୍ଷଣ ଓ ପରାମର୍ଶରୁ ଲାଭାନ୍ୱିତ ହେଲେ। କ୍ରିଷ୍ଣା ବିକାଶ ହସ୍ପିଟାଲ୍‌ର ଅନେକ ବିଭାଗର ଅନୁଭବୀ ଡାକ୍ତରମାନେ ଶିବିରରେ ସେବା ପ୍ରଦାନ କରିଥିଲେ। ତାଙ୍କ ମଧ୍ୟରେ ଔଷଧ ବିଭାଗର ଡ.ମନୋଜ ଉପାଧ୍ୟାୟ, ଅସ୍ଥିଶଲ୍ୟ ବିଭାଗର ଡ.ନାରାୟଣ ପ୍ରସାଦ ମିଶ୍ର, ଗ୍ୟାଷ୍ଟ୍ରୋଏନଟ୍ରୋଲୋଜି ବିଭାଗର ଡ.ମୁକ୍ତି ପ୍ରକାଶ ମେହେର, ଚର୍ମରୋଗ ବିଭାଗର ଡ.ଦେବାଂଶୀ ସାରାୱଗି, ଛାତି ଓ ଫୁସଫୁସ୍ ବିଭାଗର ଡ.ସନ୍ତୋଷ ପାଣିଗ୍ରାହୀ ଏବଂ ଦନ୍ତ ବିଭାଗର ଡ.ଶ୍ରଦ୍ଧା ସୁମନ ପାଲ ପ୍ରମୁଖ ରହିଥିଲେ।

# ଜନତା ହାଇସ୍କୁଲରେ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା

**ଅମ୍ବାଭୋନା, ୮।୧୧(ସମିସ):** ଶକ୍ତି ବ୍ୟବହାରରେ ସଂଯମତା ରକ୍ଷା କରି ଶକ୍ତି ସଂରକ୍ଷଣ ନିମନ୍ତେ ଶିକ୍ଷାର୍ଥୀ ମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ବିଦ୍ୟାଳୟ ସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା ୨୦୨୫ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବିଦ୍ୟାଳୟର ୪୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ଶକ୍ତି କ୍ଲବ୍‌ର ମାର୍ଗଦର୍ଶକ ଶିକ୍ଷକ ସଞ୍ଜୟ ଖମାରୀ ପରିଚାଳନା କରିଥିଲେ। ଶିକ୍ଷକ ତେଜରାମ ସା, ବୋଧରାମ ବିଶ୍ୱାଳ, ପ୍ରଶାନ୍ତ ମହାପାତ୍ର, ଆଶୁତୋଷ ଭୋଇ, ଶ୍ରୀପତି ସାହୁ, ପ୍ରକାଶ ପଧାନ, ସୁବାସ ଚନ୍ଦ୍ର ଖମାରୀ, ପଦ୍ମଲୋଚନ ବିଶି, ଅନୀଳ ସିଦାରଙ୍କ ସମେତ ବିଦ୍ୟାଳୟର ଶକ୍ତି କ୍ଲବ୍‌ର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତାରେ ଦିପ୍ତିମୟୀ ଗଡ଼ତିଆ, ଲିପସାମୟୀ ସା ଏବଂ ବିଜିତା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର ଏବଂ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲ ମୋହନ ସିଂ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଐତିହାସିକ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ବରପାଲି/ମହଦା, ୮।୧୧(ସମିସ):** ବରପାଲି ବ୍ଲକ ବାଞ୍ଜିପାଲି ଚତୁଃ ଦିବସୀୟ ଐତିହାସିକ ବାଲିଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରତିଦିନ ସଞ୍ଚାର କାର୍ଯ୍ୟକ୍ରମ ହୋଇଥିଲା। ଢଲିଆଖୁଷା ଓ ରୁମକୁଝୁମାନା ସାଂସ୍କୃତିକ ଅନୁଷ୍ଠାନ, ଆଶିଷ ଅର୍କେଷ୍ଟ୍ରା, ମାଁ ଗ୍ରାମଦେବୀ କୃଷ୍ଣଗୁର ଭେଡେନ କୁଶନପୁରୀ ପ୍ରଭୃତି ସଂସ୍ଥାର କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ଶୈଳୀର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା। ନିମନ୍ତ୍ରିତ ଅତିଥି ଭାବେ ଅମୃତଧାରା ନର୍ସିଂହୋମ ଚେୟାରମ୍ୟାନ ଯଶୋବନ୍ତ ମେହେର, ପୂର୍ବତନ ବିଧାୟକ ସାଧୁ ନେପାକ, ଜିଲ୍ଲା ପରିଷଦ ସଦସ୍ୟ ଗୋବିନ୍ଦ ସାହୁ, ମହୁଲପାଲି ସରପଞ୍ଚ ରବୀନ୍ଦ୍ର ଭୋଇ, ବାଞ୍ଜିପାଲି ଯାତ୍ରା କମିଟି ସଭାପତି ଆଶୁତୋଷ ପ୍ରଧାନ, ସମ୍ପାଦକ ଆଲୋକ ଦାସ, କୋଷାଧ୍ୟକ୍ଷ ଯାଦବ ପ୍ରଧାନ, ଗୋଣ୍ଟିଆ ସୁବାସ ବାରିକ, ସରପଞ୍ଚ ଗଙ୍ଗାଧର ଦାସ ପ୍ରମୁଖ ଭିନ୍ନଭିନ୍ନ ଦିବସରେ ଯୋଗ ଦେଇଥିଲେ। ପରିଚାଳନାରେ ଯାତ୍ରା କମିଟି କର୍ମକର୍ତ୍ତା ଓ ସଦସ୍ୟ ଲୋକନାଥ ପ୍ରଧାନ, ସାନନ୍ଦ ବାରିକ, ସମୀର ଦାସ, ସିଦ୍ଧେଶ୍ୱର ପ୍ରାଧନ, ଚୈତନ୍ୟ ଡନସେନା, ବିଶ୍ୱଶେର ପ୍ରଧାନ, ଈଶ୍ୱର ନାୟକ, ଡିଲେଶ୍ୱର ବାରିକ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ।

# ସାଇବର ଅପରାଧ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

**ଦେବଗଡ଼, ୮।୧୧(ସମିସ)**

ଦେବଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ସାଇବର ଅପରାଧ ସମ୍ପର୍କୀତ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେବଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର ମଞ୍ଚାସୀନ ଥିଲେ। ସାଇବର ଅପରାଧ ରୋକିବା ନିମନ୍ତେ ସମାଜରେ ସଚେତନତତା ଓ ଶିକ୍ଷାର ଆବଶ୍ୟକତା ରହିଛି। ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପ୍ରତି ପ୍ରତ୍ୟେକ ନାଗରିକ ସଚେତନ ହେବାସହ ଅନଲାଇନ ତଥ୍ୟ ଗୋପନ ରଖିବା ଜରୁରୀ। ଏପରିକି ବ୍ୟାଙ୍କ ଜମାଖାତା, ଆଧାର ସଂଖ୍ୟା, ଓଟିପି ଓ ପାସୱାର୍ଡ ଆଦି ଗୁପ୍ତ ତଥ୍ୟ କାହାରିକୁ ପ୍ରଦାନ ନ କରିବାକୁ ଉପସ୍ଥିତ ସରକାରୀ ଅଧିକାରୀ, କର୍ମଚାରୀ, ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ କେହି ଯଦି ଏ ପ୍ରକାର ଠକାମୀର ଶିକାର ହୁଅନ୍ତି ତେବେ ଅବିଳମ୍ବେ ୧୯୩୦ ନମ୍ବର ଡାଏଲ କରି ହେଲ୍ପଲାଇନକୁ ସୂଚନା ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଦେବଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଉପସ୍ଥାପିକା ସୁମନ ମହାକୁଲ ଓ ବିଭାଗୀୟ ହାବିଲଦାର ରାମଚନ୍ଦ୍ର ସ୍ୱାଇଁ ସଂଯୋଜନା କରିଥିଲେ। ଶେଷରେ ଡିଏସପି(ଡିଆଇବି) ପବିତ୍ର କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ବିଭାଗ ପକ୍ଷରୁ ସଚେତନତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ଅରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର, ଏସଡିପିଓ ରମେଶ ଚନ୍ଦ୍ର ମାହାନା, ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ, ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତ, କୁଣ୍ଡେଇଗୋଳା ଥାନା ଅଧିକାରୀ ଜୋହନ କୁଜୁର, ବାରକୋଟ ଥାନା ଅଧିକାରୀ ସୁଶାନ୍ତ ବଡ଼ାଇ, ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସୋରେନ, ଲଇମୁରା ଥାବା ଅଧିକାରୀ ପଙ୍କଜ ମାଝୀଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ଉପଜିଲ୍ଲାପାଳ ପରକ୍ଷୀତ ସାହୁ, ଅତିରିକ୍ତ ବନ ସଂରକ୍ଷିକା ସ୍ୱାଧିନତା ସାହାଣୀ, ଦେବଗଡ଼ ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହନ୍ତ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଜିଲ୍ଲା ସଂସ୍କୃତି ଅଧିକାରୀ ଈଶ୍ୱର ଗୁରୁ, ଓଡ଼ିଶା ଜୀବୀକା ମିଶନର ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ଶିଶିର ଷଡଙ୍ଗୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ ବହୁ ବୁଦ୍ଧିଜୀବୀ, ଜନସାଧାରଣ, ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।



## ‘ବନ୍ଦେ ମାତରମ୍’ର ୧୫୦ ବର୍ଷ ପୂର୍ତ୍ତି



**ବୌଦ୍ଧ,୮ ।୧୧(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ’ ଗାନର ୧୫୦ତମ ପୂର୍ତ୍ତି ପାଳନ ଅବସରରେ ଜିଲ୍ଲାସ୍ତରୀୟ ବନ୍ଦେ ମାତରମ ସାମୂହିକ ଗାନ କରାଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି. ଭେଙ୍କଟ ରମଣ ରାଓ, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଯୋଗୀନ୍ଦ୍ରନାଥ ମହାପାତ୍ର, ଜିଲ୍ଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି, ଜିଲ୍ଲା ଜରୁରୀ ଅଧିକାରୀ ସୁଧର୍ମା ମଲ୍ଲିକ, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପ୍ରଭାକର କହଁର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟ ରଞ୍ଜନରାୟ, ମିଶନ ଶକ୍ତି ଡିପିସି ରଶ୍ମିରଂଜନ ସେଠୀ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧରିତ୍ରୀ ପ୍ରଧାନ, ଜ୍ୟୋତିର୍ମୟୀ ନନ୍ଦ, ତପନ ସୁବୁଦ୍ଧିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ସମୀର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସବ୍‌ରେଜିଷ୍ଟର ଅଫିସରେ ‘ବନ୍ଦେ ମାତରମ୍’



**ବୀରମହାରାଜପୁର,୮ ।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସବ୍‌ରେଜିଷ୍ଟର ଅଫିସରେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ସବ୍‌ରେଜିଷ୍ଟର ସୁଚିସ୍ମିତା ପାଣିଗ୍ରାହୀ ବନ୍ଦେ ମାତରମର ଇତିହାସ ଓ ଗୀତର ମହତ୍ୱ ଉପରେ ଆଲୋକପାତ କରିଥିଲେ। କିରାଣି ଚିନ୍ମୟ ପାଢ଼ୀ, ଡାଟା ଅପେରେଟର ବିଶ୍ୱରଞ୍ଜନ ଦାସଙ୍କ ସମେତ ଦଲିଲ୍ ଲେଖକ ଶତ୍ରୁଘ୍ନ ମେହେର, ଭରଦ୍ୱାଜ ଦାସ, ପ୍ରହ୍ଲାଦ ଜଗଦଲା, ସୁରେଶ୍ ହୋତା, ଷ୍ଟାମ୍ପ ଭେଣ୍ଡର ମହେଶ ହୋତା ପ୍ରମୁଖ ସାମିଲ ଥିଲେ।

## ସତ୍ୟବାଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ




**ବୀରମହାରାଜପୁର,୮ ।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ କଲାପଥର ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷା ଡ. ସରସ୍ୱତୀଦାସଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଏଥିରେ ବିଦ୍ୟାଳୟ ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସଭାରେ ଅଧାପିକା ଅବନ୍ତୀ ନାଏକ ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଅଧାପକ ରାମ ପଧାନ ବିଭିନ୍ନତା ମଧ୍ୟରେ ଏକତା ହିଁ ଭାରତ ଆଧାରର ମୂଳମନ୍ତ୍ର ବୋଲି କହିଥିଲେ। ଅଧାପକ ଶଶାଙ୍କଶେଖର ସୁଆର ଦେଶୀୟ ରାଜ୍ୟମାନଙ୍କୁ ଭାରତରେ ମିଶାଇବାର ଆଲୋକପାତ କରିଥିଲେ ଓ ସୁଧାଂଶୁ ଶେଖର ପଧାନ କୁଶାସନ ସବୁବେଳେ ଏକତାକୁ ଭଗ୍ନ କରିବାର ପ୍ରୟାସ କରିଥାଏ ଏବଂ ବିଭାଜନ ଓ ଶାସନ ନୀତିକୁ ଅବଲମ୍ବନ କରେ, ତେଣୁ ସଭିଏ ଏଥିପ୍ରତି ସଜାଗ ରହିବାକୁ ଉପଦେଶ ଦେଇଥିଲେ। ଅଧକ୍ଷା ଡ. ସରସ୍ୱତୀ ଦାସ ତାଙ୍କ ବାକ୍ତବ୍ୟରେ ସର୍ଦ୍ଦାର ପଟେଲଙ୍କ ଜୀବନୀ ଓ ଅଖଣ୍ଡ ଭାରତ ଗଠନରେ ତାଙ୍କ ଭୂମିକା ଉପରେ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ସଭାକୁ ଅଧାପକ କିଶୋର ସାହୁ ପରିଚାଳନା କରିଥିବା ବେଳେ ଅଧାପିକା ପ୍ରତିମା ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ। ଶିବବ୍ରତ କର୍ଣ୍ଣ, ବିଷ୍ଣୁ ପ୍ରସାଦ ବେହେରା ଓ ଧନଞ୍ଜୟ ମହକୁର ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟ, ସମନ୍ୱିତ ଶିଶୁ ବିକାଶ ବିଭାଗର ସମନ୍ୱୟ ନାହିଁ

ତରଭା,୮ ।୧୧(ସମିସ)




- ବୈଠକରେ ସ୍ୱୀକାର କଲେ ଉଭୟ ବିଭାଗର ଅଧିକାରୀ
- ମାତୃ ମୃତ୍ୟୁହାର କମାଇବା ପାଇଁ ଚେଷ୍ଟା କରିବାକୁ ପରାମର୍ଶ
- ଶିଶୁଙ୍କ ନିମୋନିଆ ପ୍ରତି ବିଶେଷ ସଚେତନତା ପାଇଁ ଆହ୍ୱାନ
- ନିରାପଦ ମାତୃତ୍ୱ ଓ ଶିଶୁ ମୃତ୍ୟୁ ହାରରେ ପାର୍ଥକ୍ୟ ଅଭିଯୋଗ
- ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଆଶା ଓ ଅଙ୍ଗନବାଡି କର୍ମୀ ପୁରସ୍କୃତ

ତରଭା ବ୍ଲକ୍ ସଭା ଗୃହରେ ଗ୍ରାମ ସ୍ୱରାଜ ବିକାଶ ସମିତି ପକ୍ଷରୁ ସ୍ୱାସ୍ଥ୍ୟ ଓ ସମନ୍ୱିତ ଶିଶୁ ବିକାଶ ବିଭାଗର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ସ୍ୱାସ୍ଥ୍ୟ ବିଭାଗ ଏବଂ ସମନ୍ୱିତ ଶିଶୁ ବିକାଶ ବିଭାଗ ମଧ୍ୟରେ ସମନ୍ୱୟ ନାହିଁ ବୋଲି ଏହି ବୈଠକରେ ଉଭୟ ବିଭାଗର ଅଧିକାରୀ ସ୍ୱୀକାର କରିଛନ୍ତି।

ଏହି ସମନ୍ୱୟ ବୈଠକରେ ତରଭା ବିଡ଼ିଓ ଗଙ୍ଗାରାମ ବୁଡ଼େକ, ସିଡିପିଓ ଜ୍ଞାନଦା ମହାନନ୍ଦ, ପିଏଚଓ ଅମିତା ଚାନ୍ଦ, ଗ୍ରାମ ସ୍ୱରାଜ ବିକାଶ ସମିତି ଅଧ୍ୟକ୍ଷ ଦିଲ୍ଲୀପ ମହନ୍ତ, ସମ୍ପାଦିକା ପ୍ରଭାତୀ ବାରିକ ଏବଂ ରାଜେନ୍ଦ୍ର ଝାଙ୍କର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ପାଇଁ ଚେଷ୍ଟା କରିବା, ଶିଶୁମାନଙ୍କ ନିମୋନିଆ ରୋଗ ପ୍ରତି ବିଶେଷ ସଚେତନତା ସୃଷ୍ଟି କରିବା ପାଇଁ ଅତିଥିଗଣ ପରାମର୍ଶ ଦେଇଥିଲେ। ମାତୃତ୍ୱ ପଞ୍ଜୀକରଣ ନେଇ ସମନ୍ୱିତ ଶିଶୁ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ଉପଯୁକ୍ତ ସମନ୍ୱୟ ଅଭାବ ଯୋଗୁଁ ନିରାପଦ ମାତୃତ୍ୱ ଓ ଶିଶୁ ମୃତ୍ୟୁ ହାରରେ ପାର୍ଥକ୍ୟ ଦେଖା ଦେଉଛି।

ଏହାର ସମାଧାନ ପାଇଁ ଉଭୟ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ବୈଠକରେ ଉଭୟ ବିଭାଗର ଅଧିକାରୀ ଉଭୟ ବିଭାଗ ମଧ୍ୟରେ ତାଳମେଳ ରହୁ ନ ଥିବା ସ୍ୱୀକାର କରିଥିଲେ। ଏହାର ସମାଧାନ ପାଇଁ ଉଭୟ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଉଚିତ ପଦକ୍ଷେପ ନେବା ପାଇଁ ମତ ରଖିଥିଲେ। ତରଭା ବ୍ଲକ ଓ ଏନଏସିର ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଏଏନଏମ, ଆଇସିଡ଼ିଏସ ପରିଦର୍ଶିକା ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଆରତୀ ଅଧିକାରୀ, ପ୍ରଭାସିନୀ ନାୟକ, ସଂଯୁକ୍ତା ମହାନନ୍ଦ, ସୁବର୍ଣ୍ଣ ପ୍ରଭା ସାହୁ, ଉତ୍ତରା ରଣା, ମମତା ସାହୁ, ସୂର୍ଯ୍ୟକାନ୍ତି କୁମ୍ଭାର, ଶୈଳସୂତା ସୁନା, ଆରତୀ ମେହେର, କଲ୍ୟାଣୀ ବଗର୍ତ୍ତୀ, କଲ୍ୟାଣୀ ପାତ୍ର ପ୍ରମୁଖ ଆଶା ଓ ଅଙ୍ଗନବାଡି କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବାଲ୍ୟବିବାହ ବିରୋଧରେ ସଚେତନତା କାର୍ଯ୍ୟକ୍ରମ




**ମନମୁଣ୍ଡା,୮ ।୧୧(ସମିସ):** ବିବାହଯୋଗ୍ୟ ବୟସ ସୀମା ନ ହେବା ପୂର୍ବରୁ ପୁଅ-ଝିଅଙ୍କ ମଧ୍ୟରେ ବିବାହ କରି ଦିଆଯାଉଛି। ୟୁନିସେଫ୍ ଦ୍ୱାରା ଆଇନଗତ ଭାବେ ପୁଅମାନଙ୍କ ବିବାହ ପାଇଁ ୨୧ ବର୍ଷ ଓ ଝିଅମାନଙ୍କ ପାଇଁ ୧୮ବର୍ଷ ଧାର୍ଯ୍ୟ ହୋଇଛି। ଦାରିଦ୍ର୍ୟ, ରାଜନୈତିକ ଓ ଅର୍ଥନୈତିକ ସ୍ୱଚ୍ଛତାର ଅଭାବ କାରଣରୁ ଅତୀତରେ ବାଲ୍ୟବିବାହ ଦେଖିବାକୁ ମିଳୁଥିଲା। ବର୍ତ୍ତମାନ ମଧ ଦାରିଦ୍ର୍ୟ, ଯୌତୁକ ଦାବି, ସାଂସ୍କୃତିକ ପରମ୍ପରା, ସାମାଜିକ ଓ ଧାର୍ମିକ ଚାପ, ଝିଅ ଅବିବାହିତ ରହିଯିବାର ଭୟ, ନିରକ୍ଷରତା ଓ ଝିଅମାନଙ୍କ କ୍ଷେତ୍ରରେ ରୋଜଗାର କରିବାର ଅକ୍ଷମତା ଅନେକ ସମୟରେ ବାଲ୍ୟବିବାହର କାରଣ ପାଲଟିଛି। ଭାରତରେ ବାଲ୍ୟ ବିବାହ ଭଳି କୁତ୍ସିତ ପ୍ରଥାକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ବାଲ୍ୟବିବାହ ନିଷେଧ ଅଧିନିୟମ- ୨୦୦୬ ଲାଗୁ କରିଛନ୍ତି। ୨୦୦୭ ନଭେମ୍ବରରୁ ଏହା କାର୍ଯ୍ୟକାରୀ କରାଯାଇଛି।

ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ଭାବରେ ରୋକ ଲଗାଇବା ପାଇଁ କଣ୍ଟାମାଳ ବ୍ଲକ୍ ଅଧୀନ କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବନମାଳୀ ମେହେର ଘର ଘର ବୁଲି ଲୋକମାନଙ୍କୁ ସଚେତନ କରୁଛନ୍ତି। ବାଲ୍ୟ ବିବାହ ସମୟରେ ଝିଅମାନେ ନାବାଳକ ଥିବାବେଳେ ପୁଅମାନେ ସାବାଳକ ଥାନ୍ତି। ଝିଅମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ହୋଇ ନ ଥିବା ଯୋଗୁ ସେମାନଙ୍କୁ ବହୁବିଧ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ ବୋଲି ସେ ଲୋକମାନଙ୍କ ପାଖକୁ ଯାଇ ଅବଗତ କରିଛନ୍ତି।

## ଧର୍ମପ୍ରାଣା ମହିଳାଙ୍କ ବିୟୋଗରେ ଶୋକସଭା



**ବୀରମହାରାଜପୁର,୮ ।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ନିକଟସ୍ଥ ଲାତୁରପେଟ ଗ୍ରାମର ଧର୍ମପରାୟଣ ମହିଳା ଗନ୍ଧର୍ବି ଶତପଥୀଙ୍କ ୭୬ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ପରଲୋକ ଘଟିଥିବା ଖବର ପ୍ରସାରିତ ହେଲାପରେ ଅଞ୍ଚଳର ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକରେ ବୀରମହାରାଜପୁର ନିତ୍ୟଯୋଗ କମିଟି ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଶୋକସଭାରେ ଅବସରପ୍ରାପ୍ତ ଶିକ୍ଷକ ସନ୍ୟାସୀ ଶତପଥୀ, ଅଧାପକ ସୂର୍ଯ୍ୟନାରାୟଣ ପଣ୍ଡା, କୃଷ୍ଣଚନ୍ଦ୍ର ପାଢ଼ୀ, ଯୁଗଳକିଶୋର ପଣ୍ଡା, ଗୋପୀନାଥ ଚାନ୍ଦ, ସୁଦାମ ଖଣ୍ଡଗିରି, ହିମାଂଶୁ ସାହୁ, ଶଙ୍କର ମେହେର, ଜଗଦୀଶ ଶର୍ମା, କୃଷ୍ଣଚନ୍ଦ୍ର ମହାକୁଡ଼, ଶମ୍ଭୁ ମେହେର ପ୍ରମୁଖ ସାମିଲ ଥିଲେ। ଜୟକୃଷ୍ଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଲକୁ ୧୦ ହଜାର ଟଙ୍କା ଦାନ ଦେଲେ ଏବିଇଓ



**ମନମୁଣ୍ଡା,୮ ।୧୧(ସମିସ):** ୧୮୮୧ ମସିହାରେ ସ୍ଥାପିତ ମନମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏହି ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ତଥା ବର୍ତ୍ତମାନ ଭଟଲିର ଏବିଇଓ ରୀତାରାଣୀ ତ୍ରିପାଠୀ ୧୦ ହଜାର ଟଙ୍କା ଦାନ କରିଛନ୍ତି। ଶ୍ରୀମତୀ ତ୍ରିପାଠୀ ଶନିବାର ବିଦ୍ୟାଳୟକୁ ପରିଦର୍ଶନରେ ଆସିଥିବାବେଳେ ଏହି ଦାନ କରିଛନ୍ତି। ମୋ ସ୍କୁଲ ଅଭିଯାନ ସଭାପତି ବୈଦ୍ୟନାଥ ହୋତାଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ସେଠୀ, ସହକାରୀ ଶିକ୍ଷୟିତ୍ରୀ ରୀନାରାଣୀ ବସ୍ତିଆ, ସ୍ୱର୍ଣ୍ଣଲତା ପୁରୋହିତ, ସ୍ୱାଗତିକା ମିଶ୍ର, ତପସ୍ୱିନୀ ବାରିକ, ସହକାରୀ ଶିକ୍ଷକ ଭରତ ସେନାପତି, ପ୍ରଶାନ୍ତ ତରିଆ, ସୁମିତ୍ରା ନାଏକ, କର୍ମଚାରୀ ଭାର୍ଗବୀ କର୍ମୀ, ସନ୍ତୋଷିନୀ ବେହେରା ପ୍ରମୁଖ ଶ୍ରୀମତୀ ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ, ଶ୍ରୀମତୀ ତ୍ରିପାଠୀଙ୍କ ବାପା ଘାସିରାମ ତ୍ରିପାଠୀ ମଧ୍ୟ ଏଠାରେ ପ୍ରଧାନ ଶିକ୍ଷକ ଥିଲେ। ସେ ସମୟରେ ରୀତାରାଣୀ ଏଠାରେ ପ୍ରାଥମିକ ଶିକ୍ଷା ଏଠାରେ ଗ୍ରହଣ କରିଥିଲେ। ଶ୍ରୀମତୀ ତ୍ରିପାଠୀ ଏଠାରୁ ଏବିଇଓ ଭାବେ ପଦୋନ୍ନତି ପାଇ ଯିବା ସମୟରେ ମୋ ସ୍କୁଲ ଅଭିଯାନ ପାଣ୍ଠିକୁ ୧୦ ହଜାର ଟଙ୍କା ଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ; ଯାହା ଚେକ୍ ମାଧ୍ୟମରେ ପ୍ରଧାନ ଶିକ୍ଷକ ଶ୍ରୀ ସେଠୀଙ୍କୁ ପ୍ରଦାନ କରିଥିଲେ।

## ମନମୁଣ୍ଡାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



**ଶଗଡ଼ା,୮ ।୧୧(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନାରେ ନୂତନ ଥାନା ଅଧିକାରୀ ଭାବରେ ଇନ୍‌ସପେକ୍ଟର ସସ୍ମିତା ମଗର ଯୋଗ ଦେଇଛନ୍ତି। ମନମୁଣ୍ଡା ଥାନାରେ ଥିବା ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳଙ୍କୁ ଗଞ୍ଜାମ ଜିଲ୍ଲାକୁ ବଦଳି କରାଯାଇଥିବାବେଳେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଥିବା ଇନ୍‌ସପେକ୍ଟର ସସ୍ମିତା ମଗରଙ୍କୁ ମନମୁଣ୍ଡା ଥାନାକୁ ବଦଳି କରାଯାଇଛି। ଶ୍ରୀମତୀ ମଗର କାର୍ଯ୍ୟରେ ଯୋଗ ଦେବା ପରେ ସମସ୍ତ ପୁଲିସ କର୍ମଚାରୀଙ୍କ ସହ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ମନମୁଣ୍ଡାରେ ବ୍ୟାପକ ଗଞ୍ଜେଇ କାରବାର, ଚୋରି, ଡକାୟତି, ରାହାଜାନୀ ଆଦି ଅନେକ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଶ୍ରୀମତି ମଗରଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଥିବା ବେଳେ ଏହାର ନିୟନ୍ତ୍ରଣ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

## ‘ବୈଦିକ ଯୁଗରେ ଶିକ୍ଷା’ ଶୀର୍ଷକ ସେମିନାର




**ହରଭଙ୍ଗା,୮ ।୧୧(ସମିସ):** ହରଭଙ୍ଗା ବ୍ଲକ୍ ପୁରୁଣାକଟକ ଭୈରବୀ ଡିଗ୍ରୀ କଲେଜ ଶିକ୍ଷା ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ଅଧାପିକା ସୁଷମାରାଣୀ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ରମେଶ ଚନ୍ଦ୍ର ତାରେଣିଆ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ସୁମିତା ସାହୁ ଏବଂ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ବୌଦ୍ଧର ମୁଖ୍ୟ ବ୍ରହ୍ମାନନ୍ଦ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଅଧାପକ ଲଳୀତ ମେହେର, ଡ. ପ୍ରମୋଦ କୁମାର ମହାପାତ୍ର, ରଞ୍ଜିତ ସାମଲ, ଅଧାପିକା ଶୁଭ୍ର ମଲ୍ଲିକା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ୨୫ ଜଣ ଛାତ୍ରଛାତ୍ରୀ ଆଲୋଚନାଚକ୍ରର ବିଷୟ ବସ୍ତୁ ଉପସ୍ଥାପନ କରିଥିଲେ। ଶେଷରେ ଅଧାପକ ପୀତବାସ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## କବାଡ଼ି, ଫୁଟବଲ ଖେଳାଳି ଚୟନ ଶିବିର



**ପଲଶାଗୋରା, ୮ ।୧୧(ସମିସ):** ଘଣ୍ଟାପଡା ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ କଣ୍ଟାମାଳ ବ୍ଲକ ବିଦ୍ୟାଳୟସ୍ତରୀୟ କବାଡି, ଫୁଟବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କ୍ରୀଡା ସମ୍ପାଦକ ସୁଦାମ ଚରଣ ମିଶ୍ରଙ୍କ ନେତୃତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୀତବାସ ପଣ୍ଡା, ନୂଆଁପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ଖେତି ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ୧୪ ଓ ୧୭ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ପ୍ରାୟ ୧୫୦ ପ୍ରତିଯୋଗୀ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ପଞ୍ଚାନନ ପ୍ରଧାନ, ଅରୁଣ ଖଟୁଆ, ଶଶୀଭୂଷଣ ପ୍ରଧାନ, ଆଦିନାଥ ଦାସ, ବିଶ୍ୱଜିତ ପ୍ରଧାନ, ମହେନ୍ଦ୍ର ସାହୁ, ପ୍ରଦୀପ ପ୍ରଧାନ, ପ୍ରଦୀପ ରାଉତ, ସନ୍ତୋଷ ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଭାରତୀୟ ହକି ଖେଳର ଶତ ବାର୍ଷିକୀ



**ବୌଦ୍ଧ,୮ ।୧୧(ସମିସ):** ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଭାରତୀୟ ହକି ଖେଳର ଶତ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ ଯୋଗଦେଇଥିଲେ। କୋଚ ସୁମନ ବର୍ଲା, ମନୋଜ ଦଣ୍ଡସେନା, ରଂଜିତ ରାଉତ, ବନ୍ଦିତା ବିଶ୍ୱାଳ, ଦଶରଥ ଭୋଇ, କୃଷ୍ଣଚନ୍ଦ୍ର ସେଠି ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**ବୌଦ୍ଧ,୮ ।୧୧(ସମିସ):** ହରଭଙ୍ଗା ବ୍ଲକ୍ ବଡବନ୍ଧ ଖେଳ ପଡ଼ିଆରେ କ୍ଲଷ୍ଟରସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଲୁନିବାହଲ ସରପଞ୍ଚ ପ୍ରତିନିଧି ସୁବ୍ରତ ପ୍ରଧାନ, ମେରା ଯୁବା ଭାରତର ଉପଦେଷ୍ଟା କମିଟି ମେମ୍ବର ସୁନୀଲ କ୍ଷେତି, ତ୍ରିନାଥ କ୍ଲବ୍‌ର ଉପଦେଷ୍ଟା ମନୋଜ ସାହୁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମେରା ଯୁବା ଭାରତର ସ୍ୱେଚ୍ଛାସେବୀ ମନୋଜ ଭୁକ୍ତା ଅଧ୍ୟକ୍ଷତା କରିଥିଲେ। ସୁଦର୍ଶନ ଭୋକ୍ତା, ବିକାଶ ଦେହୁରୀ, ବିକାଶ ଭୋକ୍ତା ପ୍ରମୁଖ ଖେଳ ପରିଚାଳନା କରିଥିଲେ।




## ବଲାସିଙ୍ଗା ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା

# ୬ଷ୍ଠ ଦିବସରେ ଗିରାସିଙ୍ଗା, ମୁରୁଶୁଣ୍ଡୀ ବିଜୟୀ



**ବୌଦ୍ଧ,୮ ।୧୧(ସମିସ):** ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ବଲାସିଙ୍ଗା ସାଲୁଙ୍କି ଖେଳ ପଡିଆରେ ବାପୁଜୀ ୟୁଥ୍ ଫୁଟବଲ ସଂଘ ଆନୁକୂଲ୍ୟରେ ଚାଲିଥିବା ୩୭ତମ ନକ୍ ଆଉଟ୍ ଫୁଟବଲ କପ ପ୍ରତିଯୋଗିତାର ଆଜି ଷଷ୍ଠ ଦିନ ପ୍ରଥମ ମ୍ୟାଚ ଗିରାସିଙ୍ଗା ଓ ମନୁପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ୍ ଦେଇ ନ ପାରିବାରୁ ଟାଇବ୍ରେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ଗିରାସିଙ୍ଗା ୩-୨ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ କନାପଡା ଓ ମୁରୁଶୁଣ୍ଡୀ ମଧ୍ୟରେ ହୋଇଥିଲା। ଏଥିରେ ମୁରୁଶୁଣ୍ଡୀ ୧-୦ ଗୋଲରେ ବିଜୟୀ ହୋଇଥିଲା। ଅତିଥି ଭାବେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପ ସଭାପତି ଶମ୍ଭୁ ଗିରି, ସମ୍ମାନିତ ଅତିଥି ଭାବେ ନିର୍ବାହୀ ଅଧିକାରୀ ସମୀର ପ୍ରଧାନ, ପୂର୍ବତନ ଫୁଟବଲ ଖେଳାଳି ଆଲୋକ ପ୍ରଧାନ, ପ୍ରଭାତ ଧଳ ଯୋଗ ଦେଇଥିଲେ। ଖେଳକୁ ଅମିତ ନାଏକ, ମାନଭଞ୍ଜନ ମହାରଣା, ଚନ୍ଦନ ମହାରଣା ଓ ବଳରାମ ବେହେରା ପରିଚାଳନା କରିଥିଲେ।

# ଆପଣଙ୍କ ଅଧିକାର ପାଇଁ ମୁଁ ଲଢ଼ିବି, ମୋତେ ଆଶୀର୍ବାଦ ଦିଅନ୍ତୁ: ସ୍ନେହାଙ୍ଗିନୀ









## ବିଜେପି ସରକାରଙ୍କ ପ୍ରତାରଣାର ଉଚିତ ଜବାବ୍ ଦିଅନ୍ତୁ

### ନୂଆପଡ଼ା ଓ କୋମନା ବ୍ଲକ୍‌ରେ ପ୍ରଚାର

ନୂଆପଡ଼ା, ୮ ।୧୧(ସମିସ)

ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନ ପ୍ରଚାର ପରେ ନୂଆପଡ଼ାରେ ବିଜେଡି ପ୍ରତି ସମର୍ଥନର ସୁଅ ଛୁଟିବାରେ ଲାଗିଛି। ସବୁଆଡେ ବିଜେଡି ଓ ସ୍ନେହାଙ୍ଗିନୀ ଛୁରିଆଙ୍କ ପ୍ରତି ଲୋକଙ୍କ ଅନୁରକ୍ତି ବଢ଼ିବାରେ ଲାଗିଛି। ଶନିବାର ନୂଆପଡ଼ା ଓ କୋମନା ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀମତୀ ଛୁରିଆଙ୍କ ନିର୍ବାଚନୀ ପ୍ରଚାର ସଭାରେ ବିଜେଡି ପ୍ରତି ଲୋକଙ୍କ ଭଲପାଇବା ବେଶ୍ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା। ଶ୍ରୀମତୀ ଛୁରିଆ ଶନିବାର ନୂଆପଡ଼ା ନିର୍ବାଚନୀ ଅଞ୍ଚଳରେ କୋମନା, କୋନାବେରା ଏବଂ ପେଣ୍ଡ୍ରାୱାନ ପଞ୍ଚାୟତରେ ନିର୍ବାଚନ ପ୍ରଚାର କରି ବିଜେପି ସରକାରର ପ୍ରତାରଣା ଜବାବ ଦେବା ପାଇଁ ଭୋଟରଙ୍କୁ ଆହ୍ୱାନ ଜଣାଇଛନ୍ତି। ନବୀନ ସରକାରଙ୍କ ଅମଳରେ ଯାହା କାମ ହୋଇଥିଲା ତାକୁ ବିଜେପି ସରକାର ଅଟକାଇ ନୂଆପଡ଼ାର ଘୋର ଅନିଷ୍ଟ କରିଛି ବୋଲି କହିବା ସହିତ ଏହା ବିରୋଧରେ ସଂଗ୍ରାମ ଆରମ୍ଭ କରାଯିବ ବୋଲି ଘୋଷଣା କରିଥିଲେ। ଶ୍ରୀମତୀ ଛୁରିଆ ସ୍ଥାନୀୟବାସିନ୍ଦାଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ସେମାନଙ୍କ ନୂଆପଡ଼ାକୁ ରାଜ୍ୟର ଶ୍ରେଷ୍ଠ ଜିଲ୍ଲା କରିବାରେ ନବୀନ ପଟ୍ଟନାୟକଙ୍କୁ ଆପଣମାନଙ୍କ ସମର୍ଥନ ଏକାନ୍ତ ଆବଶ୍ୟକ ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି। ପ୍ରଚାର ସମୟରେ ଶ୍ରୀମତୀ ଛୁରିଆଙ୍କୁ ସ୍ଥାନୀୟ ଲୋକେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ପାରମ୍ପରିକ ବାଦ୍ୟ ତାଳେ ତାଳେ ପାଛୋଟି ନେଇଥିଲେ। ଭଲ ମନ୍ଦ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା, ଜଳସେଚନ ତଥା ମହିଳା ସଶକ୍ତିକରଣକୁ ସେ ପ୍ରାଧାନ୍ୟ ଦେବେ ବୋଲି ଦୃଢ଼ତାର ସହ କହିଛନ୍ତି। ସେହିପରି ଗାଁରେ ବିକାଶ ପାଇଁ କ'ଣ ସବୁ ଆବଶ୍ୟକ ଲୋକେ ତାଙ୍କୁ କହିବା ସହିତ ବିଜେଡି ପ୍ରତି ଆସ୍ଥା ପ୍ରକଟ କରିଥିଲେ। ପ୍ରଚାର କାର୍ଯ୍ୟକ୍ରମରେ ଅବନୀ ରଞ୍ଜନ ଯୋଶୀ, ମନୋଜ ମିଶ୍ର, ପ୍ରଦୀପ ସାହୁ, ବିଶ୍ୱରଞ୍ଜନ ମଲ୍ଲିକ, ଦୀପିକା ଦୀପ ଏବଂ କାର୍ତ୍ତିକ ଦୀପ ପ୍ରମୁଖ ଉପସ୍ଥିତ ରହି ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରି ବିଜେପିର ବେଇମାନୀ ବିରୋଧରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।









ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାରରେ ମୁଖ୍ୟମନ୍ତ୍ରୀ ଓ ବିଜେପିର ବରିଷ୍ଠ ନେତୃବୃନ୍ଦ

## କଂଗ୍ରେସର ପ୍ରଚାର ଅଭିଯାନ

# ନୂଆପଡ଼ା ଉପନିର୍ବାଚନ ସତ୍ୟ ଏବଂ ଅସତ୍ୟ ମଧ୍ୟରେ ଲଢ଼େଇ

**ନୂଆପଡ଼ା, ୮ ।୧୧(ସମିସ):** କୋମନା ଓ ନୂଆପଡ଼ାରେ ଆୟୋଜିତ ଦୁଇଟି ଜନସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ ସମ୍ବୋଧିତ କରି ଏକ ସାମାଜିକ ନ୍ୟାୟଯୁକ୍ତ, ବିକଶିତ ନୂଆପଡ଼ାର ମୂଳଦୁଆ ପକାଇବା ପାଇଁ ସଭାରେ ଯୋଗ ଦେଇଥିବା ନୂଆପଡ଼ାବାସୀଙ୍କ ସମ୍ମୁଖରେ ପ୍ରତିଜ୍ଞା କରିଥିଲେ। ମୋର ଲକ୍ଷ ନୂଆପଡ଼ାବାସୀଙ୍କୁ ସାମାଜିକ ନ୍ୟାୟ ପ୍ରଦାନ। ଶ୍ରମିକ, କୃଷକ, ନାରୀ, ବେକାରୀ ଏବଂ ପଛୁଆ ବର୍ଗର ଜାତିଙ୍କ ନ୍ୟାୟ ସକାଶେ କଂଗ୍ରେସର ଓ ମୋର ଯୁଦ୍ଧ। ନୂଆପଡ଼ା ଉପନିର୍ବାଚନ ସତ୍ୟ ଏବଂ ଅସତ୍ୟ ମଧ୍ୟରେ ଲଢେଇ। ସାରା ଓଡ଼ିଶାରେ ବିପ୍ଳବ ହେବ, କୃଷକ ଶ୍ରମିକ ଛାତ୍ର ଦଳିତ ଆଦିବାସୀ ସମସ୍ତେ ଏକଜୁଟ ହେବେ। ନୂଆପଡ଼ା ଉପନିର୍ବାଚନ ପାଇଁ ଆମ ପଦଯାତ୍ରା ବନ୍ଦ ଅଛି। ନିର୍ବାଚନ ସରିଲେ ଓଡ଼ିଶାବାସୀଙ୍କୁ ଜାଗ୍ରତ କରି ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ପାଇଁ ମୋ ଦେହରେ ଶକ୍ତି ଥିବା ପର୍ଯ୍ୟନ୍ତ ଲଢେଇ କରିବି। କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ସତ୍ୟ, ବଳିଦାନ ଓ ସଂଗ୍ରାମର ଏକ ଉଦାହରଣ। ଆମ ମୁଖ୍ୟମନ୍ତ୍ରୀ ନିଜେ ଆଦିବାସୀ ହେବା ସତ୍ତ୍ୱେ ମଧ୍ୟ ଆଦିବାସୀଙ୍କ ଜଙ୍ଗଲ ଜମିରେ ଥିବା ୩୪ଟି ଖଣିକୁ ଶିଳ୍ପପତିଙ୍କ ହାତରେ ଟେକି ଦେଇଛନ୍ତି। ଆମ ପ୍ରାର୍ଥୀ ଘାସିରାମ ବିଧାୟକ ହେଲେ ସରକାର ଘୋଷଣା କରିଥିବା ୧୧୦୦କୋଟି ଟଙ୍କାର ପ୍ୟାକେଜ ଛାଡିବ ନାହିଁ, ସରକାରଙ୍କଠାରୁ ଆଦାୟ କରିବ। ତେଣୁ କଂଗ୍ରେସ ପ୍ରାର୍ଥୀ ଶ୍ରୀ ମାଝୀଙ୍କୁ ବିଧାୟକ ଭାବରେ ଚୟନକରି ନୂଆପଡ଼ାରେ ସାମାଜିକ ନ୍ୟାୟର ମୂଳଦୁଆ ପକାନ୍ତୁ ଓ ପଛୁଆ ବର୍ଗର ବିକାଶ କରନ୍ତୁ ବୋଲି ପିସିସି ସଭାପତି ଶ୍ରୀ ଦାସ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ସଭାରେ ଉପସ୍ଥିତ ଥିବା ଅନ୍ୟତମ ବକ୍ତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ଘାସିରାମ ମାଝୀ ବିଜୟଲାଭ କଲେ କଳାହାଣ୍ଡି ଓଡ଼ିଶାର ନେତୃତ୍ୱ ନେବ। ନୂଆପଡ଼ାବାସୀ ଘାସିରାମ ମାଝୀଙ୍କୁ ଭୋଟ ଦେଇ ଓଡ଼ିଶାର ନେତୃତ୍ୱ ନିଅନ୍ତୁ। କାର୍ଯ୍ୟକ୍ରମରେ ନୂଆପଡ଼ା କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ସମେତ ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, ସିଏସ ରାଜନ ଏକ୍କା, ସୁରେଶ କୁମାର ରାଉତରାୟ, ପବିତ୍ର ସାଉଣ୍ଟା, ସତ୍ୟଜିତ ଗମାଙ୍ଗୋ, ଦିଲ୍ଲୀପ ଦୁରିଆ, ସେମ ହେମ୍ବ୍ରମ, ମୂରଲୀ ନାୟକ, ଭାରତ ଭୂଷଣ ବେମାଲ, ରବି ମଙ୍ଗରାଜ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ।




# ବିଜେପିର ନିର୍ବାଚନୀ ସଭା





**ନୂଆପଡ଼ା, ୮ ।୧୧(ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ରାଜନୈତିକ ମାହୋଲ ସରଗରମ ହେବାରେ ଲାଗିଛି। ନୂଆପଡ଼ା ବର୍ତ୍ତମାନ ରାଜ୍ୟ ରାଜନୀତିର ରାଜଧାନୀ ପାଲଟିଛି। ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସୁଅ ଛୁଟୁଛି। ବିଧାନସଭା ନିର୍ବାଚନ ମଣ୍ଡଳୀର କୋଣ ଅନୁକୋଣରେ ନିର୍ବାଚନୀ ପ୍ରଚାର ଦୃଶ୍ୟମାନ ହେଉଛି। ନୂଆପଡ଼ା କଲ୍ୟାଣପୁରରେ ନିର୍ବାଚନ ସଭାରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ଓ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ବିଜେପି ପାର୍ଥି ଜୟ ଢୋଲକିଆଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ସେହିପରି ନୂଆପଡ଼ା ବ୍ଲକ ଅମାନାରା ପଞ୍ଚାୟତରେ ବିଜେପିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଗଣଶିକ୍ଷା, ଆଦିବାସୀ ବ୍ୟାପାର ମନ୍ତ୍ରୀ ନିତ୍ୟାନନ୍ଦ ଡବଲ ଇଞ୍ଜିନ ସରକାରର ଲୋକାଭିମୁଖୀ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଭୋଟରଙ୍କୁ ବୁଝାଇଥିଲେ। ନରେନ୍ଦ୍ର ମୋଦୀ ଓ ମୋହନ ମାଝୀଙ୍କ ହାତମୁଠାକୁ ଆହୁରି ମଜଭୁତ କରି ୨୦୪୭ସୁଦ୍ଧା ବିକଶିତ ଭାରତ ଓ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ବିଜେପି ପ୍ରାର୍ଥୀ ଜୟ ଢ଼ୋଲକିଆଙ୍କୁ ପଦ୍ମ ଚିହ୍ନରେ ବିଜୟୀ କରାଇ ବିଧାନସଭାକୁ ପଠାଇବା ପାଇଁ ଅନୁରୋଧ କରିଥିଲେ। ସଭାରେ ବିଧାୟକ ଅମର ନାୟକଙ୍କ ସମେତ ବିଜେପିର ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।



# ନୂଆପଡ଼ାର ପ୍ରଗତି ଓ ସମୃଦ୍ଧିର ସାରଥୀ ସାଜିଥିଲେ ନବୀନ

ସିନାପାଲି, ୮ ।୧୧(ସମିସ)

ନୂଆପଡ଼ା ଜିଲ୍ଲାର ପ୍ରଗତି ଓ ସମୃଦ୍ଧିର ସାରଥୀ ସାଜି ନୂଆପଡ଼ା ନିର୍ବାଚନମଣ୍ଡଳୀକୁ ଆଗେଇ ନେବାରେ ନବୀନ ସରକାରଙ୍କ ଅତୁଳନୀୟ ଅବଦାନ ରହିଛି। ତାଙ୍କ ଶାସନ ସମୟରେ ନିର୍ବାଚନମଣ୍ଡଳୀର ବୈପ୍ଳବିକ ପରିବର୍ତ୍ତନ ଘଟିଛି। ସାମାଜିକ ଓ ଅର୍ଥନୈତିକ ଉନ୍ନତି ସାଙ୍ଗକୁ ଚାଷ ଓ ଚାଷୀର ଉନ୍ନତି, ପର୍ଯ୍ୟଟନର ବିକାଶ, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ ଆଦି ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇଥିଲା। ଫଳସ୍ୱରୂପ, ଓଡ଼ିଶା ମାନଚିତ୍ରରେ ନୂଆପଡ଼ା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

## ବୈପ୍ଳବିକ ପରିବର୍ତ୍ତନର ଅଧ୍ୟାୟ ଯୋଡ଼ିଥିଲେ






ନବୀନ ସରକାରଙ୍କ ଉଦ୍ୟମକୁ ଆଜି ବି ନୂଆପଡ଼ାବାସୀ ମନେ ପକାଉଛନ୍ତି। ନିର୍ବାଚନୀମଣ୍ଡଳୀର ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଘଟିଥିଲା। ଅନେକ ପର୍ଯ୍ୟଟନସ୍ଥଳୀର ପୁନରୁଦ୍ଧାର ସାଙ୍ଗକୁ ଗାଁ ଗଣ୍ଡାଗୁଡ଼ିକରେ ଥିବା ଦେବାଳୟ ସମେତ ଅନେକ ଧାର୍ମିକ କ୍ଷେତ୍ରକୁ ନୂଆ ରୂପ ଦିଆଯାଇଥିଲା। ଏହା ସାଙ୍ଗକୁ ନୂଆପଡ଼ା ଅଞ୍ଚଳର ଜନସାଧାରଣଙ୍କ ପାଇଁ ବିଜୁ ଏକ୍ସପ୍ରେସ୍ ୱେ ଜୀବନରେଖା ପାଲଟିଛି। ଏହି ରାସ୍ତା ନିର୍ମାଣ ପରେ ଅନେକ ଅଞ୍ଚଳର ଭାଗ୍ୟ ବଦଳି ଯାଇଛି। ଅନେକ ସହର ଜନଗହଳିପୂର୍ଣ୍ଣ ହୋଇପଡ଼ିବା ସହ ବହୁ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷରେ ରୋଜଗାର ପାଇପାରିଛନ୍ତି।

ସେହିପରି, ନିର୍ବାଚନମଣ୍ଡଳୀର ଦୁର୍ଗମ ସୁନାବେଡ଼ା ଅଭୟାରଣ୍ୟ ମଧ୍ୟରେ ରହିଥିବା ଆଦିମ ଜନଜାତିଙ୍କ ଜୀବନରେ ବି ଐତିହାସିକ ପରିବର୍ତ୍ତନ ହୋଇଛି। ଏଠାକାର ବିଚ୍ଛିନ୍ନାଞ୍ଚଳକୁ ସୁଗମ କରିବା ପାଇଁ ରାସ୍ତା ଉନ୍ନତୀକରଣ କରାଯାଇଛି। ସେହିପରି ଧାର୍ମିକ ଭାବଧାରାକୁ ଉଜ୍ଜୀବିତ କରିବା ପାଇଁ ଆରାଧ୍ୟ ସୁନାଦେଇ ପୀଠର ଉନ୍ନତୀକରଣ ଓ ନବୀକରଣ କରାଯାଇଛି। ଅଞ୍ଚଳର ଆଦିମ ଜନଜାତିଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସୁଦୃଢ଼ କରିବାକୁ ଷ୍ଟ୍ରବେରି ଚାଷ ଏକ ବିପ୍ଳବ ଆଣିଥିଲା। ଏବେ ଏହି ଅଞ୍ଚଳରେ ଏହା ସୁନାର ଫସଲ ହୋଇପାରିଛି। ଆର୍ଥିକ, ସାମାଜିକ, ସାଂସ୍କୃତିକ ଧାରାରେ ସାମିଲ ହୋଇ ଏକ ନୂତନ ପରିଚୟ ସୃଷ୍ଟି କରିପାରିଛନ୍ତି ଆଦିମ ଜନଜାତି। ଚାଷ ଓ ଚାଷୀ ର ଉନ୍ନତି ଦିଗରେ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇ ଅଞ୍ଚଳରେ ସବୁଜ କ୍ରାନ୍ତି ର ବାର୍ତ୍ତା ବାହାକ ସାଜିଥିଲେ ନବୀନ। ଅନେକ ମେଗା ଜଳସେଚନ ପ୍ରକଳ୍ପ ଓ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ଅଞ୍ଚଳ ରେ ଜଳସେଚନ କରାଯାଇ ଚାଷୀ ମହଲ ରେ ନୂତନ ଆଶା ସଞ୍ଚାର କରିଥିଲେ।

ସେହିପରି ନୂଆପଡ଼ା ଜିଲ୍ଲାବାସୀ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସେବା ଯୋଗାଇବା ଲକ୍ଷ୍ୟ ନେଇ ଅନେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତ୍ୟାଧୁନିକ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇ ସେବାର ସମର୍ପଣ ଭାବ ଅଜାଡ଼ି ଦେଇଥିଲେ। ନୂଆପଡ଼ା ଜିଲ୍ଲାବାସୀଙ୍କ ସ୍ୱପ୍ନ ସାକାର କରିବା ପାଇଁ ଜିଲ୍ଲା ସଦର ମହକୁମାରେ ସୁଉଚ୍ଚ ଅଟ୍ଟାଳିକାରେ ତିଆରି ହୋଇଥିବା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଆଜି ଅଞ୍ଚଳବାସୀଙ୍କ ପାଇଁ ବରଦାନ ସାଜିଛି। ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ବିଭିନ୍ନ ବିଦ୍ୟାଳୟର ରୂପାନ୍ତରଣ କରାଯାଇପାରିଛି। ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ସାଙ୍ଗକୁ ଗୁଣାତ୍ମକ ଶିକ୍ଷା ପ୍ରତି ଆକୃଷ୍ଟ କରିବା ନିମନ୍ତେ ଅତ୍ୟାଧୁନିକ ପାଠ୍ୟ ପୁସ୍ତକ, ଉପକରଣ, ପୋଷାକ ବେଶଭୂଷାରେ ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟୟନ ଓ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ସାଙ୍ଗକୁ ଆହୁରି ଅନେକ ନବୀନ ସରକାର ନବୀକରଣ କରି ଭେଟି ଦେଇଛନ୍ତି।

## 'ମୋଟର ସାଇକଲ'ର ଫାଷ୍ଟ ଲୁକ୍ ରିଲିଜ୍

ଆଗାମୀ ନୂଆ ଓଡ଼ିଆ ସିନେମା 'ମୋଟର ସାଇକଲ'ର ଫାଷ୍ଟ ଲୁକ୍ ଲଞ୍ଚ୍ ହୋଇଛି । ଏହି ସିନେମା କେବଳ ଏକ ମେଶିନ୍ ଉପରେ ନୁହେଁ, ଏହା ମଧ୍ୟରେ ରହିଛି ଭାବନା, ନିଶା ଓ ମଣିଷ ଏବଂ ବାଇକ୍ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ । ଏହି ଫିଲ୍ମର ନିର୍ଦ୍ଦେଶନାରେ ଅଶ୍ୱିନୀ ତ୍ରିପାଠୀ ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ଝୁନି ଲତା ବିଶ୍ୱାଳ । ସେହିପରି ସିନେମାର ଏକ୍‌ଜିକ୍ୟୁଟିଭ୍ ପ୍ରଡ୍ୟୁସର ଅଛନ୍ତି ପ୍ରେରଣା ପ୍ରତୀକ୍ଷା । କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ଦକ୍ଷ ଯୁଗଳ ଶିବା ଏବଂ ପ୍ରଣବ । ଜ୍ୟୋତି ନାୟକ, ଅଭିଷେକ ପଣ୍ଡା, ପ୍ରୀତି, କୁନା ତ୍ରିପାଠୀ, ପୃଥ୍ୱୀରାଜ, ଆଲିଶା, ସୁଶାନ୍ତ ଦାସ ମହାପାତ୍ର, ଟୁକୁନା ଷ୍ଟାଇଲିଶ୍, ଭକ୍ତି, ଅମର, ରବି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । ସିନେମାର ସଙ୍ଗୀତରେ ଅଛନ୍ତି



ସୋମେଶ ସତପଥୀ । ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି କ୍ରିଷ୍ଣା ବେଉରା, ହ୍ୟୁମାନ ସାଗର, ଅନନ୍ୟା ଶ୍ରୀତମ ନନ୍ଦା ଓ ଗୋବିନ୍ଦ ଚନ୍ଦ୍ର । ତେବେ 'ମୋଟର ସାଇକଲ' କେବଳ ଏକ ସିନେମା ନୁହେଁ, ଏହା ହେଉଛି ଭାବନା, ସଂଘର୍ଷ ଓ ସ୍ୱପ୍ନର ଯାତ୍ରା ବୋଲି ଫିଲ୍ମର ଟିମ୍ କହିଛି । ଅନନ୍ୟ ଥିମ୍ ଓ ଶକ୍ତିଶାଳୀ ଉପସ୍ଥାପନା ସହିତ 'ମୋଟର ସାଇକଲ' ଓଡ଼ିଆ ଦର୍ଶକଙ୍କ ହୃଦୟ ଜିତିବ ବୋଲି ଏହାର ଟିମ୍ ଆଶାବାଦୀ ଅଛି । ■

## ଅଲଗା ହେବେ ନିଲ୍- ଐଶ୍ୱର୍ଯ୍ୟା

ଟେଲିଭିଜନର ଲୋକପ୍ରିୟ ଷ୍ଟାର୍ ଦମ୍ପତି ନିଲ୍ ଭଟ୍ଟ ଏବଂ ଐଶ୍ୱର୍ଯ୍ୟା ଶର୍ମାଙ୍କ ମଧ୍ୟରେ କିଛି ଠିକ୍ ନ ଥିବା କୁହାଯାଉଛି । ଏହାରି ଭିତରେ ଦୁହିଁଙ୍କ ଛାଡ଼ପତ୍ର ଖବର ସାମ୍ନାକୁ ଆସିଛି । ହେଲେ ଏ ସମ୍ପର୍କରେ ନିଲ୍ କିମ୍ବା ଐଶ୍ୱର୍ଯ୍ୟା କିଛି କହି ନାହାନ୍ତି । ତେବେ ଛାଡ଼ପତ୍ର ନିହାତି ହେବା ଚର୍ଚ୍ଚା ଜୋର୍ ଧରିଛି । ଦୀର୍ଘ ଦିନ ହେବ ଦୁହେଁ ଅଲଗା ରହୁଛନ୍ତି । ଏପରିକି ଛାଡ଼ପତ୍ର ପାଇଁ ଆବେଦନ କରିଛନ୍ତି ଏବଂ ଖୁବ୍‌ଶୀଘ୍ର ସେମାନେ ପରସ୍ପରଠାରୁ ଅଲଗା ହୋଇପାରନ୍ତି । ଏ ଦୁହିଁଙ୍କ ମଧ୍ୟରେ କେଉଁ କାରଣ ପାଇଁ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି କିମ୍ବା ମନୋମାଳିନ୍ୟ ଦେଖା ଦେଇଛି, ସେ ସମ୍ପର୍କରେ କିଛି ଜଣାପଡ଼ି ନାହିଁ । ନୀଲ ଏବଂ ଐଶ୍ୱର୍ଯ୍ୟା ପ୍ରଥମଥର ପାଇଁ 'ଗୁମ୍ ହେଁ କିସି କେ ପ୍ୟାର୍ ମେଁ'ରେ ପରସ୍ପରକୁ ଜାଣିଥିଲେ ଏବଂ ପ୍ରେମ ସମ୍ପର୍କରେ ରହିଥିଲେ । ପରବର୍ତ୍ତୀ ସମୟରେ ଦୁହେଁ ୨୦୨୧ ମସିହାରେ ବିବାହ ବନ୍ଧନରେ ଆବଦ୍ଧ ହେଲେ । ଅନ୍ୟପଟେ ଦୁହେଁ 'ସ୍ମାର୍ଟ ଯୋଡ଼ି' ଏବଂ 'ବିଗ୍‌ବସ୍ ୧୭' ରେ ବି ନଜର ଆସିଛନ୍ତି । ■




## ୧୦ ବର୍ଷ ପରେ ଇମରାନଙ୍କ ଲେଉଟାଣି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଇମରାନ ଖାନ୍‌ଙ୍କୁ ୨୦୧୫ ମସିହାରେ 'କଟ୍ଟିବଟ୍ଟି' ସିନେମାରେ ଶେଷଥର ପାଇଁ ଦେଖିବାକୁ ମିଳିଥିଲା । ଏହା ପରେ ସେ ଆଉ କୌଣସି ସିନେମାରେ ନଜର ଆସି ନାହାନ୍ତି । ତେବେ ଏବେ ଦୀର୍ଘ ୧୦ ବର୍ଷ ପରେ ପୁଣି ଏକ ନୂଆ ସିନେମା ମଧ୍ୟରେ ସେ ବଲିଉଡ୍‌କୁ ପ୍ରତ୍ୟାବର୍ତ୍ତନ କରିବେ । ଅବଶ୍ୟ ସିନେମା ଶୀର୍ଷକ ତଥା ରିଲିଜ୍ ତାରିଖ ସମ୍ପର୍କରେ କିଛି ସୂଚନା ପ୍ରଦାନ କରାଯାଇ ନାହିଁ । ହେଲେ ଆଗାମୀ ନୂଆ ସିନେମାରେ ତାଙ୍କ ବିପକ୍ଷରେ ଅଭିନେତ୍ରୀ ଭୂମି ପେଡନେକରଙ୍କୁ ଦେଖିବାକୁ ମିଳିବ । ଫିଲ୍ମର କାହାଣୀ ରୋମାଣ୍ଟିକ-କମେଡି ଉପରେ ଆଧାରିତ । ତେଣୁ ଏହି ସିନେମାରେ ଭୂମି ଓ ଇମରାନଙ୍କ ଅନସ୍କ୍ରିନ୍ ରୋମାନ୍ସ ଦେଖିବାକୁ ମିଳିବ । ସିନେମାର ନିର୍ଦ୍ଦେଶନାରେ ଦାନିଶ ଅସଲମ ଅଛନ୍ତି । ୨୦୨୬ ମସିହା ଆରମ୍ଭରେ ଏହାକୁ ରିଲିଜ୍ କରିବା ଲକ୍ଷ୍ୟ ରଖାଯାଇଛି ।

ପରଦା ପଛର କାହାଣୀ

## ଦର୍ଶକଙ୍କୁ କନ୍ଦାଇ ଥିଲା କ୍ଲାଇମାକ୍ସ ଦୃଶ୍ୟ

ବଲିଉଡ୍‌ରେ ହରର, କମେଡ଼ି ଓ ପାରିବାରିକ କାହାଣୀକୁ ନେଇ ଅନେକ ଫିଲ୍ମ ତିଆରି ହୋଇଛି । ସେଥିମଧ୍ୟରେ କିଛି ଫିଲ୍ମ ଥାଏ, ଯାହା ଦର୍ଶକଙ୍କୁ ଭାବପ୍ରବଣ କରିଦିଏ । ସେମିତି ଏକ ଫିଲ୍ମ ହେଉଛି 'କଲ୍ ହୋ ନା ହୋ' । ଶାହରୁଖ୍ ଖାନ୍ ଓ ପ୍ରୀତି ଜିଣ୍ଟା ଅଭିନୀତ ଏହି ଫିଲ୍ମ ୨୦୦୩ରେ ମୁକ୍ତିଲାଭ କରିଥିଲା । ଫିଲ୍ମର କାହାଣୀ ଦର୍ଶକଙ୍କୁ ଭାବବିହ୍ୱଳ କରିବା ସହ ବକ୍ସ ଅଫିସ୍‌ରେ ଧମାଲ୍ କରିଥିଲା । ଫିଲ୍ମରେ ସୈଫ୍ ଅଲ୍ଲୀ ଖାନ୍ ସହ କଳାକାର ଭାବେ ଅଭିନୟ କରିଥିଲେ । ଏହା ବ୍ୟତୀତ ଜୟା ବଚ୍ଚନ, ସୁଷମା ସେଠ୍, ଡେଲନାଜ୍ ପାଲ୍ ପ୍ରମୁଖ କଳାକାର ଏହି ଫିଲ୍ମରେ ନଜର ଆସିଥିଲେ । ଏହା ଏକ ଇମୋସନାଲ୍ ରୋମାଣ୍ଟିକ୍ ଡ୍ରାମା ଫିଲ୍ମ ଭାବେ ଜଣାଶୁଣା । ଏହାର କାହାଣୀ ନ୍ୟୁୟର୍କର ଝିଅ ନୈନା ଉପରେ ଆଧାରିତ । ନୈନାଙ୍କ ଜୀବନ ନିରସ ଓ ଅବସାଦପୂର୍ଣ୍ଣ ଥିଲା । ପିତାଙ୍କ ମୃତ୍ୟୁପରେ ଘରର ସମସ୍ତ ଦାୟିତ୍ୱ ମାଆ ଜେନିଫର୍ ଓ ନୈନାଙ୍କ ଉପରେ ପଡ଼ିଥିଲା । ତାଙ୍କ ଜେଜେ ମାଆ ଓ ମାଆଙ୍କ ମଧ୍ୟରେ ସର୍ବଦା ଝଗଡ଼ା ଲାଗି ରୁହେ । ସେଥିପାଇଁ ପରିବାରରେ ଖୁସି ଯେମିତି ହଜି ଯାଇଥିଲା । ଏହାରି ମଧ୍ୟରେ ଜଣେ ଖୁସ୍ ମିଜାଜ୍ ପଡ଼ୋଶୀ ଅମନ ମାଥୁର ଆସନ୍ତି । ତାଙ୍କର ହସ ଓ ସକାରାତ୍ମକ କଥାରେ ଧୀରେ ଧୀରେ ସମସ୍ତଙ୍କ ଜୀବନରେ ପରିବର୍ତ୍ତନ ହୋଇଛି । ସେ ସମସ୍ତଙ୍କ ମୁହଁରେ ହସ ଫୁଟାଇବା ଜାଣନ୍ତି । ଅମନଙ୍କ ପାଇଁ ନୈନାଙ୍କ ପରିବାର ପୁଣି ଥରେ ଏକାଠି ହୋଇଯାନ୍ତି । ଏହାରି ଭିତରେ ଧୀରେ ଧୀରେ ଅମନଙ୍କୁ ନୈନା ଭଲ ପାଇ ବସନ୍ତି । ହେଲେ ଅମନ ସମସ୍ତଙ୍କଠାରୁ ଗୋଟିଏ କଥା ଗୋପନ ରଖିଥିଲେ । ସେ ଗମ୍ଭୀର ହୃଦ୍‌ରୋଗରେ ପୀଡ଼ିତ ଥିଲେ । ତେଣୁ ସେ ମାତ୍ର କିଛିଦିନର ଅତିଥି ଥିଲେ । ତେଣୁ ସେ ଚାହୁଁ ନଥିଲେ ନୈନା ତାଙ୍କ ଅନୁପସ୍ଥିତିର ଯନ୍ତ୍ରଣାକୁ ଅନୁଭବ କରନ୍ତୁ ବୋଲି । ଏଥିପାଇଁ ସେ ନୈନାଙ୍କୁ ତାଙ୍କ ସାଙ୍ଗ ରୋହିତଙ୍କ ସହ ଯୋଡ଼ିବାକୁ ଚେଷ୍ଟା କରୁଥିଲେ । ଫିଲ୍ମର କ୍ଲାଇମାକ୍ସ ଦୃଶ୍ୟ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା । ପ୍ରେକ୍ଷାଳୟରେ ଦର୍ଶକଙ୍କ ଆଖି ଲୁହରେ ଭିଜି ଯାଇଥିଲା । ଏହି ଫିଲ୍ମର ଟାଇଟଲ୍ ଗୀତ 'କଲ୍ ହୋ ନା ହୋ...' ଜୀବନର ବାସ୍ତବ ଅର୍ଥକୁ ପ୍ରଦର୍ଶିତ କରାଇଛି । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଛି । ଏହା ଶାହରୁଖ୍ ଖାନ୍‌ଙ୍କ ଜୀବନର ବେଷ୍ଟ ଫିଲ୍ମ ମଧ୍ୟରୁ ଅନ୍ୟତମ । ■



## ୯୦୦ ଅଧ୍ୟାୟରେ 'ତୁ ଖରା ମୁଁ ଛାଇ'

ଜୀ ସାର୍ଥକରେ ସଫଳତାର ସହିତ ଆଗେଇ ଚାଲିଥିବା ଓ ଦର୍ଶକଙ୍କ ଅଜସ୍ର ଭଲ ପାଇବା ସାଉଁଟିଥିବା ଧାରାବାହିକ 'ତୁ ଖରା ମୁଁ ଛାଇ' ୯୦୦ ତମ ଅଧ୍ୟାୟରେ ପହଞ୍ଚିଛି । ଏହି ଧାରାବାହିକର କାହାଣୀ ଅଢ଼େଇ ବର୍ଷ ତଳେ ଦୁଇ ମୁଖ୍ୟ ଚରିତ୍ର ଏଜେ ଓ ମାନିନୀଙ୍କୁ ନେଇ ଆରମ୍ଭ ହୋଇଥିଲା । ୨୦୨୪ ଡିସେମ୍ବରରୁ କାହାଣୀରେ ଆସିଥିଲା ନୂଆ ମୋଡ଼ । ଯେଉଁଥିରେ ଏଜେ ଓ ମାନିନୀ ମୃତ୍ୟୁ ପରେ ଜନ୍ମ ନେଇଛନ୍ତି ଅଭି ଓ ମାନି ରୂପରେ । ଆରମ୍ଭରୁ ଦୁଇ ଜଣ ପୂର୍ବଜନ୍ମର ଜୀବନସାଥୀ ବୋଲି ଜାଣି ପାରୁନଥିଲେ । ହେଲେ ସମୟ କ୍ରମେ ଦୁଇ ଜଣ ପୁଣି ପରସ୍ପରକୁ ଭଲ ପାଇଛନ୍ତି । କାହାଣୀରେ ଖଳନାୟକ ରୂପରେ ଆସିଛି ରାଘବ, ଯିଏ ଅଭିର ବଡ଼ ଭିଣୋଇ । ତା'ର ଲକ୍ଷ୍ୟ ହେଉଛି ନିଜ ଶଳାର ସମସ୍ତ ଧନ ସମ୍ପତ୍ତି ଉପରେ । ସେଥିପାଇଁ ଅଭି ଓ ମାନିର ବାହାଘରରେ କଣ୍ଟା ସାଜିଛି । ସବୁ ଚକ୍ରାନ୍ତକୁ କାଟି ଦୁଇ ଜଣ ସାଜିଛନ୍ତି ଜୀବନସାଥୀ ଓ ଧରାପଡ଼ି ଯାଇଛି ରାଘବ ସମ୍ପତ୍ତି ପାଇଁ ସମସ୍ତ ଖେଳ । ତେବେ ସହଜ ନଥିଲା ଏହି ଯାତ୍ରା ଓ ଆଗକୁ ଆହୁରି କଠିନ ହୋଇଛି ସେମାନଙ୍କ ଜୀବନ ଯାତ୍ରା । କାରଣ ରଞ୍ଜିତ ରୂପରେ ପୁଣି ଫେରିଛି ରାଘବ ଓ ପୁଣି ନିଜ ଚକ୍ରାନ୍ତ ଆରମ୍ଭ କରିଛି । ଏପରିକି ଅଭିର ବନ୍ଧୁ ଦିଶାକୁ ଅଭି ଜୀବନରେ ଆଣିବାକୁ ଚେଷ୍ଟା କରିଛି । ତେବେ କିପରି ଅଭି ଓ ମାନି ପୁଣି ରାଘବକୁ ଦେବେ ଶାସ୍ତି ? କ'ଣ ହେବ ଦିଶାର ? ଅଭିର ଭଉଣୀ କ'ଣ ଜାଣିପାରିବ ରାଘବକୁ ? ଏମିତି ସବୁ ପ୍ରଶ୍ନର ଉତ୍ତର ମିଳିବ 'ତୁ ଖରା ମୁଁ ଛାଇ'ର ଆଗକୁ ଆସୁଥିବା ବିଭିନ୍ନ ଅଧ୍ୟାୟରେ । ଅନ୍ୟପଟେ ଏହି ଧାରାବାହିକ ନୂତନ ପିଢ଼ିର ଜୀବନ ଭିତରେ ଆସୁଥିବା ରାଗରୁଷା, ମାନ ଅଭିମାନ, ଷଡଯନ୍ତ୍ର ଓ ଭଲପାଇବା କାହାଣୀ ଉପରେ ଆଧାରିତ । ■



ଇଣ୍ଡିଆନ୍ ଆଇଡଲ

## ଟପ୍ -୧୬ରେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ

ଅକ୍ଟୋବର ୧୮ ରୁ ଆରମ୍ଭ ହୋଇଛି ସୋନି ଟିଭିର ଲୋକପ୍ରିୟ ସଂଗୀତ ଭିତ୍ତିକ ରିଆଲିଟି ଶୋ' 'ଇଣ୍ଡିଆନ୍ ଆଇଡଲ ସିଜନ -୧୬ । ଏଥର ଏହି ଶୋ'ରେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ ନାୟକଙ୍କ ଦମ୍‌ଦାର ପ୍ରଦର୍ଶନ ଦେଖିବାକୁ ମିଳିଛି । ଏପରିକି ଟପ୍-୧୬ ପ୍ରତିଯୋଗୀଙ୍କ ମଧ୍ୟରେ ଭୁବନେଶ୍ୱରର ଜ୍ୟୋତିର୍ମୟୀ ସାମିଲ ଅଛନ୍ତି । ଏନେଇ ସେ ଖୁବ୍ ଉତ୍ସାହିତ ଅଛନ୍ତି । ସାମାଜିକ ଗଣମାଧ୍ୟମରେ ସେ ନିଜର ଫଟୋ ସେୟାର୍ କରି ଏ ସମ୍ପର୍କରେ ଜଣାଇଛନ୍ତି । ତା'ସହ ମହାପ୍ରଭୁ ଜଗନ୍ନାଥ, ପରିବାର ଓ ଗୁରୁଙ୍କ ଆଶୀର୍ବାଦ ଯୋଗୁଁ ଏହା ସମ୍ଭବ ହୋଇଥିବା ସେ ଉଲ୍ଲେଖ କରିଛନ୍ତି । ଦର୍ଶକଙ୍କର ଏମିତି ଭଲପାଇବା ଓ ଆଶୀର୍ବାଦ ଆଗକୁ ତାଙ୍କୁ ମିଳିବ ବୋଲି ସେ କାମନା କରିଛନ୍ତି । ଅଡିସନ୍‌ରୁ ଆରମ୍ଭ କରି ଥିଏଟର ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ତାଙ୍କ ଗୀତ ମାଧ୍ୟମରେ ଶୋ'ର ବିଚାରକ ଶ୍ରେୟା ଘୋଷାଲ, ବିଶାଲ ଦଦଲାନୀ ଏବଂ ବାଦଶାହ ବଡୌରଙ୍କ ମନ ଜିଣିପାରିଛନ୍ତି । ଆଗକୁ ମଧ୍ୟ ସେ ନିଜ ଗୀତ ମାଧ୍ୟମରେ ସମସ୍ତଙ୍କ ହୃଦୟ ଜିଣିବା ଆଶା ରଖିଛନ୍ତି । ଅନ୍ୟପଟେ ଏହି ନୂଆ ସିଜନ୍‌ର ଥିମ୍ ରଖାଯାଇଛି 'ୟାଦୋଁ କି ପ୍ଲେଲିଷ୍ଟ' । ■





ସାକ୍ଷାତକାର

## 'ଜଣେ କଳାକାର ପାଇଁ ପ୍ରତ୍ୟେକଟି ଦୃଶ୍ୟ ଗୁରୁତ୍ୱପୂର୍ଣ୍ଣ'

**ପ୍ରୀତି ବିଶ୍ୱାଳ, ଅଭିନେତ୍ରୀ**



ସେ ଜଣେ ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ । ପିଲାଟି ଦିନରୁ ଦେଶ ବିଦେଶରେ ନୃତ୍ୟ ପରିବେଷଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଉଚ୍ଚକୋଟୀର ନୃତ୍ୟ ପ୍ରଦର୍ଶନ ପାଇଁ ସେ ଅନେକ ସ୍ଥାନରୁ ସମ୍ମାନିତ ମଧ୍ୟ ହୋଇଛନ୍ତି । ତାଙ୍କ ମା' ଜଣେ ମଞ୍ଚ ଅଭିନେତ୍ରୀ ଥିଲେ । ମା'ଙ୍କ ପରି ଅଭିନେତ୍ରୀ ହେବାକୁ ଆଗ୍ରହ କରି ଅଡିସନ୍ ଦେଇଥିଲେ କଟକ ପ୍ରତାପନଗରୀର ପ୍ରୀତି ବିଶ୍ୱାଳ । ଫିଲ୍ମ 'ଡଟ୍‌ପେନ୍' ହେଉଛି ତାଙ୍କର ଡେବ୍ୟୁ ସିନେମା । ଏବେ ସେ 'ମୋଟର ସାଇକଲ' ଫିଲ୍ମ ସୁଟିଂରେ ବ୍ୟସ୍ତ ଅଛନ୍ତି । ଚମତ୍କାର ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟକୁ ଜିଣୁଛନ୍ତି । ଭବିଷ୍ୟତରେ ନୃତ୍ୟକଳା କ୍ଷେତ୍ରରେ ସେ ପାରଦର୍ଶିତା ଦେଖାଇବେ ନା ଜଣେ ଅଭିନେତ୍ରୀ ଭାବେ ଦର୍ଶକଙ୍କ ମନୋରଞ୍ଜନ କରିବେ ଜାଣିବା ତାଙ୍କ ମୁହଁରୁ ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ମନ ବଳାଇଲେ ?**

● ପିଲାବେଳେ ଓଡ଼ିଶୀ ନୃତ୍ୟ କରୁଥିଲି । ଧୀରେ ଧୀରେ ଏହି ନୃତ୍ୟରେ ଆଗକୁ ବଢ଼ିଲି । ଦେଶ ବିଦେଶରେ ଅନେକ ଷ୍ଟେଜ୍ ପ୍ରୋଗ୍ରାମରେ ଭାଗ ନେଇଛି । ପ୍ରଶଂସିତ ହୋଇଛି ମଧ୍ୟ । ସମୟକ୍ରମେ ଓଡ଼ିଶୀ ନୃତ୍ୟ ସହିତ ଜଣେ ଅଭିନେତ୍ରୀ ହେବାକୁ ମନ ବଳାଇଲି । ଏଥିପାଇଁ ଏକାଧିକ ଥର ଅଡିସନ୍ ଦେଇଥିଲି । ହେଲେ ଅଶ୍ୱିନୀ ସାର୍‌ଙ୍କ 'ଡଟପେନ୍' ସିନେମା ପାଇଁ ମୁଁ ମନୋନୀତ ହେଲି । ସିନେମାରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିଲି । ମୋ ବିପକ୍ଷରେ ଥିଲେ ନାୟକ ଜ୍ୟୋତି । ଏହାରି ଭିତରେ ରମେଶ ରାଉତ ସାର୍‌ଙ୍କ 'କାନ୍ ତରାଟି'ରେ ଅଭିନୟ କରିଛି । ଏହି ସିନେମାଟି ଏବେ ସୁଦ୍ଧା ରିଲିଜ୍ ହୋଇନି । ତେବେ ସୌଭାଗ୍ୟବଶତଃ ଅଶ୍ୱିନୀ ସାର୍ ତାଙ୍କର ଅପକମିଂ ସିନେମା 'ମୋଟର ସାଇକଲ'ରେ ମୁଖ୍ୟ ନାୟିକା ଭାବେ କାମ କରିବାକୁ ମୋତେ ସୁଯୋଗ ଦେଇଛନ୍ତି । ଏଥିରେ ମୋ ସହିତ ଅଛନ୍ତି ଜ୍ୟୋତି ଏବଂ ଅଭିଷେକ । ତେଣୁ ଫିଲ୍ମର ପୂରା ଟିମ୍‌କୁ ହୃଦୟରୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

**'ମୋଟର ସାଇକଲ' ସିନେମା ବିଷୟରେ କିଛି କୁହନ୍ତୁ?**

● ଯୌତୁକ ନେବା ବା ଦେବା ଆଇନଗତ ଅପରାଧ । ତଥାପି ଆମ ସମାଜରେ ଲୋକେ ଯୌତୁକ ନେବାଦେବା ଜାରି ରଖିଛନ୍ତି । ଏହା ଫଳରେ ଅନେକ କନ୍ୟାପିତା ଅକଥନୀୟ ଅତ୍ୟାଚାରର ଶିକାର ହେଉଛନ୍ତି । ତେଣୁ ମୋଟର ସାଇକଲ ଜରିଆରେ ଗୋଟେ ଝିଅ କିପରି ତା' ପିତାଙ୍କୁ ସମର୍ଥନ କରୁଛି ତାହା ଦେଖିବାକୁ ମିଳିବ । ଏଥିରେ ମୋ ନାଁ ହୋଇଛି କାବେରୀ । ବହୁତ ସରଳ, ସାଧାସିଧା ଝିଅଟେ । ତେବେ ସିନେମା ରିଲିଜ୍ ପରେ ଦର୍ଶକ ଅନେକ ଟ୍ୱିଷ୍ଟ ଦେଖିବାକୁ ପାଇବେ ।

**ପ୍ରୀତିଙ୍କର ଡ୍ରିମ୍ ରୋଲ?**

● ସିନେମାରେ କାମ କରିବା ପୂର୍ବରୁ ଯେମିତି ଚରିତ୍ର ଚାହୁଁଥିଲି ତାହା ମୋତେ 'ଡଟପେନ୍'ରେ ମିଳିଥିଲା । ଏଥିରେ ବି ଜଣେ ସାଧାସିଧା ଝିଅର ଭୂମିକାରେ ଅଭିନୟ କରିଛି । ତେବେ ଜଣେ କଳାକାର ପାଇଁ ପ୍ରତ୍ୟେକଟି ଦୃଶ୍ୟ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏ ଲାଇନ୍‌ରେ ଥିବା ଯାଏଁ ଭଲ ଭଲ ଚରିତ୍ରରେ ମୁଁ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିବାକୁ ଚେଷ୍ଟା କରିବି ।

**ଅଭିନୟକୁ ମାର୍ଜିତ କରିବାକୁ କେମିତି ନିଜକୁ ପ୍ରସ୍ତୁତ କରନ୍ତି?**

● ବର୍ତ୍ତମାନ ମୁଁ ସ୍ନାତକରେ ପଢୁଛି । ପଢ଼ା ସହିତ ନୃତ୍ୟ ଆଉ ଅଭିନୟକୁ ଗୁରୁତ୍ୱ ଦିଏ । ଏବେ ଯେହେତୁ ସିନେମାରେ କାମ କରୁଛି । ତେଣୁ ଅଭିନୟକୁ ମାର୍ଜିତ କରିବାକୁ ଘରେ ଦର୍ପଣ ଆଗେ ଅଭ୍ୟାସ କରେ । ନିଜେ ନିଜେ ସ୍କ୍ରିପ୍ଟ ଲେଖି ଅଭ୍ୟାସ କରେ । ଖବରକାଗଜ ପଢ଼ା ଅଭ୍ୟାସ କରେ । ସିନେମାର ସମସ୍ତ ଚରିତ୍ରକୁ ଅନୁଶୀଳନ କରେ । ଗୋଟିଏ ସିନେମାରେ କାମ କରିବା ପୂର୍ବରୁ ମୋତେ ଯେଉଁ ଚରିତ୍ର ମିଳିଛି ତାହାକୁ ମୁଁ କେମିତି ଠିକ୍ ଫୁଟାଇ ପାରିବି ତା' ଉପରେ ଗୁରୁତ୍ୱ ଦିଏ । ପଢ଼ାରେ କେବେ ହେଳା କରେନି ।

**ଭବିଷ୍ୟତରେ ଅଭିନୟ ନା ଓଡ଼ିଶୀ ନୃତ୍ୟକୁ ନେଇ ଆଗକୁ ବଢ଼ିବେ ?**

● ନୃତ୍ୟ ଆଉ ଅଭିନୟ ଦୁଇଟା ମୋ' ଜୀବନ । କାହାକୁ ଛାଡ଼ି ପାରିବିନି । ତେଣୁ ଅଭିନୟ ଜାରି ରହିବ । ଦର୍ଶକଙ୍କ ମନରେ ମୋ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାକୁ କଠିନ ପରିଶ୍ରମ କରିବି । ସେମିତି ନୃତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବାକୁ ପ୍ରୟାସ ଜାରି ରହିବ ।

**ଅଭିନୟ ଜଗତକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ନିଜ କାମକୁ ଭଲ ପାଆନ୍ତୁ । ନିଜକୁ ଗ୍ରୁମ୍ କରନ୍ତୁ । ଅଡିସନ୍ ଦେବାକୁ ଯାଉଥିଲେ ନିଜକୁ ଭଲ ଭାବେ ପ୍ରସ୍ତୁତ କରନ୍ତୁ । ଯାହାବି ଚରିତ୍ର ମିଳୁଛି ତାହାକୁ ଶତ ପ୍ରତିଶତ ଭଲ କରିବାକୁ ଚେଷ୍ଟା କରନ୍ତୁ । ■

## ଅଷ୍ଟ୍ରେଲିଆ ବିପକ୍ଷ ପଞ୍ଚମ ଟି-୨୦ ବାତିଲ

# ୨-୧ରେ ସିରିଜ ହାତେଇଲା ଭାରତ



ଅଭିଷେକ ସିରିଜ୍‌ର ଶ୍ରେଷ୍ଠ ଖେଳାଳି

**ବ୍ରିସ୍‌ବେନ୍,୮।୧୧ (ଏଜେନ୍ସି):** ଅଷ୍ଟ୍ରେଲିଆ ମାଟିରେ ଆଜି ଶେଷ ହୋଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ବିଜୟୀ ହୋଇଛି। ଏହା ଫଳରେ ୨୦୦୮ ପରଠାରୁ ଭାରତ ଘରୋଇ ଅଷ୍ଟ୍ରେଲିଆ ମାଟିରେ ଦ୍ୱିପାକ୍ଷିକ ଟି-୨୦ ସିରିଜ୍‌ରେ ପରାଜିତ ହୋଇନାହିଁ। ଅନ୍ୟ ପକ୍ଷରେ ୨୦୨୨ ପରଠାରୁ ଅଷ୍ଟ୍ରେଲିଆ ଖେଳିଥିବା ୪ଟି ସିରିଜ୍ ମଧ୍ୟରୁ ୩ଟିରେ ପରାଜିତ ହୋଇଛି। ଆଜି ଏଠାରେ ୫ମ ତଥା ଶେଷ ମ୍ୟାଚ୍ ଖେଳାଯିବାର ଥିଲା। ଏହି ମ୍ୟାଚ୍‌ଟି ୪.୫ ଓଭର ଖେଳ ହେବାପରେ ଘଡଘଡ଼ି ଓ ବର୍ଷା ଯୋଗୁଁ ଆଉ ସମ୍ଭବ ହୋଇ ନ ହେବାରୁ ବାତିଲ କରାଯାଇଥିଲା। ଏହା ଫଳରେ ଏହି ସିରିଜ୍‌ରେ ୨ଟି ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। କାନବେରାରେ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିଥିଲା। ଖେଳ ହୋଇଥିବା ୩ଟି ମ୍ୟାଚ୍ ମଧ୍ୟରୁ ଭାରତ ୨ଟିରେ ଓ ଅଷ୍ଟ୍ରେଲିଆ ଗୋଟିଏ ମ୍ୟାଚ୍ ଜିତିଥିଲା। ଭାରତ ଏହି ସିରିଜ୍‌କୁ ୨-୧ରେ ଜିତିନେଇଥିଲା। ଏହି ସିରିଜ୍‌ରେ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିବା ଭାରତର ବାମହାତୀ ଯୁବ ଓପନର ଅଭିଷେକ ଶର୍ମାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍‌ରେ ସେ ଗୋଟିଏ ଅର୍ଦ୍ଧଶତକ ସହ ୧୬୩ ରନ୍ କରିଥିଲେ। ଏହା ପରେ ଭାରତ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ପରବର୍ତ୍ତୀ ଟି-୨୦ ସିରିଜ୍ ଖେଳିବ। ଡିସେମ୍ବର ୯ରେ କଟକର ବାରବାଟୀ ଷ୍ଟାଡିୟମରୁ ଏହି ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବ।

### ବାଧା ପାଇଲା ଦ୍ୱିତୀୟ ମ୍ୟାଚ୍

ବ୍ରିସ୍‌ବେନ୍‌ର ଗାବ୍ବା ଷ୍ଟାଡିୟମ୍‌ରେ ଆଜି ଖେଳାଯିବାକୁ ୫ମ ତଥା ଶେଷ ଟି-୨୦ରେ ଅଷ୍ଟ୍ରେଲୀୟ ଅଧିନାୟକ ମିଚେଲ ମାର୍ଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଲାଗି ଭାରତକୁ ଆମନ୍ତ୍ରଣ କରିଥିଲେ। ଏହି ପିଚ୍ ଗ୍ରୀନ୍ ଥିଲା ଓ ବୋଲିଂ ଲାଗି ଅନୁକୂଳ ହେବ ବୋଲି ଆଶା କରିଥିଲେ ମାର୍ଶ। କିନ୍ତୁ ଭାରତ ଦୁଇ ଓପନର ଅଭିଷେକ ଶର୍ମା ଓ ଶୁବମନ ଗିଲ୍ ୪.୫ ଓଭରରେ ୫୨ ରନ୍ କରିବା ଫଳରେ ଏଠାରେ ବ୍ୟାଟିଂ କରିବା କଷ୍ଟକର ହେବ ନାହିଁ ବୋଲି ଦର୍ଶାଇଥିଲେ। ମାତ୍ର ୨୧ ମିନିଟ୍‌ର ଖେଳ ପରେ ଜୋରରେ ଘଡ଼ଘଡ଼ି ହୋଇଥିଲା। ଫଳରେ ପଡ଼ିଆ ବାହାରକୁ ଖେଳାଳି ଓ ଅମ୍ପାୟାର ଓ କର୍ମକର୍ତ୍ତାମାନେ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ପ୍ରବଳ ବର୍ଷା ହୋଇଥିଲା। ଏଠାରେ ଡ୍ରେନେଜ ସିଷ୍ଟମ ବିଶ୍ୱରେ ସବୁଠାରୁ ଭଲ ଥିଲେ ମଧ୍ୟ ଏତେ ପରିମାଣରେ ବର୍ଷା ହେବାରୁ ପଡ଼ିଆ ଖରାପ ହୋଇଯାଇଥିଲା ଓ ଖେଳକୁ ବାତିଲ କରିବାକୁ ପଡ଼ିଥିଲା। ଏହି ସମୟ ବେଳକୁ ଶୁବମନ ଗିଲ୍ ୧୬ ବଲ୍‌ରେ ୬ଟି ଆକର୍ଷଣୀୟ ଚୌକା ସହ ୨୯ ରନ୍ କରିଥିଲେ। କିନ୍ତୁ ଅଭିଷେକ ଶର୍ମାଙ୍କର ଦୁଇଟି କ୍ୟାଚ୍ ଡ୍ରପ୍ ହୋଇଥିଲା। ପ୍ରଥମ ଓଭରରେ ଗ୍ଲେନ୍ ମ୍ୟାକ୍ସୱେଲ ଓ ଦ୍ୱିତୀୟ ମ୍ୟାଚ୍ ଜାଭିୟର ବାର୍ଟଲେଟ ଛାଡିଦେଇଥିଲେ। ଏଥିରୁ ଫାଇଦା ଉଠାଇ ଅଭିଷେକ ଗୋଟିଏ ଚୌକା ଓ ଗୋଟିଏ ଛକା ସହ ୧୩ ବଲ୍‌ରୁ ୨୩ ରନ୍ କରିଥିଲେ। ଏହା ପୂର୍ବରୁ କାନବେରାରେ ଖେଳାଯାଇଥିବା ମ୍ୟାଚ୍ ୯.୪ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ମଧ୍ୟ ଭାରତ ପ୍ରଥମେ ବ୍ୟାଟିଂ କରି ୯.୪ ଓଭରରେ ୨ ୱିକେଟ ହରାଇ ୯୭ ରନ୍ କରିଥିଲାବେଳେ ଖେଳ ଆଉ ସମ୍ଭବ ହୋଇ ନ ଥିଲା। ଏହା ପରେ ମେଲବୋର୍ଣ୍ଣରେ ଖେଳାଯାଇଥିବା ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଜିତିନେଇଥିଲା। ହୋବାର୍ଟ ଓ ଗୋଲ୍ଡକୋଷ୍ଟର କାରାରା ଓଭାଲରେ ଭାରତ ବିଜୟୀ ହୋଇ ୨-୧ରେ ଅଗ୍ରଣୀ ରହିଥିଲା। ୫ମ ମ୍ୟାଚ୍ ବାତିଲ ହେବା ପରେ ସମାନ ବ୍ୟବଧାନରେ ଭାରତ ବିଜୟୀ ହୋଇଥିଲା।

### ଦକ୍ଷିଣ ଆଫ୍ରିକା ସହ ପରବର୍ତ୍ତୀ ମୁକାବିଲା

ଆସନ୍ତାବର୍ଷ ଫେବୃଆରୀ-ମାର୍ଚ୍ଚରେ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ପରି ଶକ୍ତିଶାଳୀ ଦଳ ବିପକ୍ଷରେ ଆଉ ଦୁଇଟି ସିରିଜ୍ ଖେଳିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଘରୋଇ ମାଟିରେ ଡିସେମ୍ବର ୯ରୁ ଆରମ୍ଭ ହେବ। କଟକର ବାରବାଟୀରେ ଏହି ମୁକାବିଲା ଖେଳାଯିବ। ଏହା ପରେ ଡିସେମ୍ବର ୧୧ରେ ପଞ୍ଜାବର ମୁଲାନପୁରରେ ଦ୍ୱିତୀୟ, ୧୪ରେ ତୃତୀୟ ମ୍ୟାଚ ହିମାଚଳ ପ୍ରଦେଶର ଧର୍ମଶାଳା, ୧୭ରେ ଚତୁର୍ଥ ମ୍ୟାଚ୍ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଓ ୧୯ରେ ପଞ୍ଚମ ତଥା ଶେଷ ମ୍ୟାଚ୍ ଗୁଜରାଟର ଅହମ୍ମଦାବାଦ୍‌ରେ ଖେଳାଯିବ। ଏହା ପରେ ୨୦୨୬ ଜାନୁଆରୀ ୨୧, ୨୩, ୨୫, ୨୮ ଓ ୩୧ରେ ନ୍ୟୁଜିଲାଣ୍ଡ ସହ ଘରୋଇ ମାଟିରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ। ବର୍ଷା ଯୋଗୁଁ ଅଷ୍ଟ୍ରେଲିଆରେ ଦୁଇଟି ମ୍ୟାଚ୍ ବାଧାପ୍ରାପ୍ତ ହେବା ଫଳରେ ଉଭୟ ଦଳର ବିଶ୍ୱକପ୍ ପ୍ରସ୍ତୁତିରେ ବାଧାପ୍ରାପ୍ତ ହୋଇଛି।

## ବିଶ୍ୱକପ୍ ବିଜୟିନୀଙ୍କୁ ସମ୍ମାନ

# ରିଚାଙ୍କୁ 'ବଙ୍ଗ ଭୂଷଣ' ଉପାଧି, ଡିଏସ୍‌ପି ଚାକିରି



**କୋଲକାତା, ୮।୧୧ (ଏଜେନ୍ସି):** ମହିଳା ଦିନିକିଆ ବିଶ୍ୱକପ୍ ବିଜୟିନୀ ଭାରତୀୟ ଦଳର ପ୍ରମୁଖ ସଦସ୍ୟ ରିଚା ଘୋଷଙ୍କୁ 'ବଙ୍ଗ ଭୂଷଣ' ଉପାଧି ସହ ପଶ୍ଚିମବଙ୍ଗ ପୁଲିସରେ ଡିଏସ୍‌ପି ଚାକିରି ପ୍ରଦାନ କରାଯାଇଛି। ଶନିବାର ଐତିହାସିକ ଇଡେନ ଗାର୍ଡେନ୍ସରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରିଚାଙ୍କୁ ଡିଏସ୍‌ପି ଚାକିରି ନିଯୁକ୍ତି ପତ୍ର, 'ବଙ୍ଗ ଭୂଷଣ' ମେଡାଲ ଓ ଏକ ସୁନା ଚେନ ପ୍ରଦାନ କରି ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲ ମ୍ୟାଚରେ ରିଚା ୩୪ ରନର ପାଳି ଖେଳିଥିଲେ। ଏହି ପାଳିର ପ୍ରତି ରନ ପିଛା ତାଙ୍କୁ ମୋଟ୍ ୩୪ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ମଧ୍ୟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରିକେଟ୍ ଆସୋସିଏସନ ଅଫ୍ ବେଙ୍ଗଲର ସଭାପତି ସୌରଭ ଗାଙ୍ଗୁଲି, ପୂର୍ବତନ ମହିଳା କ୍ରିକେଟର୍ ଝୁଲଣ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସିଏବି ପକ୍ଷରୁ ଏକ ସ୍ୱର୍ଣ୍ଣିମ ବ୍ୟାଟ୍ ଓ ବଲ୍ ମଧ୍ୟ ରିଚାଙ୍କୁ ଉପହାର ଆକାରରେ ଦିଆଯାଇଥିଲା। ପଶ୍ଚିମବଙ୍ଗର ପ୍ରଥମ କ୍ରିକେଟର୍ ଭାବେ ରିଚା ବିଶ୍ୱକପ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଭାରତୀୟ ପୁରୁଷ ଦଳର ଅନ୍ୟତମ ସଫଳ ଅଧିନାୟକ ସୌରଭ ଗାଙ୍ଗୁଲି ମଧ୍ୟ ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ବିଶ୍ୱକପ୍ ଜିତିପାରି ନ ଥିଲେ।

## ରାଜ୍ୟ ବରିଷ୍ଠ ହ୍ୟାଣ୍ଡବଲ୍ ୧୪ରୁ

**ଭୁବନେଶ୍ୱର, ୮।୧୧ (ସମିସ):** ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ଆନୁକୂଲ୍ୟରେ ଚଳିତ ମାସ ୧୪ ତାରିଖରୁ ରାଜ୍ୟ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍‌ର ୩୮ତମ ସଂସ୍କରଣ ପୁରୀରେ ଆୟୋଜିତ ହେବ। ପୁରୀର ଜିଲ୍ଲା ଇଣ୍ଡୋର ଷ୍ଟାଡିୟମରେ ୩ ଦିନ ଧରି ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗରେ ୨୨ ଜିଲ୍ଲା ଓ ମହିଳାରେ ୧୪ ଜିଲ୍ଲାର ମୋଟ୍ ୭୨୦ ଖେଳାଳି ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ନଭେମ୍ବର ୧୩ ତାରିଖ ସୁଦ୍ଧା ସମସ୍ତ ଦଳ ପୁରୀ ଝାଡ଼େଶ୍ୱରୀ କ୍ଲବରେ ସମସ୍ତ ଦଳ ରାଜ୍ୟ ସଂଘର କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସଙ୍କ ନିକଟରେ ରିପୋର୍ଟିଂ କରିବାକୁ କୁହାଯାଇଛି। ଡିସେମ୍ବର ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଆଗାମୀ ଜାତୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଲାଗି ଏଥିରୁ ରାଜ୍ୟ ଦଳ ଚୟନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ସୁଲ୍‌ତାନ୍ ଆଜଲାନ୍ ଶାହ କପ୍ ହକି

# ସଞ୍ଜୀୟଙ୍କୁ ନେତୃତ୍ୱ; ଓଡ଼ିଶାରୁ ୩ ଖେଳାଳିଙ୍କୁ ସୁଯୋଗ

**ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ସୁଲତାନ ଆଜଲାନ ଶାହ କପ୍ ହକିର ୩୧ତମ ସଂସ୍କରଣ ଚଳିତ ମାସ ୨୩ ତାରିଖରୁ ମାଲେସିଆରେ ଆରମ୍ଭ ହେବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଶନିବାର ୨୦ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ନିୟମିତ ଅଧିନାୟକ ହରମନପ୍ରୀତ୍ ସିଂହଙ୍କ ସମେତ ମନପ୍ରୀତ୍ ସିଂହ, ଗୋଲ୍‌କିପର କ୍ରିଷନ ବାହାଦୁର ପାଠକ, ସୂରଜ କେରକେରା ପ୍ରମୁଖଙ୍କୁ ଏହି ଟୁର୍ଣ୍ଣାମେଣ୍ଟ ଲାଗି ବିଶ୍ରାମ ଦିଆଯାଇଛି। ଡିଫେଣ୍ଡର ସଞ୍ଜୟ ଭାରତୀୟ ଦଳର ନେତୃତ୍ୱ ନେବେ। ସେହିଭଳି ଘୋଷିତ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍ ରୋହିଦାସ ଓ ନୀଲମ ସଞ୍ଜୀପ ଖେସ୍ ଏବଂ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଉଦ୍‌ଘାଟନୀ ଦିବସରେ କୋରିଆ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ନଭେମ୍ବର ୨୪ରେ ବେଲ୍‌ଜିୟମ, ୨୬ରେ ମାଲେସିଆ, ୨୭ରେ ନ୍ୟୁଜିଲାଣ୍ଡ ଓ ୨୯ରେ କାନାଡା ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ରାଉଣ୍ଡ ରବିନ ପର୍ଯ୍ୟାୟ ପରେ ପଏଣ୍ଟ ଆଧାରରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ୩୦ରେ ଫାଇନାଲ ଖେଳାଯିବ। ଶେଷଥର ଲାଗି ଭାରତ ୨୦୧୦ରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲା।

## ଜୁରେଲଙ୍କ ଦ୍ୱିତୀୟ ଶତକ

# ଦ.ଆଫ୍ରିକା-ଏକୁ ୪୧୭ ରନ୍‌ର ଟାର୍ଗେଟ

**ବେଙ୍ଗାଲୁରୁ,୮।୧୧(ଏଜେନ୍ସି):** ଧ୍ରୁବ ଜୁରେଲଙ୍କ ଉଭୟ ଇନିଂସରେ ଶତକ ହର୍ଷ ଦୁବେଙ୍କ ୮୪ ଓ ଅଧିନାୟକ ଋଷଭ ପନ୍ତଙ୍କ ଦ୍ରୁତ ୬୫ ରନ୍ ରନ୍ ସହାୟତାରେ ଏଠାରେ ଚାଲିଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଘରୋଇ ଭାରତ-ଏ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଆଗରେ ୪୧୭ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା କୌଣସି ୱିକେଟ ନ ହରାଇ ୨୫ ରନ୍ କରିନେଇଛି। ପୂର୍ବରୁ ଜୁରେଲ ୧୨୭ ରନ୍‌ରେ ଅପରାଜିତ ରହିବା ଫଳରେ ଭାରତ-ଏ' ତାହାର ଦ୍ୱିତୀୟ ଇନିଂସ ୭ ୱିକେଟରେ ୩୮୨ ରନ୍ କରି ସମାପ୍ତି ଘୋଷଣା କରିଥିଲା। ପୂର୍ବରୁ ପ୍ରଥମ ଇନିଂସରେ ଜୁରେଲଙ୍କ ଅପରାଜିତ ୧୩୨ ରନ୍ ସହାୟତାରେ ଭାରତ-ଏ' ୨୫୫ ରନ୍ କରିଥିଲା। ଜବାବରେ ଅଧିନାୟକ ମାର୍କ୍ୟୁଜ୍ ଆକରମ୍ୟାନ୍‌ଙ୍କ ଆକ୍ରମଣାତ୍ମକ ୧୩୪ ରନ୍ ବଳରେ ଦକ୍ଷିଣ ଆଫ୍ରିକା-ଏ' ୨୨୧ ରନ୍ କରିବାକୁ ସମର୍ଥ ହୋଇଥିଲା।

## ଚେସ୍‌ଷ୍ଟ୍ରଫ୍ ଟ୍ରଫି ଆରମ୍ଭ

# ଅନ୍ୱେଷ ସହ ମ୍ୟାଚ୍ ଡ୍ର ରଖିଲେ ଯଶିତା



**ଭୁବନେଶ୍ୱର,୮।୧୧(ସମିସ):** ଚେସ୍‌ଷ୍ଟ୍ରଫ୍ ଏକାଡେମୀ ଆନୁକୂଲ୍ୟରେ ପ୍ରଥମ ରାପିଡ୍ ଓ ବ୍ଲିଜ୍ ଚାମ୍ପିଅନସିପ୍ ଶନିବାର ଆରମ୍ଭ ହୋଇଛି। ପ୍ରଥମ ଦିନ ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ୬ଜଣ ଖେଳାଳି ୫ ରାଉଣ୍ଡରୁ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିଛନ୍ତି। ସେମାନେ ହେଲେ ଆଇଏମ୍ ସମ୍ବିତ ପଣ୍ଡା, ଏଫ୍‌ଏମ୍ ମହୀତୋଷ ଦେ', ଲଳିତରଞ୍ଜନ ସାହୁ, ଏଫ୍‌ଏମ୍ ରାଜେଶ ନାୟକ, ତପନ ବଡମୁଣ୍ଡି ଓ ସିଏମ୍ ହର୍ଷିତରଞ୍ଜନ ସାହୁ। ୪ର୍ଥ ରାଉଣ୍ଡରେ ଆଇଏମ୍ ତଥା ଡାକ୍ତର ଅନ୍ୱେଷ ଉପାଧ୍ୟାୟଙ୍କ ସହ ରାଜ୍ୟ ମହିଳା ଚେସ୍ ଚାମ୍ପିଅନ୍ ଯଶିତା ରାଉତ ମ୍ୟାଚ୍ ଡ୍ର ରଖି ଏକ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତା ଆରମ୍ଭ ହେବା ସହ ଓଡ଼ିଶାରେ ଏକ ନୂଆ ଯୁଗର ଆରମ୍ଭ ହୋଇଛି।

ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭୁ ମିଶ୍ର ଓ ଓଡ଼ିଶା ସରକାରଙ୍କ ଯୁଗ୍ମ ସଚିବ ଦୀପକ ରାଉତରାୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଆଇଏମ୍ ତଥା ପ୍ରୋଚେଷ୍ଟାର ପ୍ରଶାସନ ସ୍ୱଂଶୁ ସତ୍ୟପ୍ରାଜ୍ଞ, ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧାଜିଲ୍ଲା ଚେସ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ୨ଜଣ ଆଇଏମ୍, ୪ଜଣ ଏଫ୍‌ଏମ୍, ୫ଜଣ ସିଏମ୍‌ଙ୍କ ସହ ୨୪୫ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ଉଦ୍‌ଯାପିତ

# ଭୁବନେଶ୍ୱର ଦଳଗତ ଚାମ୍ପିଅନ



**ସମ୍ବଲପୁର, ୮।୧୧ (ସମିସ) :** ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ବଲପୁର ଦ୍ୱାରା ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଡ. ଝସକେତନ ସାହୁ ସନ୍ତରଣାଗାରରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ସମସ୍ତ ଚାରୋଟି ବର୍ଗରେ ଭୁବନେଶ୍ୱର ଦଳଗତ ଚାମ୍ପିଅନ ହୋଇଛନ୍ତି।

ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ ଭୋଇ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଧନକଉଡ଼ା କରନ ଶର୍ମା, ଯୁଯୋମୁରା ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ ଲୁହା, ଅବସରପ୍ରାପ୍ତ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାୟକ, ଅବସରପ୍ରାପ୍ତ ଶାରୀରିକ ନିରୀକ୍ଷକ ଜଗବନ୍ଧୁ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ସଭାପତିତ୍ୱ କରିଥିବାବେଳେ ଶେଷରେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଦେବସ୍ମିତା ରାଉତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ, ସତ୍ୟନାରାୟଣ ସାହୁ, ସତ୍ୟରଞ୍ଜନ ପଣ୍ଡା, ପ୍ରକାଶ ଚନ୍ଦ୍ର ପଣ୍ଡା, ସରସ୍ୱତୀ ସେଠି, ଲକ୍ଷ୍ମଣ ନାଥ, ତ୍ରିବିକ୍ରମ ରଣା, ପି. ସୁଧାଂଶୁ, ପ୍ରତାପ ଚନ୍ଦ୍ର ସେନାପତି, ଯୁଗଳ କିଶୋର ପେରା, ଜଟାଭୂଷଣ ସାହୁ, ଗୁରୁଚରଣ ସାହୁ, ମଣି ବେଜି, ରମେଶ ବେରିହା ଏବଂ ସନ୍ତରଣ ପ୍ରଶିକ୍ଷକ ଆଶୁତୋଷ ନାୟକ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଶିକ୍ଷୟିତ୍ରୀ ମନ୍ଦାକିନୀ ବାଦିଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍

# ଜଟଣୀ, ପୁରୀର ବୃହତ୍ ବିଜୟ




**ଭୁବନେଶ୍ୱର,୮।୧୧(ସମିସ):** ଏଠାରେ ଚାଲିଥିବା ରାଜ୍ୟ ବରିଷ୍ଠ ଥ୍ରୋବଲ ଚାମ୍ପିଅନସିପ୍‌ରେ ଜଟଣୀ ଓ ପୁରୀ ଦଳ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ କଟକ ୧୭-୧୬, ୧୫-୧୨ରେ କଳାହାଣ୍ଡିକୁ ଓ ଜଟଣୀ ୧୫-୨, ୧୫-୦ରେ ବୃହତ୍ ବିଜୟ ହାସଲ କରିଛନ୍ତି। ସେହିପରି ମହିଳା ବିଭାଗରେ ପୁରୀ ୧୫-୨, ୧୫-୫ରେ କଟକକୁ ଓ ସୋଆ ବିଶ୍ୱବିଦ୍ୟାଳୟ ୧୫-୧, ୧୫-୬ରେ ସିୟୁଟିଏମ୍‌କୁ ପରାସ୍ତ କରିଛି। ପୂର୍ବରୁ ସୋଆ କ୍ୟାମ୍ପସ-୨ରେ ଏହି ଟୁର୍ଣ୍ଣାମେଣ୍ଟ ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଥିଲା। ସୋଆର ଉପକୁଳପତି ଡ. ପିକେ ନନ୍ଦ ମୁଖ୍ୟ ଅତିଥି, ରାଜ୍ୟ ଥ୍ରୋବଲ ସଂଘ ସଭାପତି ଭୂପିନ୍ଦର ସିଂହ ଓ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଥ୍ରୋବଲ ସହକାରୀ ସମ୍ପାଦକ ଯଶୋବନ୍ତ ପରମଗୁରୁ ସଭା ପରିଚାଳନା, ଟେକ୍ନିକାଲ ମୁଖ୍ୟ ଦୀପ୍ତିରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ରଣଜୀ ଟ୍ରଫି: ବିଦର୍ଭର ସମ୍ମାନ ରଖିଲା ଧ୍ରୁବଙ୍କ ଶତକ

# ଫାଇଦା ଉଠାଇପାରିଲାନି ଓଡ଼ିଶା

**ଭୁବନେଶ୍ୱର, ୮।୧୧ (ସମିସ):** ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ଓ ଓଡ଼ିଶା ମଧ୍ୟରେ ଶନିବାରଠାରୁ ରଣଜୀ ଟ୍ରଫିର ଚତୁର୍ଥ ରାଉଣ୍ଡ ଆରମ୍ଭ ହୋଇଛି। ନାଗପୁରରେ ଖେଳାଯାଉଥିବା ଏହି ମ୍ୟାଚରେ ଘରୋଇ ବିଦର୍ଭ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ପ୍ରଥମ ଇନିଂସରେ ୯୦ ଓଭରରେ ୫ ୱିକେଟ୍ ହରାଇ ୨୩୪ ରନ ସଂଗ୍ରହ କରିଛି। ଧ୍ରୁବ ସୋରେ ଦମ୍‌ଦାର ଅପରାଜିତ ଶତକୀୟ ପାଳି ଖେଳି ବିଦର୍ଭକୁ ବଡ଼ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଭ୍ରମଣକାରୀ ଓଡ଼ିଶା ଭଲ ଆରମ୍ଭ କରିଥିଲେ ମଧ୍ୟ ଏହାର ଫାଇଦା ଉଠାଇ ପାରି ନ ଥିଲା।

ଏହି ମ୍ୟାଚରେ ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓଡ଼ିଶାର ଦୁଇ ବୋଲର ରାଜେଶ ମହାନ୍ତି ଓ ତାପସ ଦାସ ମିଳିତ ଭାବେ ପ୍ରଥମ ୧୦ ଓଭରରେ ବିଦର୍ଭର ୩ ଆଗଧାଡ଼ିରଙ୍କୁ ୬ ରନରେ ଆଉଟ୍ କରି ଜବରଦସ୍ତ ଆରମ୍ଭ ଦେଇଥିଲେ। ଦୁଇ ଓପନର୍ ଅଥର୍ବ ତାଇଡେ (୧) ଓ ଇନଫର୍ମ ଅମନ ମୋଖାଡେ (୦) ରାଜେଶଙ୍କ ଶିକାର ବନିଥିଲେ। ସେହିଭଳି ପାର୍ଥ ରେଖାଡେ (୨)ଙ୍କୁ ତାପସ ଆଉଟ କରିଥିଲେ। ତେବେ ମଧ୍ୟକ୍ରମରେ ଅଭିଜ୍ଞ ଧ୍ରୁବ ସୋରେ ଧୈର୍ଯ୍ୟର ସହ ବ୍ୟାଟିଂ କରିବା ସହ ଶତକ ହାସଲ କରି ଦଳକୁ ବଡ଼ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଧ୍ରୁବ ୪ର୍ଥ ୱିକେଟ୍‌ରେ ଆର୍ ସମର୍ଥ (୪୯ ରନ)ଙ୍କ ସହ ୧୪୩ ଓ ୫ମ ୱିକେଟରେ ଯଶ ରାଥୋଡ (୩୮)ଙ୍କ ସହ ୮୭ ରନର ଭାଗୀଦାରି ଗଢ଼ି ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ଖେଳ ଶେଷବେଳକୁ ଧ୍ରୁବ ୧୫୦ ବଲରେ ୧୨୮ ଓ ଅଧିନାୟକ ଅକ୍ଷୟ ୱାଦକର କୌଣସି ରନ୍ ନ କରି ଅପରାଜିତ ରହିଛନ୍ତି। ଓଡ଼ିଶା ପାଇଁ ରାଜେଶ ଓ ତାପସ ୨ଟି ଲେଖାଏ ୱିକେଟ୍ ନେଇଛନ୍ତି। ସେହିଭଳି ଏଠାରେ ପ୍ରଥମ ଶ୍ରେଣୀ ପଦାର୍ପଣ କରିଥିବା ସ୍ପିନର ଜାମଲା ମହାପାତ୍ରଙ୍କୁ ଅନ୍ୟ ୱିକେଟଟି ମିଳିଛି।


**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS